# କେ-ଫର୍ମ କେଁରେ ହନ୍ତସନ୍ତ ଉପାନ୍ତ ଅଞ୍ଚଳବାସୀ

- ବିଭାଗ ଅନୁଯାୟୀ ଜଙ୍ଗଲ ଜମି, ବାସିନ୍ଦାଙ୍କ ମତ ପଛା ମିଳୁ
- ୨ ବ୍ଲକ ଅଞ୍ଚଳରେ ୬ ହଜାର ଏକରରୁ ଉର୍ଦ୍ଧ୍ୱ ଜମି ଦଖଲ
- ଜୈବମଣ୍ଡଳ ସୁରକ୍ଷାରେ ବିପଦ ସାଜିଛି ଚିଙ୍ଗୁଡ଼ି ଘେରି

କେନ୍ଦ୍ରାପଡ଼ା, ୮।୧୦(ଜଗନ୍ନାଥ ଧଳ)


ବଡଟୁବିରେ ଥିବା ଚିଙ୍ଗୁଡି ଘେରି।

ଜଙ୍ଗଲ ଜମି ଅନଧିକାର ଭାବେ ଦଖଲ ଥିଲେ କେ-ଫର୍ମରେ ଜରିମାନା ଆଦାୟ ହେଉଛି। ତେବେ ଏହି କେ-ଫର୍ମରେ ଜରିମାନା ଆଦାୟ ପାଉତି ପାଇଁ କେନ୍ଦ୍ରାପଡ଼ା ଜିଲା ଉପାନ୍ତ ଅଞ୍ଚଳବାସୀ ହନ୍ତସନ୍ତ ହେଉଛନ୍ତି। ବନ ବିଭାଗ ଏହି ଜମି ଜଙ୍ଗଲ ବିଭାଗ ଅଧୀନରେ ଅଛି କହି ଉଚ୍ଛେଦ କରୁଛି। ମହାକାଳପଡ଼ାର ଏପରି ଜମି ଶିଳ୍ପ ପାଇଁ ରାଜ୍ୟ ସରକାର ଇଡ୍‌କୋକୁ ହସ୍ତାନ୍ତର କରିଛନ୍ତି। ତେବେ ସେଠାକାର ବାସିନ୍ଦା ଦୀର୍ଘଦିନ ଧରି ରହୁଥିବା ଦାବି ଉଠାଇ ଜମି ବାବଦ କ୍ଷତିପୂରଣ ଓ ଅନ୍ୟତ୍ର ଜମି ପାଇଁ ଗତ ୩ ମାସ ହେବ ଆନ୍ଦୋଳନ ଚଳାଇ ଆସିଛନ୍ତି। ମହାକାଳପଡ଼ା ଓ ରାଜନଗର ବ୍ଲକ ଅଞ୍ଚଳର ପ୍ରାୟ ୬ ହଜାର ଏକରରୁ ଉର୍ଦ୍ଧ୍ୱ ଜଙ୍ଗଲ ଜମି ଏବେ ଲୋକଙ୍କ କବଳକୁ ଯାଇଛି। ଏପରି କି କେ-ଫର୍ମରେ ପାଉତି ହାସଲ ପାଇଁ ହଜାରେରୁ ଏକ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଦିଆଯାଇଥିବା ବିଭିନ୍ନ ସମୟରେ ଅଭିଯୋଗ ଆସୁଛି। ଏହି ୨ ତହସିଲ ଅଧୀନରେ କେତେଜଣ ବ୍ୟକ୍ତି କେ-ଫର୍ମରେ ପାଉତି କାଟି ଗ୍ରାମ୍ୟ ଜଙ୍ଗଲ ଓ ଗୋଚର ଜମିରେ ଚିଙ୍ଗୁଡି ଘେରି ନିର୍ମାଣ କରୁଛନ୍ତି।

ଜିଲା ପ୍ରଶାସନ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ୧୯୬୨ରୁ ୧୯୮୦ ମଧ୍ୟରେ କେବଳ ମହାକାଳପଡ଼ା ତହସିଲ ଅନ୍ତର୍ଗତ ୧୭ଟି ଗ୍ରାମରେ ୪୯୦୭ ପରିବାର ଜଙ୍ଗଲ ଜମିକୁ ଅଧିକାର କରିଛନ୍ତି। ସେମାନେ ୬,୦୫୭ ଏକର ଜମି ଦଖଲ କରୁଥିବା ବେଳେ ମାତ୍ର ୨୯.୦୫ ଏକରକୁ ଜିଲା ପ୍ରଶାସନ ଲିଜ୍ ଆକାରରେ ଦେଇପାରିବ। ଅବଶିଷ୍ଟ ଜମି ଜଙ୍ଗଲ ବିଭାଗ ଅଧୀନରେ ଥିବାରୁ ମଞ୍ଜୁରୀ ଆଣିବାକୁ ପଡିବ। ୨୦୧୭ରୁ କେ-ଫର୍ମରେ ଜିଲା ପ୍ରଶାସନ ପକ୍ଷରୁ ଜଙ୍ଗଲ ଜମିକୁ ଜବରଦଖଲ କରିଥିବା ଲୋକଙ୍କ ପାଉତି କଟାଯିବା ପରେ ଜାତୀୟ ଉଦ୍ୟାନ ଭିତରକନିକା ଜୈବମଣ୍ଡଳର ସୁରକ୍ଷା ଏବେ ପ୍ରଶ୍ନବାଚୀ ହୋଇଛି।

ଏ ସମ୍ପର୍କରେ ପରିବେଶବିତ୍ ସେକ୍ ଚାନ୍ଦ କହିଛନ୍ତି, ଜାତୀୟ ଉଦ୍ୟାନ ଭିତରକନିକାର ଅବସ୍ଥିତି ୬୮୨ ବର୍ଗକିଲୋମିଟରର। ଏହା ଅଧୀନରେ ୪୧୪ଟିଗ୍ରାମ ରହିଥିବା ବେଳେ ୧୯୬୨ରୁ ଅଦ୍ୟାବଧି ୪୨ଟି ନୂତନ ରାଜସ୍ୱ ଗ୍ରାମ ସୃଷ୍ଟି ହୋଇଛି। ଜାତୀୟଉଦ୍ୟାନ ମଧ୍ୟରେ ରହିବା ପରେ ଏଠାକାର ଅଧିବାସୀ ଜଙ୍ଗଲ ଜମିରେ ଚିଙ୍ଗୁଡି ଘେରି କରୁଛନ୍ତି। ଇତିମଧ୍ୟରେ ୨ ବ୍ଲକରେ ୧୦ ହଜାରରୁ ଉର୍ଦ୍ଧ୍ୱ ହେକ୍ଟର ଜଙ୍ଗଲ ଜମିରେ ବେଆଇନ ଚିଙ୍ଗୁଡି ଘେରି ହୋଇଛି। ଏହି ଘେରିରୁ ନିର୍ଗତ ରାସାୟନିକ ବର୍ଜ୍ୟବସ୍ତୁ ପରିବେଶକୁ ନଷ୍ଟ କରୁଥିବାରୁ ସାମୁଦ୍ରିକ ଓ ବନ୍ୟପ୍ରାଣୀ ଉପରେ ପ୍ରଭାବ ପକାଉଛି। କେତେଜଣ ବ୍ୟକ୍ତି ଜଙ୍ଗଲ ଜମିର ପାଉତି ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରିଥିବା ବିଭିନ୍ନ ଅଭିଯୋଗରୁ ପ୍ରମାଣିତ ହୋଇଛି। ଜଙ୍ଗଲ ଜମି ଉପରେ ଥିବା ଲୋକଙ୍କୁ ଅନ୍ୟତ୍ର ସ୍ଥାନ ଦିଆଯାଇ ପାରିଲେ ଭିତରକନିକା ବିଶ୍ୱ ଐତିହ୍ୟ ତାଲିକାରେ ରହିପାରିବ। ବୁଦ୍ଧିଜୀବୀ ପ୍ରତାପ କୁମାର ପାଢ଼ୀ କହିଛନ୍ତି, କେ-ଫର୍ମ ପାଉତିକୁ ଏହି ଅଞ୍ଚଳରେ ସରକାରୀ ସ୍ୱତ୍ୱ ବୋଲି ଧାରଣା ସୃଷ୍ଟି କରାଯାଇଛି। ତେବେ ଜଙ୍ଗଲ ଜମିକୁ ଜବରଦଖଲ କରିଥିବାରୁ କେ-ଫର୍ମ ମାଧ୍ୟମରେ ଜିଲା ପ୍ରଶାସନ ଜରିମାନା ଆଦାୟ କରୁଛନ୍ତି। ଏହାକୁ ନେଇ ବାସସ୍ଥାନ ଅଥବା ଅନ୍ୟ ସରକାରୀ ସହଯୋଗ ମିଳିବ ନାହିଁ। ଅପରପକ୍ଷରେ ଚିଙ୍ଗୁଡି ଘେରି ନିର୍ମାଣ ପାଇଁ ସ୍ଥାନୀୟ ଅଧିବାସୀ ଏହାକୁ ବହୁଳ ଭାବେ ବ୍ୟବହାର କରୁଛନ୍ତି। ଜିଲା ମତ୍ସ୍ୟ ବିଭାଗ ଏହାକୁ ଅନୁମତି ଦେଉ ନ ଥିଲେ ମଧ୍ୟ ଜଙ୍ଗଲ ଜମିରେ ଚିଙ୍ଗୁଡି ଘେରି ହେଉଛି। ୨୦୧୨ରେ ଏହାର ବ୍ୟବହାର ବନ୍ଦ ହୋଇଥିଲା। ଏବେ ପାଉତି କଟାଯାଇଥିବା ଜମିର ମାଲିକାନା ସେଠାକାର ବାସିନ୍ଦା ଦାବି କରୁଛନ୍ତି। ଏ ସମ୍ପର୍କରେ ଏଡିଏମ୍ ପୀତାମ୍ବର ସାମଲଙ୍କୁ ପଚାରିବାରେ ଜିଲା ପ୍ରଶାସନ ପକ୍ଷରୁ ଜଙ୍ଗଲ ଜମିକୁ ଚିଙ୍ଗୁଡି ଘେରି ପାଇଁ ମଞ୍ଜୁରୀ ଦିଆଯାଇନାହିଁ। ଏପରି ବେଆଇନ କାର୍ଯ୍ୟ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଅମିତ୍ରା


@ ଦିଲୀପ


@ ଲିପୁନ


@ ପୁରୁଷୋତ୍ତମ


@ ଶ୍ରାବଣୀ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସାହିତ୍ୟ ହିଁ ପରିବର୍ତ୍ତନର ଧାରା ଆଣିପାରିବ


ଜୟରାଷ୍ଟ୍ର ଆଲୋଚନାଚକ୍ର ଅବସରରେ ଲୋଗୋକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

କେନ୍ଦ୍ରାପଡ଼ା, ୮।୧୦ (ଜଗନ୍ନାଥ ଧଳ)

## ଜୟରାଷ୍ଟ୍ରର ଆଲୋଚନାଚକ୍ର, ଲୋଗୋ ଉନ୍ମୋଚିତ

ସାହିତ୍ୟ ଚର୍ଚ୍ଚା ଅର୍ଥ ମନର ପରିଭାଷାକୁ ଅନ୍ୟତ୍ର ପହଞ୍ଚାଇବା। ଏହା ଯେବେ ରାଷ୍ଟ୍ର ହିତରେ ହୁଏ, ତାହା ସାମାଜିକ ଓ ଅର୍ଥନୈତିକ ବ୍ୟବସ୍ଥାକୁ ପରିବର୍ତ୍ତନ ଆଣିପାରିବ ବୋଲି ସାମାଜିକ ସଙ୍ଗଠନ ଜୟରାଷ୍ଟ୍ର ପକ୍ଷରୁ ଆୟୋଜିତ ଆଲୋଚନାଚକ୍ର ଓ ରାଷ୍ଟ୍ରବାଦୀ କବିତା ମହୋତ୍ସବ ଲୋଗୋ ଉନ୍ମୋଚନ ଅବସରରେ ମତପ୍ରକାଶ ପାଇଛି। କେନ୍ଦ୍ରାପଡ଼ା ବ୍ଲକ କନ୍ତିଆ ମଠ ପରିସରରେ ରବିବାର ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ଶୁଭାଶିଷ ଜେନା ଅଧ୍ୟକ୍ଷତା କରିଥିଲେ। ଏଥିରେ ମଠ ମହନ୍ତ ସିଦ୍ଧାର୍ଥ ଶଙ୍କର ଦାସ, ଡା. ବୀରେନ୍ଦ୍ର କୁମାର ଦାସ, ଅଧ୍ୟାପକ ବୃନ୍ଦାବନ ଦାସ, ସାମାଜିକ କର୍ମୀ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଶିକ୍ଷାବିତ୍ ରଞ୍ଜନ କୁମାର ବିଶ୍ୱାଳ, ଜ୍ୟୋତିରଞ୍ଜନ ନାୟକ, ପ୍ରବୋଧ କୁମାର ପଣ୍ଡା, ପତିତପାବନ ଲେଙ୍କା ଆଲୋଚକ ଭାବେ ଯୋଗ ଦେଇଥିଲେ। ସେମାନେ ଦର୍ଶାଇଥିଲେ ଯେ, ରାଷ୍ଟ୍ର ପ୍ରତି କର୍ତ୍ତବ୍ୟ ଇଚ୍ଛା କ୍ରମଶଃ ଲୋକଙ୍କ ମନରୁ କମି ଆସୁଛି। ଫଳରେ ଦେଶରେ ଅଶାନ୍ତି ସୃଷ୍ଟି ହେଉଛି। ଏଥିପାଇଁ ସାହିତ୍ୟ ଚର୍ଚ୍ଚା ଅତି ଆବଶ୍ୟକ ହୋଇଛି। ଫରାସୀରେ ନବଜାଗରଣ ପାଇଁ ଦାନ୍ତେ, ଭୋଲଟାୟାରଙ୍କ ଲେଖା ବହୁ ପରିବର୍ତ୍ତନ ଆଣିଥିଲା। ସେହିପରି ଭାରତୀୟ ସଂସ୍କୃତିକୁ ବଞ୍ଚାଇବା ପାଇଁ ବେଦ, ପୁରାଣ, ଉପନିଷଦଠାରୁ ଆରମ୍ଭ କରି ବହୁ ପ୍ରତିଭା ସାହିତ୍ୟ ଚର୍ଚ୍ଚା ମାଧ୍ୟମରେ ଅପପ୍ରଚାର ପ୍ରସାର ଚଳାଇ ଥିଲେ। ଏହାକୁ ଦୃଷ୍ଟିରେ ରଖି ଜୟରାଷ୍ଟ୍ର ପକ୍ଷରୁ ଆସନ୍ତା ଡିସେମ୍ବରରେ ହେବାକୁ ଥିବା ରାଷ୍ଟ୍ରବାଦୀ କବିତା ମହୋତ୍ସବକୁ ସଫଳ ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ମହୋତ୍ସବର ଲୋଗୋ ଅତିଥିମାନେ ଉନ୍ମୋଚନ କରିଥିଲେ। ପ୍ରାରମ୍ଭରେ ଆବାହକ ମାତୃଦତ୍ତ ମହାନ୍ତି ଆଲୋଚନାଚକ୍ର ସମ୍ପର୍କରେ ସମ୍ୟକ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ବୀରେନ୍ଦ୍ର ଦାସ, ପଙ୍କଜ ସିହ୍ନା ପରିଚାଳନା କରିଥିଲେ। ଏଥିରେ ଜୟରାଷ୍ଟ୍ର ସଙ୍ଗଠନର ବହୁ ସଦସ୍ୟ ଯୋଗ ଦେଇଥିଲେ।

# ଖବରଦାତାଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା

କେନ୍ଦ୍ରାପଡ଼ା, ୮।୧୦ (ଜଗନ୍ନାଥ ଧଳ)

## ଏସ୍‌ୟୁଜେର ଜିଲାସ୍ତରୀୟ ବୈଠକ

ସହରର ତିନିମୁହାଣୀସ୍ଥିତ ରାଜ୍ୟ ସାମ୍ବାଦିକ ସଂଘ (ଏସ୍‌ୟୁଜେ) କେନ୍ଦ୍ରାପଡ଼ା ଶାଖା ପକ୍ଷରୁ ଜିଲାସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଉପସଭାପତି ଅସିତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସାଙ୍ଗଠନିକ କାର୍ଯ୍ୟଧାରା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ଏଥିରେ ରାଜ୍ୟ ସମ୍ପାଦକ ଶିବାଶିଷ ମହାନ୍ତି, ଜିଲା ସଭାପତି ଦୈତାରୀ ଜେନା, ସମ୍ପାଦକ ପ୍ରଶାନ୍ତ ନାୟକ, ସହସମ୍ପାଦକ ସଞ୍ଜୟ ପଣ୍ଡା ଯୋଗ ଦେଇଥିଲେ । ଜିଲା ସଂଘ ପକ୍ଷରୁ ରକ୍ତଦାନ ଶିବିର ଆୟୋଜନ ସହ ଖବରଦାତାଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିସହ ସାଙ୍ଗଠନିକ ଶକ୍ତିବୃଦ୍ଧି ପାଇଁ ଲୋକସମ୍ପର୍କ ଓ ନିଜସ୍ୱ କର୍ମ କୁଶଳତା ବୃଦ୍ଧି ପାଇଁ କର୍ମଶାଳା ଆୟୋଜନ ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ଏଥିରେ ୯ ବ୍ଲକ କୋଅର୍ଡିନେଟର ସହ ପ୍ରଫୁଲ୍ଲ ମଲ୍ଲ, ମାନସ ମଲ୍ଲ, ଉତ୍କଳ ପାହାଡସିଂ, ନିରଞ୍ଜନ ପରିଡା, ସୁଧାଂଶୁ ତ୍ରିପାଠୀ, ପ୍ରତାପ ପାଢ଼ୀ, ଶିଶିର ସେଣ, ପ୍ରଣୟ ନାୟକ, ଦୀପ୍ତିରଞ୍ଜନ ମଲ୍ଲିକ, ସୁକାନ୍ତ ବେହେରା, ଅଜୟ ପାତ୍ର ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।


ବୈଠକରେ ଉପସ୍ଥିତ ଖବରଦାତାମାନେ।

# ଜାତୀୟ ଭଲିବଲ ଖେଳାଳି ଧନଞ୍ଜୟ କିଡ୍‌ନୀ ରୋଗରେ ଆକ୍ରାନ୍ତ

ଡେରାବିଶ, ୮।୧୦(ବେବର୍ତ୍ତା ଅଜୟ ଦାସ)

## ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ


ଧନଞ୍ଜୟ ଦାସ

ଭଲିବଲ୍ ଖେଳ ପ୍ରତି ଆଗ୍ରହ ରଖି ଜାତୀୟ ସ୍ତରରେ ନିଜର ପରିଚୟ ସୃଷ୍ଟି କରିଥିବା ଜଣେ କ୍ରୀଡ଼ାବିତ୍ ଏବେ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଦୁର୍ଦ୍ଦିନରେ କାଳ କାଟୁଛନ୍ତି। ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ। ଏଭଳି ଦୁଃଖଦ ଘଟଣା ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ଅନ୍ତର୍ଗତ କୁରୁଜଙ୍ଗା ପଞ୍ଚାୟତ ବଡ଼ମଙ୍ଗରାଜପୁର ଗାଁରେ। ଗାଁର କୁଳମଣି ଦାସଙ୍କ ପୁଅ ଧନଞ୍ଜୟ (୩୨) ଜଣେ ଜାତୀୟ ସ୍ତରର ଭଲିବଲ୍ ଖେଳାଳି। ରାଜ୍ୟ ତଥା ରାଜ୍ୟ ବାହାରେ ଭଲିବଲ୍ ପ୍ରତିଯୋଗିତାରେ ଭାଗ ନେଇ ବହୁବାର ପୁରସ୍କୃତ ହୋଇଛନ୍ତି। ଏହି ଖେଳରେ ନିଜକୁ ଆହୁରି ସୁଦୃଢ଼ କରିବା ପାଇଁ ରୁଚି ରଖିଥିବା ଧନଞ୍ଜୟ ଏବେ କିଡ୍‌ନୀ ରୋଗରେ ଆକ୍ରାନ୍ତ। ସ୍ଥାନୀୟ ଚାଟରାଚକଡ଼ା ପଞ୍ଚାୟତ ଫକୀରାବାଦ ରାମଚନ୍ଦ୍ର ନୋଡାଲ୍ ଉଚ୍ଚବିଦ୍ୟାଳୟରେ ଚୁକ୍ତିଭିତ୍ତିକ କ୍ରୀଡ଼ା ଶିକ୍ଷକ ଭାବେ ସେ କାର୍ଯ୍ୟରତ ଅଛନ୍ତି। ୨୦୨୧ରେ ଧନଞ୍ଜୟଙ୍କ ବିବାହ ହୋଇଥିବା ବେଳେ ତାଙ୍କର ଏକ ବର୍ଷର ଶିଶୁପୁତ୍ର ମଧ୍ୟ ରହିଛି। ପରେ ନିଜକୁ ଅସୁସ୍ଥତା ଅନୁଭବ କରି ମଧ୍ୟ ଭଲିବଲ୍ ଖେଳଠୁ ଧନଞ୍ଜୟ ଦୂରେଇ ନ ଥିଲେ। ଅଧିକ ଅସୁସ୍ଥ ଅନୁଭବ କରିବା ପରେ ସେ ତାଙ୍କର ଡାକ୍ତରୀ ପରୀକ୍ଷା କରିଥିଲେ। ପରୀକ୍ଷାରେ ତାଙ୍କର ଦୁଇଟି କିଡ୍‌ନୀ ନଷ୍ଟ ହୋଇଯାଇଥିବା ଡାକ୍ତର ତାଙ୍କୁ କହିଥିଲେ। ଏହା ଜଣାପଡିବା ପରେ ଧନଞ୍ଜୟଙ୍କ ସମେତ ତାଙ୍କ ପରିବାର ଚିନ୍ତାରେ ପଡିଛନ୍ତି। ବାପା କୁଳମଣି କୁରୁଜଙ୍ଗା ମଧ୍ୟଇଂରାଜୀ ବିଦ୍ୟାଳୟରେ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଭାବେ କାର୍ଯ୍ୟ କରିବା ସହ ୨୦୧୯ରେ ଅବସର ନେଇଛନ୍ତି। ତେବେ ପରିବାରକୁ ପ୍ରତିପୋଷଣ କରୁଥିବା ଧନଞ୍ଜୟ ଏବେ କିଡ୍‌ନୀଜନିତ ରୋଗରେ ପୀଡ଼ିତ ହୋଇ ଘରେ ଅସହାୟ ଅବସ୍ଥାରେ ଅଛନ୍ତି। ପେନ୍‌ସନଭୋଗୀ କୁଳମଣିଙ୍କ ଅର୍ଥରେ ପରିବାର ଚଳିବା ମଧ୍ୟ କଷ୍ଟକର ହୋଇପଡ଼ିଛି। ଏଭଳି ଅବସ୍ଥାରେ କିଡ୍‌ନୀ ପ୍ରତିରୋପଣ ପାଇଁ ଧନଞ୍ଜୟଙ୍କ ନିମନ୍ତେ ଅର୍ଥ ସଙ୍କଟ ଦେଖାଦେଇଛି। ଏଥିପାଇଁ ବହୁ ଅର୍ଥର ଆବଶ୍ୟକତା ଥିବା ବେଳେ କୁରୁଜଙ୍ଗା ଭଲିବଲ୍ ଆସୋସିଏଶନ୍ ଓ ଗ୍ରାମବାସୀ ତାଙ୍କୁ ସହାୟତା କରିବାକୁ ଅଣ୍ଟା ଭିଡ଼ିଛନ୍ତି। ଖବରପାଇ ରବିବାର ସାମାଜିକ କର୍ମୀ ପ୍ରାଧ୍ୟାପକ ଅଜୟ ରାଉତ ବଡ଼ମଙ୍ଗରାଜପୁରରେ ପହଞ୍ଚି ଧନଞ୍ଜୟଙ୍କୁ ସହାୟତା କରିବା ପାଇଁ ହାତ ବଢ଼ାଇଛନ୍ତି। ଜଣେ କ୍ରୀଡ଼ାବିତ୍‌ଙ୍କ ଆଶୁ ଆରୋଗ୍ୟ ପାଇଁ ଏବଂ ଆବଶ୍ୟକ ପଡୁଥିବା ଅର୍ଥ ଜିଲା ପ୍ରଶାସନ ସହାୟତା କରିବାକୁ ଅଧ୍ୟାପକ ଗୋଲଖ ଚନ୍ଦ୍ର ମହାଭୋଇ ଜିଲାପାଳଙ୍କ ନିକଟରେ ନିବେଦନ କରିଛନ୍ତି। ବଦାନ୍ୟ ବ୍ୟକ୍ତି ଓ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ଧନଞ୍ଜୟଙ୍କୁ ସହାୟତା ପାଇଁ ମହାଭୋଇ ନିବେଦନ କରିଛନ୍ତି।

# ଜଗରିଜୋର-ଭୋପାଳ ମୁଖ୍ୟ ରାସ୍ତାରେ ମଇଁଷି ଗୋଠ

- ଆମ୍ବୁଲାନ୍ସ, ଦମକଳ ଗାଡ଼ି ଯିବାରେ ଅସୁବିଧା
- ଚାରଣ ଭୂମି ଜବରଦଖଲ ଯୋଗୁ ସମସ୍ୟା

ମହାକାଳପଡ଼ା, ୮।୧୦
(ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳ ଜଗରିଜୋରଠାରୁ ଭୋପାଳ ଗ୍ରାମ୍ୟ ଉନ୍ନୟନ ମୁଖ୍ୟ ରାସ୍ତାର ପାଣିଖିଆ ସାନ୍ତାଳପଡ଼ା ଗ୍ରାମ ସନ୍ନିକଟରେ ବହୁ ମଇଁଷି ଗୋଠ କରି ବନ୍ଧାଯାଉଛି। ଫଳରେ ଏହି ମୁଖ୍ୟ ରାସ୍ତାରେ ଆମ୍ବୁଲାନ୍ସ, ଦମକଳ ଗାଡ଼ି, ସାମୁଦ୍ରିକ ଥାନା, ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ କାର୍ଯ୍ୟାଳୟକୁ ଯାତାୟାତ ପାଇଁ ବିଭିନ୍ନ ସମୟରେ ସମସ୍ୟା ଉପୁଜୁଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ଅନେକ ସମୟରେ ବିଭିନ୍ନ ଗାଡ଼ି ଦୁର୍ଘଟଣା ଘଟୁଥିବା ସ୍ଥାନୀୟ ଲୋକେ କହିଛନ୍ତି। ଅପରପକ୍ଷରେ ସ୍ଥାନୀୟ ନାଞ୍ଜୁରା ଗ୍ରାମର କେତେଜଣ ମଇଁଷି ପାଳକଙ୍କର ସ୍ଥାନ ଅଭାବରୁ ଏହି ମୁଖ୍ୟ ରାସ୍ତାରେ ସୁରକ୍ଷିତ ମଣି ଗୋଠ କରି ବାନ୍ଧୁଥିବା ଦେଖିବାକୁ ମିଳୁଛି। କାରଣ ସରକାରୀ ଜମି ଗୋଚର, ଅନାବାଦୀ, ପତିତ, ଜଙ୍ଗଲ ଜମି ଜବରଦଖଲ କରାଯିବା ସହ ଚାଷ ଜମି ଘରବାଡ଼ି କରି ଦଖଲ ହୋଇଥିବାରୁ ଚାରଣ ଭୂମି ଅଭାବ ଦେଖାଦେଇଛି। ଫଳରେ ମଇଁଷି ପାଳକମାନେ ଉକ୍ତ ସ୍ଥାନ ମଣି ଏହି ମୁଖ୍ୟ ରାସ୍ତାକୁ ନିଜ ଅକ୍ତିଆର କରିଥିବା କୁହାଯାଉଛି। ସେହିପରି ଗୋଗୁଆ ରାଜସ୍ୱ ସର୍କଲ ଅଞ୍ଚଳରେ ପ୍ରଭାବଶାଳୀ ବ୍ୟକ୍ତିମାନେ ବିପୁଳ ପରିମାଣରେ ସରକାରୀ ଜମି ଜବରଦଖଲ କରିଥିବା କୁହାଯାଉଛି। ତୁରନ୍ତ ଏହି ମୁଖ୍ୟ ରାସ୍ତାରୁ ମଇଁଷି ଗୋଠ ହଟାଇବା ପାଇଁ ସ୍ଥାନୀୟ ପାଣିଖିଆ ଆଦିବାସୀ ଅଧ୍ୟୁଷିତ ସାନ୍ତାଳ ପଡ଼ାର ସୁନାକର ମାରାଣ୍ଡି, ଲବ ମାରାଣ୍ଡି, କୁସୁ ମାରାଣ୍ଡି, ଶଙ୍କର ମାରାଣ୍ଡି, ଚରଣ ଟୁଡୁ, ବାବୁଲି ଟୁଡୁ, ଚୈତନ୍ୟ କିସ୍କୁ, ସୁରେଶ ସୋରେନ ଓ ଗୁରୁଭା ହାଁସଦା ପ୍ରମୁଖ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ତନ୍ତିଆପାଳ ସାମୁଦ୍ରିକ ଥାନା ଅଧିକାରୀ ସଞ୍ଜୟ କୁମାର ମଲିକଙ୍କୁ ପଚାରିବାରେ ଖୁବ୍‌ଶୀଘ୍ର ଏହି ମୁଖ୍ୟ ରାସ୍ତାରେ ମଇଁଷି ଗୋଠ ହଟାଇ ମୁକ୍ତ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।


ରାସ୍ତାରେ ମଇଁଷି ଗୋଠ ଯାତାୟାତରେ ସମସ୍ୟା ଉପୁଜୁଛି।

# କାଠିରେ ଆସି ଦର୍ଶନ ଦେଲେ ମା'ଖିଲାମୁଣ୍ଡା

**■ ରାଜବାଟୀରେ ଭକ୍ତଙ୍କ ଭିଡ଼**

**■ ୧୬ଦିନ ପରେ ପାରା ଦେହରେ ଫେରିବେ ମା'**

ରଣପୁର,୮।୧୦(ସୁକାନ୍ତ କିଶୋର ଡାକୁଆ)



ମା'ଖିଲାମୁଣ୍ଡାଙ୍କୁ ଶ୍ରଦ୍ଧାଳୁମାନେ କାଠିରେ ରଣପୁର ରାଜନଅରକୁ ଆଣୁଛନ୍ତି।

ନୟାଗଡ଼ ଜିଲା ରଣପୁର ସଂରକ୍ଷିତ ମାଳ ଜଙ୍ଗଲ ବନ୍ଧମୁଣ୍ଡା ପଞ୍ଚାୟତ ରାଆଁଳା ଗ୍ରାମ ନିକଟ ବଣ ପାହାଡ ଘେରରେ ପୂଜା ପାଉଥିବା ମା'ଖିଲାମୁଣ୍ଡାଙ୍କ ଷୋଳ ଦିବସୀୟ ଯାତ୍ରା ଶନିବାରଠାରୁ ଆରମ୍ଭ ହୋଇଛି । ପ୍ରତିବର୍ଷ ମା'ଆଶ୍ୱିନ ମାସ ଦ୍ୱିତୀୟା ଓଷା ଦିନ ୧୬ ଦିନ ପାଇଁ ରଣପୁର ରାଜବାଟିକୁ କାଠିରେ ଆସି ଦଶହରା ଦିନ ପାରା ଦେହରେ ପୁଣି ଫେରି ଥାଆନ୍ତି । ଏହି ପରମ୍ପରା କେଉଁ କାଳରୁ ଚାଲି ଆସିଛି। ଏଥିପାଇଁ ସକାଳୁ ଖିଲାମୁଣ୍ଡା ପୀଠରେ ଭିଡ଼ ଜମିଥିଲା । ଢୋଲ,ଘଣ୍ଟ, ହରିବୋଲ, ହୁଳହୁଳିରେ ଏହି ପୀଠ ପ୍ରକମ୍ପିତ ହୋଇଥିଲା । ଚଳିତ ବର୍ଷ ମା'ବୁଢା ରୂପରେ ଦର୍ଶନ ଦେବେ ବୋଲି ଜଣାଇଛନ୍ତି । ମା'ଙ୍କ ଆଗମନରେ ଶ୍ରଦ୍ଧାଳୁମାନେ ଦୁର୍ଗମ ପଥ ଅତିକ୍ରମ କରି ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଥିବା ମା'ଙ୍କ ପୀଠରେ ରୁଣ୍ଡ ହୋଇଥିଲେ । ରବିବାର ମା'ଙ୍କ ଦର୍ଶନ ପାଇଁ ପ୍ରବଳ ଭିଡ଼ ଜମିଥିଲା।

ଦୀର୍ଘ ୩ଶହ ବର୍ଷ ହେବ ମା'ଖିଲାମୁଣ୍ଡା ରାଆଁଳାରୁ ରଣପୁର ରାଜ ପ୍ରସାଦକୁ ଆସୁଥିବା ଲୋକମୁଖରୁ ଶୁଣିବାକୁ ମିଳିଛି। ବିଧିମୁତାବକ ପୂଜା ପାଠ ପରେ ମା'ସବାର ହୋଇଥିଲେ। ପରେ ସେଠାରେ ରୁଣ୍ଡ ହୋଇଥିବା ଭକ୍ତମାନଙ୍କ ମଧ୍ୟରୁ କେତେଜଣଙ୍କୁ ଡାକି ହୁକୁମ ଦେଇଥିଲେ । ଦୀର୍ଘସମୟ ଧରି ଭକ୍ତମାନଙ୍କୁ ହୁକୁମ ଦେବା ପରେ ଏକ ବିରାଟ ବାଉଁଶ ଦଣ୍ଡରେ ଝୁଲି ପଡିଥିଲେ। ମଧ୍ୟାହ୍ନ ୧ଟା ସମୟରେ ରାଜ ପ୍ରସାଦ କର୍ମଚାରୀମାନେ ମା'ଙ୍କୁ ରଣପୁର ଅଭିମୁଖେ ଆଣିଥିଲେ। ଦ୍ୱିତୀୟା ଓଷା ପୂର୍ବ ଦିନ ସ୍ଥାନୀୟ ରାଜ ପ୍ରସାଦ କର୍ମଚାରୀ ଓ ଭକ୍ତମାନେ ରାଜବାଟୀ ପରିସରରେ ଥିବା ଏକ ବିରାଟ ବାଉଁଶ ଖଣ୍ଡକୁ ରାଆଁଳ ଅଭିମୁଖେ ନେଇଥାନ୍ତି । ଖିଲାମୁଣ୍ଡା ପୀଠକୁ ବାଉଁଶ ଖଣ୍ଡ ନେଇ ସେଠାରେ ପୂଜା ପାଠ କଲାପରେ କାଳିସୀ ସବାର ହୋଇଥାଆନ୍ତି । ପ୍ରଥମେ ଦେଶ ଓ ରାଜ୍ୟର ସାମ୍ପ୍ରତିକ ସ୍ଥିତି କି ଭଳି ରହିବ ବୋଲି ମତ ଦେଇଥାନ୍ତି । ଖିଲାମୁଣ୍ଡା ସେଠାରେ ବୁଢ଼ୀ,ବୁଢା, ପୁଅ ପାତିଆକାର, ବୋହୂ ଗୁପତସିଂ ନାମରେ ରହିଥାନ୍ତି । ଯଦି ସେହି ବର୍ଷ ଠାକୁର ବୁଢୀବୁଢା ରୂପରେ ଦର୍ଶନ ଦେବେ ସେହି ବର୍ଷ ଭଲ ଫସଲ ହୋଇଥାଏ ବୋଲି ବିଶ୍ୱାସ ରହିଛି । ଚଳିତ ବର୍ଷ ମା'ବୁଢା ରୂପରେ ଦର୍ଶନ ଦେଇଛନ୍ତି। ମା'ରଣପୁର ରାଜବାଟୀକୁ ଆସୁଥିବା ବେଳେ ପ୍ରତି ଛକକୁ ଗ୍ରାମବାସୀ ଧୁଆଲିପା କରି ପୂଜାର୍ଚ୍ଚନା କରିଥିଲେ। ରଣପୁର ଅଞ୍ଚଳର ମହିଳାମାନେ ଉପବାସରେ ରହି ମା'ଙ୍କ ଦର୍ଶନ କରିବା ପରେ ଜଳ ଗ୍ରହଣ କରିଥିବା ଜଣାପଡ଼ିଛି। ବିଧି ଅନୁଯାୟୀ ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ମହାପ୍ରସାଦ ମା' ଖିଲାମୁଣ୍ଡାଙ୍କୁ ଅର୍ପଣ କରାଯାଇଛି ।

କିମ୍ବଦନ୍ତୀ ଅନୁଯାୟୀ, ରଣପୁରର ତତ୍କାଳୀନ ରାଜା ନାରାୟଣ ସିଂହ ନରେନ୍ଦ୍ର ରାଜତ୍ୱ କଲାବେଳେ (୧୬୭୫–୧୬୯୧) ପୁରୀର ତତ୍କାଳନୀ ଗଜପତି ରଣପୁର ଆକ୍ରମଣକରି ରାଜ୍ୟ ଅଧିକାର କଲେ । ଭୟରେ ଯୁବରାଜ ନାରାୟଣ ଶଙ୍ଖ ଯୋଡିମାଳ ମଧ୍ୟରେ ଆତ୍ମ ଗୋପନ କରିଥିଲେ । ପୁରୀ ଗଜପତିଙ୍କ ଲୋକମାନେ ରଣପୁର ନିକଟସ୍ଥ ରାଜନଅରରେ ଶିବିର ପକାଇ ୭ ବର୍ଷ କାଳ ଶାସନ କରିଥିଲେ । ୭ ବର୍ଷ ଧରି ରଣପୁରରେ ଚାଲିଲା ଅତ୍ୟାଚାର, ଲୁଣ୍ଠନ । ଏତିକିରେ ବି ଅତ୍ୟାଚାର ଓ ଲୁଣ୍ଠନ ସରି ନ ଥିଲା । ରଣପୁର ଜଗନ୍ନାଥ ମନ୍ଦିର ସମ୍ମୁଖରେ ଥିବା ପ୍ରସିଦ୍ଧ ସିଂହ ୨ଟିକୁ ପୁରୀ ସ୍ଥାନାନ୍ତର କରିବାକୁ ଯୋଜନା କରି ବିଫଳ ହୋଇଥିଲେ ଗଜପତିଙ୍କ ଲୋକମାନେ । ପୁରୀ ଗଜପତିଙ୍କ ଲୋକମାନଙ୍କ ଭୟରେ ଯୁବରାଜ ନାରାୟଣ ଶଙ୍ଖଯୋଡିରେ ଲୁଚି ରହିଲେ ଓ ସେଠାରେ ଅଧିବାସୀଙ୍କ ଠାରୁ ଖିଲାମୁଣ୍ଡାଙ୍କ ମହିମା ବିଷୟରେ ଜାଣି ମା'ଙ୍କ ଆଶ୍ରିତ ହେଲେ। ପରେ ମା'ଙ୍କ ପୂଜା ପାଠ କରି ଶରଣ ପଶିଲେ। ଏହାପରେ ସେ ପୁରୀ ଗଜପତିଙ୍କୁ ପରାସ୍ତ କରି ରଣପୁର ରାଜ୍ୟ ପୁଣି ଫେରିପାଇଥିଲେ। ସେଦିନଠାରୁ ପ୍ରତିବର୍ଷ ମା'୧୬ ଦିନ ପାଇଁ ରାଜପ୍ରସାଦରେ ଭକ୍ତମାନଙ୍କୁ ଦର୍ଶନ ଦେଇଥାଆନ୍ତି।

## ଖବରଦାତାଙ୍କୁ ହତ୍ୟା ଧମକ ଦେଇ ଯୁବକ ଅଟକ

**ଭାପୁର,୮।୧୦(ଭରତ କୁମାର ବେହେରା):** ଫତେଗଡ ଥାନା ଅନ୍ତର୍ଗତ ଭାପୁର ବ୍ଲକର ଜଣେ ଖବରଦାତାଙ୍କୁ ହତ୍ୟା ଧମକ ଦେଇ ଜଣେ ଯୁବକ ଥାନାରେ ଅଟକ ଥିବା ସୂଚନା ମିଳିଛି। କରବର ପଞ୍ଚାୟତର ଜଣେ କର୍ତ୍ତବ୍ୟରତ ୱେବ୍ ଚ୍ୟାନେଲର ଖବରଦାତା କୁଳମଣି ଦାସ (୪୬)ଙ୍କୁ ମାଣିତ୍ରୀ ଗ୍ରାମର ସୁଦାମ ବେହେରା ଆସି ଅଶ୍ଲୀଳ ଭାଷାରେ ଗାଳିଗୁଲଜ କରିବା ସହିତ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ। ଅଗଷ୍ଟ ମାସରେ ସେହି ଗ୍ରାମରେ ଜଣେ ବିଧବା ମହିଳାଙ୍କୁ ବଳାତ୍କାର ଉଦ୍ୟମ କରି ଯୁବକ ଜଣକ ଜେଲ ଯାଇଥିଲେ। ଏହି ଖବରକୁ ଖବରଦାତା ଦାସ ନିଜ ୱେବ୍ ଚ୍ୟାନେଲରେ ପ୍ରସାରଣ କରିଥିଲେ। ସୁଦାମ ଜାମିନରେ ଆସିବା ପରେ କାହିଁକି ଖବର ପ୍ରସାରଣ କରିଥିଲ କହି ହତ୍ୟା ଧମକ ଦେଇ ଥିଲେ। ଏନେଇ ଦାସ ଫତେଗଡ଼ ଥାନାରେ ଲିଖିତ ଅଭିଯୋଗ ପରେ ଫତେଗଡ ଥାନା ପକ୍ଷରୁ ସୁଦାମଙ୍କୁ ଅଟକ ରଖିଛି। ସାମ୍ବାଦିକ ସଂଘ ପକ୍ଷରୁ ହତ୍ୟା ଧମକ ଦେଇଥିବା ଯୁବକଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।

## ଶରଣକୁଳରେ 'ଘରେ ଘରେ କଂଗ୍ରେସ' କାର୍ଯ୍ୟକ୍ରମ




ଘରେ ଘରେ କଂଗ୍ରେସ କାର୍ଯ୍ୟକ୍ରମରେ ଦଳୀୟ କର୍ମୀ ଓ ନେତା।

ନୟାଗଡ଼,୮।୧୦(ଲୋକନାଥ ମିଶ୍ର)

ଓଡ଼ଗାଁ ବ୍ଲକ କଂଗ୍ରେସ ପକ୍ଷରୁ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ରବିବାର ପୂର୍ବାହ୍ନରେ ପଦଯାତ୍ରା ଅନୁଷ୍ଠିତ ହୋଇଛି। ଶରଣକୁଳ ଲଡୁବାବଙ୍କ ମନ୍ଦିରଠାରୁ ବ୍ଲକ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ପଦଯାତ୍ରାରେ ଓଡିଶା ପ୍ରଦେଶ କଂଗ୍ରେସର ସଭ୍ୟ ତଥା ରାଷ୍ଟ୍ରୀୟ ମଜଦୂର କଂଗ୍ରେସର ରାଷ୍ଟ୍ରୀୟ ସଙ୍ଗଠନ ସମ୍ପାଦକ ସତ୍ୟବ୍ରତ ନାୟକ ଯୋଗ ଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। କଂଗ୍ରେସ କର୍ମୀମାନେ ଶରଣକୁଳ ଓ ହରିହରପୁର ପଞ୍ଚାୟତର ଘରକୁ ଘର ବୁଲି ପ୍ରଚାରପତ୍ର ମାଧ୍ୟମରେ ଲୋକଙ୍କୁ ସଚେତନ କରାଇଥିଲେ। କାର୍ଯ୍ୟକ୍ରମରେ ପ୍ରତୀକ ମହାପାତ୍ର, ବିମଳ କୁମାର ଦାସ,ମୀର ଅବୁବକର ସିଦ୍ଧିକ, ଜ୍ୟୋତିରଞ୍ଜନ ଦାସ, ପ୍ରକାଶ ଚନ୍ଦ୍ର ନାୟକ, ଆଲୋକ ଚନ୍ଦ୍ର ପ୍ରଧାନ,ସୁରେଶ ମହାରଣା, ରମେଶ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଗୋପାଳ ସାହୁ, ଦୁଃଶାସନ ମହାରଣା, ପ୍ରତାପ ପ୍ରଧାନ, ଝୁନୁ ନାୟକ, ଅହଲ୍ୟା ସେଠୀ, ଦିଲୀପ ମାଲିକ ପ୍ରମୁଖ ଶତାଧିକ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ।

## ନିଜ ବନ୍ଧୁକରୁ ଗୁଳି ଫୁଟି ଶିକାରୀ ଗୁରୁତର



ନୟାଗଡ଼ ଡାକ୍ତରଖାନାରେ ଆହତ ସନ୍ନ୍ୟାସୀ।

**ନୟାଗଡ଼,୮।୧୦(ଲୋକନାଥ ମିଶ୍ର):** ଶନିବାର ରାତିରେ ବୌଦ୍ଧ ଜିଲା ପୁରୁଣା କଟକ ଥାନା ବଦଲା ଜଙ୍ଗଲରେ ନିଜ ବନ୍ଧୁକରୁ ଗୁଳି ଫୁଟି ଜଣେ ଶିକାରୀ ଗୁରୁତର ହୋଇଛନ୍ତି। ଆହତ ଶିକାରୀ ହେଲେ ସନ୍ନ୍ୟାସୀ ଜାନି(୪୫)। ଘର ବୌଦ୍ଧ ଜିଲା ପୁରୁଣା କଟକ ଥାନା ଅଧୀନ ବଦଲା ଗାଁରେ । ସନ୍ନ୍ୟାସୀଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ବାଣୀଗୋଛା ଓ ପରେ ଦଶପଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥାରେ ଉନ୍ନତି ନ ଆସିବାରୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ପରେ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଇଛି। ସନ୍ନ୍ୟାସୀ ଶନିବାର ରାତିରେ ଜଙ୍ଗଲକୁ ଶିକାର ପାଇଁ ଯାଇଥିଲେ। ବନ୍ଧୁକ ଖସିପଡିବାରୁ ଗୁଳି ଫୁଟି ଆହତ ହୋଇଥିବା ତାଙ୍କ ପରିବାର ପକ୍ଷରୁ କୁହାଯାଉଛି। ଗୁଳି ତାଙ୍କ ମଳଦ୍ୱାର ଭିତରକୁ ପଶି ଯାଇଥିଲା। ବନ ବିଭାଗ ଓ ପୋଲିସର ତଦନ୍ତ ପରେ ସତ୍ୟାସତ୍ୟ ଜଣାପଡିବ ବୋଲି ମତ ପ୍ରକାଶ ପାଇଛି।

## ରାସ୍ତାରେ ଖାଲଖମା ଯୋଗୁ ବଢୁଛି ଦୁର୍ଘଟଣା

ଖଣ୍ଡପଡ଼ା,୮।୧୦(ଅଜୟ କୁମାର ମହାରଣା)



ରାସ୍ତା ଉପରେ ସୃଷ୍ଟି ହୋଇଥିବା ଗର୍ତ୍ତ।

ନୟାଗଡ଼ ଜିଲାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଭାବେ କଣ୍ଟିଲୋ ଶ୍ରୀନୀଳମାଧବ କ୍ଷେତ୍ର ପ୍ରସିଦ୍ଧ। ହେଲେ ଉକ୍ତ ମନ୍ଦିରକୁ ସଂଯୋଗ କରୁଥିବା ଖଣ୍ଡପଡ଼ା–କଣ୍ଟିଲୋ ରାସ୍ତା ଆବଶ୍ୟକ ରକ୍ଷଣାବେକ୍ଷଣ ଅଭାବରୁ ବିଭିନ୍ନ ସ୍ଥାନରେ ଖାଲଖମା ସୃଷ୍ଟି ହୋଇଛି। ଏଥିପାଇଁ ଯାନବାହନ ଚଳାଚଳରେ ସମସ୍ୟା ସୃଷ୍ଟି ହେଉଛି। ବିଶେଷକରି ମହାନଦୀ ଘାଟରୁ ବାଲି ବୋଝେଇ ହାଇୱାଗୁଡିକ ଏହି ରାସ୍ତା ଦେଇ ଦିନରାତି ଯାତାୟାତ କରୁଛି। ଭାରିଯାନଗୁଡିକ ଚଳପ୍ରଚଳ ଯୋଗୁ ରାସ୍ତା ଦବି ଗର୍ତ୍ତ ସୃଷ୍ଟି ହେଉଛି। ଚାଉପଲ୍ଲୀ ଗ୍ରାମ ନିକଟରେ ରାସ୍ତା ଦବି ଯାଇ ପ୍ରାୟ ୧ଫୁଟରୁ ଊର୍ଦ୍ଧ୍ୱ ଖାଲ ସୃଷ୍ଟି ହୋଇଛି। ଉକ୍ତ ରାସ୍ତା ଦେଇ ଯାତାୟାତ କଲାବେଳେ ଦୈନିକ ଛୋଟବଡ଼ ଦୁର୍ଘଟଣା, ଅଘଟଣ ଘଟୁଛି। ପୂର୍ତ୍ତ ବିଭାଗ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ଯୁଦ୍ଧକାଳୀନଭିତ୍ତିରେ ରାସ୍ତା ମରାମତି କରିବାକୁ ସାଧାରଣରେ ଦାବି ହେଉଛି।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ଅମିତ୍ରା



@ ଦିଲୀପ



@ ଲିପୁନ



@ ପୁରୁଷୋତ୍ତମ



@ ଶ୍ରାବଣୀ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ୧୬ରୁ ଆନ୍ତଃବିଦ୍ୟାଳୟ ଚେସ୍




ଖବରଦାତା ସମ୍ମିଳନୀରେ ନୟାଗଡ଼ ଚେସ୍ ଆସୋସିଏଶନର କର୍ମକର୍ତ୍ତା।

ନୟାଗଡ଼,୮।୧୦(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଚେସ୍ ଆସୋସିଏଶନ ଏବଂ କେ.ସି. କ୍ଲବ ମିଳିତ ଆନୁକୂଲ୍ୟରେ ଚଳିତ ମାସ ୧୬ ତାରିଖରୁ ଦୁଇଦିନିଆ ଆନ୍ତଃବିଦ୍ୟାଳୟ ଚେସ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଏହି ଟୁର୍ନାମେଣ୍ଟ ୧୭ରେ ଉଦ୍‌ଯାପିତ ହେବ ବୋଲି ନୟାଗଡ଼ କେ.ସି. କ୍ଲବରେ ଆୟୋଜିତ ଖବରଦାତା ସମ୍ମିଳନୀରେ କୁହାଯାଇଛି।। ନୟାଗଡ଼ ଚେସ୍ ଆସୋସିଏଶନ ସଭାପତି ଶ୍ରୀଧର ସାହୁ, ସମ୍ପାଦକ ରିତେଶ କୁମାର ରଥ, କେ.ସି. କ୍ଲବର ସଭାପତି ଭାଗିରଥ ଦାସ, ସମ୍ପାଦକ ସଂଗ୍ରାମ କେଶରୀ ଗୁମାନସିଂ ଓ ରାମକୃଷ୍ଣ ରଥ ପ୍ରମୁଖ ଖବରଦାତା ସମ୍ମିଳନୀରେ ଯୋଗ ଦେଇ କହିଥିଲେ ପ୍ରଥମ ଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଜିଲାର ସମସ୍ତ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଏଥିରେ ଭାଗ ନେଇ ପାରିବେ । ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ଜୁନିୟର ବିଭାଗ ରଖାଯାଇଥିବା ବେଳେ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସିନିୟର ବିଭାଗ ରଖାଯାଇଛି । ଏନେଇ ଜିଲା ଶିକ୍ଷା ଅଧିକାରୀଙ୍କ ସମେତ ବ୍ଲକ ଶିକ୍ଷା ଅଧିକାରୀ ଓ ପ୍ରଧାନ ଶିକ୍ଷକମାନଙ୍କୁ ଅବଗତ କରାଯିବ । ମୋଟ ୧୦ ଜଣଙ୍କୁ ପୁରସ୍କୃତ କରାଯିବ। ଭଲ ଖେଳୁଥିବା ଖେଳାଳିମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ।

## ମଲ୍, ଲଜ୍, ହୋଟେଲକୁ ଅନୁକମ୍ପା

**■ ପାର୍କିଂ ବ୍ୟବସ୍ଥା ନ ଥିବାରୁ ଟ୍ରାଫିକ ଜାମ୍**

**■ ରାସ୍ତା ଉପରେ ରହୁଛି ଯାନବାହନ୍**

**■ ପାର୍କିଂ ବ୍ୟବସ୍ଥା ନ କରି କମର୍ସିଆଲ ପ୍ଲାନ୍ ଆପ୍ରୁଭାଲ**

**■ ଟ୍ରେଡ୍ ଲାଇସେନ୍ସ ମଧ୍ୟ ଦିଆଯାଉଛି**

ନୟାଗଡ଼,୮।୧୦(ଲୋକନାଥ ମିଶ୍ର)

ପୁରୀରୁ ଅଲଗା ହୋଇ ସ୍ୱତନ୍ତ୍ର ଜିଲା ହେବା ପରେ ବି ନୟାଗଡ଼ ଜିଲା ସଦର ମହକୁମାର ଚିତ୍ର ବଦଳୁନାହିଁ । ବରଂ ଧିରେ ଧିରେ ଟ୍ରାଫିକ ସେବା ବିପର୍ଯ୍ୟସ୍ତ ହୋଇ ପଡୁଛି । ପାର୍କିଂ ବ୍ୟବସ୍ଥା ନ କରି ନୟାଗଡ଼– ଦଶପଲ୍ଲା, ନୟାଗଡ଼ ଖୋର୍ଦ୍ଧା, ନୟାଗଡ଼–ଶରଣକୁଳ, ନୟାଗଡ଼– ଖଣ୍ଡପଡ଼ା ରାସ୍ତାରେ ମାଳମାଳ ମଲ୍, ବ୍ୟାଙ୍କ, ଲଜ୍, ହୋଟେଲ ଖୋଲୁଛି । ପୁଣି ସହରର ବିଭିନ୍ନ ରାସ୍ତାରେ ମଧ୍ୟ ମଲ୍, ବ୍ୟାଙ୍କ, ଲଜ୍, ହୋଟେଲ ରହିଛି । ପାର୍କିଂ ବ୍ୟବସ୍ଥା ନ ଥାଇ କମର୍ସିଆଲ ପ୍ଲାନ ଆପ୍ରୁଭ ହେଉଛି କିପରି । ପୁଣି ଟ୍ରେଡ ଲାଇସେନ୍ସ ଦିଆଯାଉଛି । ମଲ୍, ଲଜ୍, ହୋଟେଲ ଓ ବ୍ୟାଙ୍କକୁ ଆସୁଥିବା ଗ୍ରାହକ ରାସ୍ତା ଉପରେ ଯାନବାହାନ ରଖିବାରୁ ଟ୍ରାଫିକ ଜାମ୍ ହେଉଛି। ଏଣୁ ସହର ସାରା ସବୁ ଆଡେ ବିପର୍ଯ୍ୟସ୍ତ ଟ୍ରାଫିକ ସେବାରେ ସୁଧାର ଆସୁ ନାହିଁ ।

ସହର ମଧ୍ୟଦେଇ ବଲାଙ୍ଗୀର–ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥ ଯାଇଛି । ୫୭ନଂ. ଜାତୀୟ ରାଜପଥର ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ରାଜପଥ କଡରେ ମଲ ଖୋଲିଛି । ପୁଣି ନୟାଗଡ଼– ଖଣ୍ଡପଡ଼ା ରାସ୍ତାର ଆରଏମ୍‌ସି ମାର୍କେଟ ସମ୍ମୁଖରେ, ଓଡ଼ଗାଁ ରାସ୍ତାରେ ଅନୁରୂପ ଭାବେ ମଲ୍ ଖୋଲିଛି। ଓଡ଼ଗାଁ ଛକର ଷ୍ଟେଟବ୍ୟାଙ୍କ ରୋଡରେ ଦୁଇଟିବଡ ମଲ୍ ଅଛି । ଏହି ମଲ୍‌କୁ ଆସୁଥିବା ଗ୍ରାହକମାନେ ରାସ୍ତା ଉପରେ ଯାନବାହାନ ରଖୁଛନ୍ତି । କୁମାରପୂର୍ଣ୍ଣିମା, ଦଶହରା, ଦିପାବଳୀ, ଗଣେଶ ପୂଜା, ସାବିତ୍ରୀ ବ୍ରତ ପରି ବଡ ବଡ ପର୍ବରେ ମଲ୍, ବ୍ୟାଙ୍କ, ଲଜ୍, ହୋଟେଲ ଯୋଗୁ ଜାତୀୟ ରାଜପଥ, ରାଜ୍ୟ ରାଜପଥ, ଜିଲା ସଡ଼କ, ସହର ଭିତର ରାସ୍ତାରେ ଚାଲିକରି ଯାଇ ହେଉନି । ବାଇକ୍‌ରେ ଗଲେ ୨ମିନିଟ୍‌ର ରାସ୍ତାକୁ ୨ ଘଣ୍ଟା ଲାଗୁଛି । ସମସ୍ୟା ନେଇ ସମସ୍ତେ ଅବଗତ ଥିଲେ ବି କାର୍ଯ୍ୟାନୁଷ୍ଠାନ ଶୂନ ବୋଲି ଅଭିଯୋଗ ହୋଇଛି। ଏନେଇ ଜିଲା କଂଗ୍ରେସ ସଭାପତି ରଣଜିତ୍ ଦାଶ କୁହନ୍ତି କମର୍ସିଆଲ ପ୍ଲାନ ଆପ୍ରୁଭ ଓ ଟ୍ରେଡ ଲାଇସେନ୍ସ ଦେବା ସମୟରେ ମ୍ୟୁନିସିପାଲିଟି ଆଇନକୁ କଡାକଡି କରୁନି। ଯେଉଁମାନେ ଆଇନର ଗଳାବାଟ ଦେଖି ଖସି ଯାଉଛନ୍ତି ସେମାନେ ବର୍ଷ ତମାମ ରାସ୍ତାରେ ଟ୍ରାଫିକ ସେବାକୁ ବିପର୍ଯ୍ୟସ୍ତ କରୁଛନ୍ତି । ମଲ୍, ଲଜ୍, ହୋଟେଲ ପ୍ରଭୃତି କମର୍ସିଆଲ ସଂସ୍ଥା ଉପରେ ଲଗାମ ଲଗାଇବା ଦରକାର । ସେମାନେ ଭଲ ରୋଜଗାର କରୁଛନ୍ତି । ତେବେ ମଲ୍, ବ୍ୟାଙ୍କ, ଲଜ୍, ହୋଟେଲରେ କାହିଁକି ପାର୍କିଂ ବ୍ୟବସ୍ଥା ନ କରିବେ ବୋଲି କହିଛନ୍ତି ।

ଡ୍ରେନ ଓ ରାସ୍ତା ଉପରେ ଦୋକାନ ଘର କରାଯାଇଛି । ପୁଣି ଯିଏ ଯେଉଁଠି ପାଇଲା ରାସ୍ତା ଓ ଡ୍ରେନକୁ ଅକ୍ତିଆର କରି ପନିପରିବା, ଫଳ, ଚପଲ, ଡ୍ରେସ ଦୋକାନ, ଡ୍ରେସ ଓ ଲୁଗା ସୋରୁମ ଖୋଲି ଚାଲିଛନ୍ତି । ଜିଲା ସଂସ୍କୃତି ଭବନ ପାଖରେ ଗୋଟିଏ ଲୁଗା ଓ ଅନ୍ୟଟି ଡ୍ରେସ ସୋରୁମ୍ ଅଛି । ଏହା ସମ୍ମୁଖରେ ବଲାଙ୍ଗୀର–ଖୋର୍ଦ୍ଧା ୫୭ ନଂ.ଜାତୀୟ ରାଜପଥ ଯାଇଛି। ରାଜପଥକୁ ଲାଗି ରହିଛି ଦୁଇଟି ସୋରୁମ୍। ଏହି ସୋରମ ଦୁଇଟିରେ ବର୍ଷ ତମାମ ଭିଡ। ସବୁବେଳେ ରାଜପଥ ଉପରେ ବାଇକ୍ ଆଦି ଯାନବାହାନ ରହୁଛି। ତେବେ ଏହା କାହା ନଜରରେ ପଡୁନି। ମ୍ୟୁନିସିପାଲିଟି ଟିକସ ଆଦାୟ କରି ନିଜର ପାଣ୍ଠି ବଢ଼ାଇ ଚାଲିଛି। ତେବେ ମ୍ୟୁନିସିପାଲିଟିରେ ପାଣ୍ଠି ବଢୁ ବଢୁ ଏହା କିଛି କର୍ମଚାରୀଙ୍କ ପାଇଁ ଭଲ ରୋଜଗାର ଦେଇଛି । ପୁରୁଣା ଜେଲ ଠାରୁ ପିଡବ୍ଲୁଡି ଲେନ, ଟ୍ରାଫିକ ଛକରୁ କଲେଜ ରାସ୍ତା ଓ ଖଣ୍ଡପଡା ରାସ୍ତାରେ ଏପସରା ଦେଖିବାକୁ ମିଳୁଛି । ପୁଣି ମାଛ ଓ ମାଂସ ଦୋକାନ ରାସ୍ତାକ କଡ ଯାକ କରାଯାଇ ବିକ୍ରି ଚାଲିଛି। ରାସ୍ତାକୁ ଗୋରୁ ଗାଈ ନିଜ କବଜାରେ ରଖିଛନ୍ତି । ତେବେ ମାଳ ମାଳ କୁକୁର ଚିନ୍ତାର କାରଣ ପାଲଟିଛନ୍ତି । ଯାତ୍ରୀବାହୀ ବସ, ଟ୍ରକ, ଅଟୋ, କାର ବହୁ ଘଣ୍ଟା ଧରି ଏନଏସି ହାଇସ୍କୁଲଠାରୁ ଥାନା ଛକ, ଓଡ଼ଗାଁ ଓ ଖଣ୍ଡପଡ଼ା ରାସ୍ତାରେ ଅଟକି ରହୁଛନ୍ତି । ଜାତୀୟ ରାଜପଥ ହେଉକି ଜିଲା ସଡ଼କ ପୁରା ଟ୍ରାଫିକ୍ ସେବା ବିପର୍ଯ୍ୟସ୍ତ ହୋଇ ପଡୁଛି। ଏନେଇ ନୟାଗଡ଼ର ପୂର୍ବତନ ନଗରପାଳ ଭବାନୀ ଶଙ୍କର ଦାଶ କୁହନ୍ତି, ଜିଲା ସଦର ମହକୁମାରେ ବିପର୍ଯ୍ୟସ୍ତ ଟ୍ରାଫିକ ସେବାକୁ ସୁଧାରିବାକୁ ଜିଲା ପ୍ରଶାସନ, ପୌର ପ୍ରଶାସନ, ପୋଲିସ ଓ ଆଞ୍ଚଳିକ ପରିବହନ କାହାରି ନିଘା ନାହିଁ। ତେବେ ସବୁ ବିଭାଗ ଠିକରେ କାମ କରୁଥିବା ଡିଣ୍ଡିମ ପିଟାଯାଉଛି।

# ଔଷଧୀୟ ଗୁଣରେ ପରିପୂର୍ଣ୍ଣ ବଟବୃକ୍ଷ ଏବେ ଅସୁରକ୍ଷିତ

ଯାଜପୁର,୮।୧୦(ହର୍ଷବର୍ଦ୍ଧନ ବେହେରା)

ସାମାନ୍ୟ ପବନରେ ଶତାଧିକ ବର୍ଷ ପୁରୁଣା ଗଛଗୁଡିକ ଟଳି ପଡୁଛି। ସେଥିମଧ୍ୟରୁ ଔଷଧୀୟ ଗୁଣରେ ପରିପୂର୍ଣ୍ଣ ତଥା ଜାତୀୟ ବୃକ୍ଷ ଏବଂ ଜୈବ ବିବିଧତାର ଉତ୍ସ ବଟବୃକ୍ଷ ବିଲୁପ୍ତ ହେବାକୁ ବସିଲାଣି। ବଟବୃକ୍ଷକୁ ସୁରକ୍ଷିତ ରଖୁଥିବା ତାର ଓହଳଗୁଡ଼ିକୁ ନିଜର ସ୍ୱାର୍ଥ ସାଧନ ପାଇଁ କାଟି ଦିଆଯାଉଥିବାରୁ ବୃକ୍ଷର ଚାରି ପାର୍ଶ୍ୱରେ ଦୁର୍ବଳ ହୋଇ ଧରାଶାୟୀ ହେଉଥିବା ମତପ୍ରକାଶ ପାଇଛି। ଏହାସହ ବାତ୍ୟା, ବନ୍ୟା ଏବଂ କାଳବୈଶାଖୀ ଯୋଗୁ ଶତାଧିକ ବଟବୃକ୍ଷର ମୃତ୍ୟୁ ହୋଇଛି। ବେଳହୁଁ ବଞ୍ଚିଥିବା ବଟବୃକ୍ଷଗୁଡ଼ିକର ସୁରକ୍ଷା ଏବଂ ନୂତନ ଚାରା ରୋପଣ କରିବା ଦିଗରେ ଲୋକେ ସଚେତନ ନ ହେଲେ ଏହା ଯେ କେବଳ ଭବିଷ୍ୟତ ବଂଶଧର ପାଇଁ ଏକ ଛବି ହୋଇ ରହିଯିବ ସେଥିରେ ତିଳେମାତ୍ର ସନ୍ଦେହ ନାହିଁ ବୋଲି ମତପ୍ରକାଶ ପାଉଛି।

ଯାଜପୁର ଜିଲାର ପଡୋଶୀ ଢେଙ୍କାନାଳ ସୀମାନ୍ତବର୍ତ୍ତୀ ଅଞ୍ଚଳକୁ ଲାଗି ରହିଥିବା ମାତ୍ରାଧିକ କଳାପଥର ଖାଦାନ ଓ ଏଥିପାଇଁ ବିସ୍ଫୋରଣ ଯୋଗୁ ସବୁଜ ବଳୟ ନଷ୍ଟ ହେବା ସହ ବନ୍ୟଜନ୍ତୁମାନଙ୍କ ଆବାସସ୍ଥଳୀ ସଙ୍କୁଚିତ ହେବାରେ ଲାଗିଛି। ଏହି କ୍ରମରେ ୪୯୮୩ ବର୍ଗ କିମି.ପରିମିତ କଟକ ଫରେଷ୍ଟ ଡିଭିଜନ ଅନ୍ତର୍ଗତ ଜଙ୍ଗଲ ବିପଦରେ ପଡିଛି। ଏହି ଡିଭିଜନ ଅଧୀନରେ ସମୁଦାୟ ୩୬୫୨୮.୪୭୮୮ ହେକ୍ଟର ଜଙ୍ଗଲ ମଧ୍ୟରୁ ୨୪୭୪ ହେକ୍ଟର ସଂରକ୍ଷିତ ଜଙ୍ଗଲ ରହିଛି। ତେବେ ଏହା କାଗଜକଲମରେ ସଂରକ୍ଷିତ ରହିଥିବାବେଳେ ଏଥିରୁ ଅଧିକାଂଶ ଜଙ୍ଗଲ


ଯାଜପୁର ଜିଲା ବ୍ୟାସନଗର ସହରର ମୁଣ୍ଡମାଳ-ବେଣୁପୁର ଛକରେ ଥିବା ବହୁ ପୁରାତନ ବଟବୃକ୍ଷ ଉପୁଡ଼ି ପଡିଛି।

ପଥର ଖାଦାନରେ ବ୍ୟବହୃତ ହେଉଛି। ଏଥିଯୋଗୁ ଶତାଧିକ ବଟବୃକ୍ଷଗୁଡ଼ିକୁ କାଟି ସଫା କରାଯାଉଥିବା ମତପ୍ରକାଶ ପାଇଛି। ଜଙ୍ଗଲ ବିଭାଗ କର୍ତ୍ତୃପକ୍ଷ ବଟବୃକ୍ଷଗୁଡ଼ିକୁ ସୁରକ୍ଷା ଦେବା ପରିବର୍ତ୍ତେ ବେଆଇନ ଖାଦାନ ମାଲିକଙ୍କ କଥାରେ ରହୁଛନ୍ତି। ଏଥିଯୋଗୁ ସଂରକ୍ଷିତ ଏବଂ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ହାତକୁ ନିଆଯାଉ ନାହିଁ ବୋଲି ଚର୍ଚ୍ଚା ହେଉଛି। ଏଭଳି ବିଭାଗୀୟ ଆନ୍ତରିକତା ଅଭାବ ଯୋଗୁ କଟକ ଫରେଷ୍ଟ ଡିଭିଜନ(ସମଗ୍ର ଯାଜପୁର ଜିଲା, କେନ୍ଦ୍ରାପଡ଼ା ଜିଲାର କେନ୍ଦ୍ରାପଡ଼ା, ମାର୍ଶାଘାଇ, ଗରଡପୁର ଓ ଡେରାବିଶ ବ୍ଲକ, ଜଗତ୍‌ସିଂପୁର ଜିଲାର ଜଗତ୍‌ସିଂହପୁର, ତିର୍ତ୍ତୋଲ, ରଘୁନାଥପୁର ଓ ବିରିଡି ବ୍ଲକ) ଅଞ୍ଚଳରେ ବଟବୃକ୍ଷଗୁଡିକ ଅସୁରକ୍ଷିତ ବୋଲି କୁହାଯାଉଛି। ଯାଜପୁର ଜିଲାର ଅଧିକାଂଶ ଅଞ୍ଚଳ ବୈତରଣୀ, ବ୍ରାହ୍ମଣୀ, ଖରସ୍ରୋତା, ବିରୂପା, ଗେଙ୍ଗୁଟି ଆଦି ନଦୀ କୋଳରେ ରହିଛି। ନଦୀକୂଳରେ ରହିଥିବା ସହସ୍ରାଧିକ ବଟବୃକ୍ଷ ସାମାନ୍ୟ ପବନରେ ଧରାଶାୟୀ ହୋଇ ପଡୁଛି। ଅନ୍ୟପକ୍ଷେ ଗାଁ ମୁଣ୍ଡରେ ଅତୀତରେ ଥିବା ବଟବୃକ୍ଷକୁ କାଟି କଂକ୍ରିଟକରଣ କରାଯାଇ ବସଷ୍ଟାଣ୍ଡ କିମ୍ବା ରାସ୍ତା ତିଆରି କରାଯାଉଛି। ସରକାର ପିଆଶାଳ, ଶାଳ, ଶାଗୁଆନ ଆଦି ମୂଲ୍ୟବାନ ଗଛ ଉପରେ ଅଧିକ ଗୁରୁତ୍ୱ ଦେଇ ଚାରା ରୋପଣ କରୁଥିବାବେଳେ ଔଷଧୀୟ ଗୁଣରେ ପରିପୂର୍ଣ୍ଣ ତଥା ପଥଚାରୀଙ୍କୁ ଆଶ୍ରୟ ଦେଉଥିବା ବଟବୃକ୍ଷକୁ ହେୟ ମନେ କରାଯାଉଛି।

ବଟବୃକ୍ଷକୁ ନେଇ ଅନେକ ପୌରାଣିକ କିମ୍ବଦନ୍ତୀ ରହିଛି। ହିନ୍ଦୁ ଧର୍ମଶାସ୍ତ୍ରରେ ବଟବୃକ୍ଷର ପତ୍ରରେ ଭଗବାନ କୃଷ୍ଣ ଆଶ୍ରୟ ନେଇଥିଲେ। ଭଗବଦ୍‌ଗୀତାରେ ବଟବୃକ୍ଷକୁ ଭିନ୍ନ ଭାବେ ଚିତ୍ରଣ କରାଯାଇଛି। ଅନ୍ୟବୃକ୍ଷ ତୁଳନାରେ ଏହି ବୃକ୍ଷ ଅଧିକ ସମୟ ବଞ୍ଚିଥାଏ। ଏହାର ଆୟତନ ଅଧିକ ଓସାର ଓ ଘଞ୍ଚ ହୋଇଥିବାରୁ ଅନ୍ୟମାନଙ୍କୁ ଛାୟା ପ୍ରଦାନ କରିଥାଏ। ବଟବୃକ୍ଷର ଚେରଗୁଡିକ ଉପରକୁ ଲମ୍ବିଥିବାବେଳେ ଏହାର ଶାଖାପ୍ରଶାଖା ତଳକୁ ଲମ୍ବିଥାଏ। ହେଲେ ଅନେକ ସ୍ଥାନରେ ସେହି ଶାଖାପ୍ରଶାଖାକୁ କାଟି ଦିଆଯାଉଥିବାରୁ ବଟବୃକ୍ଷର ଶକ୍ତି ହ୍ରାସ ପାଇଥାଏ। ଫଳରେ ଭାରସାମ୍ୟ ହରାଇ ଅକାଳରେ ବଟବୃକ୍ଷ ଟଳିପଡିଥାଏ। ବଟବୃକ୍ଷକୁ ଇଂଲିଶରେ ବାନିୟନ, ସଂସ୍କୃତରେ ବଟବୃକ୍ଷ, ତେଲୁଗୁରେ ମେରି ବୃକ୍ସମୁ, ତାମିଲରେ ଆଲାମରାମ ବୋଲି କୁହାଯାଏ। ବିଶ୍ୱାସ କରାଯାଏ ଯେ, ଭଗବାନ ବୁଦ୍ଧ ବଟବୃକ୍ଷ ତଳେ ତପସ୍ୟା କରିଥିଲେ। ଯେଉଁ ବଟବୃକ୍ଷ ତଳେ ସେ ତପସ୍ୟା କରିଥିଲେ ତାକୁ ବୁଦ୍ଧି ବୋଲି ନାମିତ କରାଯାଇଛି। ଏଥିରେ ସେ ମୋକ୍ଷପ୍ରାପ୍ତି ଲାଭ କରିଥିଲେ। ବଟବୃକ୍ଷର ଆହୁରି ଉପାଦେୟତା ଗୁଣ ରହିଛି। ଏହି ବୃକ୍ଷର ସମସ୍ତ ଅଙ୍ଗପ୍ରତ୍ୟଙ୍ଗ ଔଷଧୀୟ ଗୁଣରେ ପରିପୂର୍ଣ୍ଣ। ଏହାର ରସ ବିଭିନ୍ନ ଚର୍ମରୋଗର ନିରାକରଣ କରିଥାଏ। ସେହିପରି ଏହାର ମଞ୍ଜି ଓ ଛାଲି ଡାଇବେଟିସ ରୋଗକୁ ଭଲ କରିଥାଏ। ଡାଇରିଆ, ଦାନ୍ତରୋଗରେ ବଟବୃକ୍ଷର ବିଭିନ୍ନ ଅଙ୍ଗ କାମକୁ ଆସିଥାଏ। ବଟବୃକ୍ଷର ରସକୁ କ୍ଷୀରରେ ମିଶାଇ ଖାଇଲେ ମଳକଣ୍ଟକ ରୋଗ ଉପଶମ ହୋଇଥାଏ। ଏପରି ଔଷଧୀୟ ଗୁଣରେ ପରିପୂର୍ଣ୍ଣ ବଟବୃକ୍ଷର ରକ୍ଷଣାବେକ୍ଷଣ କରିବା ପାଇଁ ସରକାର ଆଦୌ ଗୁରୁତ୍ୱ ଦେଉନାହାନ୍ତି। ଏପରି କି ବଟବୃକ୍ଷର ଡାଳପତ୍ର ହେଉଛି ହାତୀଙ୍କ ମୁଖ୍ୟ ଖାଦ୍ୟ। ଜଙ୍ଗଲରେ ବଟବୃକ୍ଷ ଲୁପ୍ତ ହୋଇପଡୁଥିବାରୁ ହାତୀମାନେ ଖାଦ୍ୟ ଅନ୍ୱେଷଣରେ ଗ୍ରାମାଭିମୁଖୀ ହେଉଛନ୍ତି। ଫଳରେ ମଣିଷ ଓ ହାତୀଙ୍କ ମଧ୍ୟରେ ସଂଘର୍ଷ ଘଟୁଛି। ଏଥିରେ ଅନେକ ଧନଜୀବନ ହାନି ହେଉଛି। ହାତୀ ମୃତ୍ୟୁସଂଖ୍ୟା ମଧ୍ୟ ବଢିବାରେ ଲାଗିଛି ବୋଲି ଅଭିଯୋଗ ହେଉଛି।

## ସଂକ୍ଷେପରେ

### କୋରେଇ ବିଡିଓ ହେଲେ ଅଶୋକ କୁମାର ମାଝି

କୋରେଇ,୮।୧୦(ଚନ୍ଦ୍ରକାନ୍ତ ପତି):



ଯାଜପୁର ଜିଲା କୋରେଇ ବ୍ଲକ ଉନ୍ନୟନ ଅଧିକାରୀ (ବିଡିଓ)ଭାବେ ଅଶୋକ କୁମାର ମାଝିଙ୍କୁ ଦାୟିତ୍ୱ ମିଳିଛି। ମାଝି ପ୍ରାୟ ବର୍ଷେ ହେବ ବ୍ୟାସନଗର ତହସିଲଦାର ଭାବେ କାର୍ଯ୍ୟ କରି ଆସୁଥିଲେ। କିଛି ଦିନ ତଳେ ଓଡ଼ିଶା ପ୍ରଶାସନିକ ସେବାସ୍ତରରେ ଅଦଳବଦଳ ହୋଇଥିଲା। ଏଥିରେ ଦୀର୍ଘଦିନ ହେବ କୋରେଇ ବିଡିଓ ଥିବା ରଞ୍ଜନ କୁମାର ପରିଡ଼ା ଓ ବ୍ୟାସନଗର ତହସିଲଦାର ଥିବା ଅଶୋକ କୁମାର ମାଝିଙ୍କ ବଦଳି ହୋଇଥିଲା। ଶନିବାର ତହସିଲଦାର ମାଝିଙ୍କୁ ପଦୋନ୍ନତି ଦିଆଯାଇ କୋରେଇ ବିଡିଓ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଥିବା ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ସୂଚନା ମିଳିଛି।

### ଧକ୍କାମାରି ୪୦ ହଜାର ଟଙ୍କା, ମୋବାଇଲ ଲୁଟ୍ : ମହିଳା ଗୁରୁତର

ରଘୁନାଥପୁର, ୮।୧୦
(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ଛପଡା ପଞ୍ଚାୟତ ନେଉଳିଆସ୍ଥିତ ହଂସୁଆ ପୋଲ ଉପରେ ରବିବାର ଜଣେ ମହିଳା ଲୁଟ୍‌ର ଶୀକାର ହୋଇଛନ୍ତି। ଦୁର୍ବୃତ୍ତମାନେ ତାଙ୍କୁ ଧକ୍କାମାରି ୪୦ ହଜାର ଟଙ୍କା ଓ ମୋବାଇଲ ଲୁଟି ନେଇଛନ୍ତି। ଫଳରେ ସେ ତଳେପଡ଼ି ଗୁରୁତର ହୋଇଛନ୍ତି। ସେ ହେଲେ ଏହି ଥାନା ଅନ୍ତର୍ଗତ ନେଉଳିଆ ଗ୍ରାମର ପୂର୍ଣ୍ଣଚନ୍ଦ୍ର ଜେନାଙ୍କ ସ୍ତ୍ରୀ ଦିବ୍ୟଲକ୍ଷ୍ମୀ (୪୦)। ସେ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେବା ପରେ ତିର୍ତ୍ତୋଲ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ,ମହିଳା ଗ୍ରୁପ୍ ଋଣ ଟଙ୍କା ପରିଶୋଧ ପାଇଁ ଭାଣିଜିଙ୍କ ଠାରୁ ୪୦ ହଜାର ଟଙ୍କା ନେଇ ଦିବ୍ୟଲକ୍ଷ୍ମୀ ନିଜ ସାନଯାଆ ମଧୁସ୍ମିତାଙ୍କ ସହ ଜଇପୁରରୁ ସ୍କୁଟିରେ ଘରକୁ ଅପରାହ୍ନରେ ଫେରୁଥିଲେ। ମଧୁସ୍ମିତାଙ୍କ କାମ ଥିବାରୁ ସେ ଦିବ୍ୟଲକ୍ଷ୍ମୀଙ୍କୁ ଗନେଇଲ ସ୍କୁଲ ପାଖରେ ଛାଡ଼ି ଚାଲିଯାଇଥିଲେ। ସେଠାରୁ ଦିବ୍ୟଲକ୍ଷ୍ମୀ ହଂସୁଆ ପୋଲ ଦେଇ ଚାଲିଚାଲି ଘରକୁ ଫେରୁଥିବାବେଳେ ୩ଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ତାଙ୍କୁ ଧକ୍କାଦେଇ ପିନ୍ଧିଥିବା ଇମିଟେଶନ ଚେନ ସହ ପାଖରେ ଥିବା ଭ୍ୟାନିଟି ବ୍ୟାଗ ଓ ମୋବାଇଲ ଛଡ଼ାଇ ଦ୍ରୁତଗତିରେ ଧଳତଙ୍ଗଗଡ ଜଙ୍ଗଲ ରାସ୍ତାରେ ପଳାଇଯାଇଥିଲେ। ଉକ୍ତ ବ୍ୟାଗରେ ୪୦ ହଜାର ଟଙ୍କା ଥିଲା ବୋଲି ଦିବ୍ୟଲକ୍ଷ୍ମୀ ଅଭିଯୋଗରେ ଦର୍ଶାଇଛନ୍ତି। ଅଭିଯୋଗ ପରେ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି।



## ସାପ କାମୁଡ଼ାରେ ଅଙ୍ଗନୱାଡି କର୍ମୀଙ୍କ ମୃତ୍ୟୁ

### ଚିକିତ୍ସା ଅବହେଳା ଅଭିଯୋଗ

ଯୋଡ଼ା,୮।୧୦(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ପୌରପାଳିକା କମାରଯୋଡ଼ା ଖୁଦୁରସାହିରେ ଜଣେ ଅଙ୍ଗନୱାଡ଼ି କର୍ମୀଙ୍କ ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ମୃତ ମହିଳା ବିନତି କାରୁଆ(୪୭)। ମେଡିକାଲର ଅବହେଳା କାରଣରୁ ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ଶନିବାର ରାତିରେ ବିନତିଙ୍କୁ ସାପ କାମୁଡ଼ିଥିଲା। ପରିବାର ଲୋକେ ତାଙ୍କୁ ଯୋଡ଼ାସ୍ଥିତ ଟାଟା କମ୍ପାନୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ସେଠାରୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ରବିବାର ସକାଳେ ତାଙ୍କର ମୃତ୍ୟୁ ଘଟିଥିଲା। ଅନ୍ୟପକ୍ଷେ ଟାଟାଷ୍ଟିଲ ଡାକ୍ତରଖାନାରେ କେବଳ ପ୍ରାଥମିକ ଚିକିତ୍ସା କରାଯାଇଥିଲା ରାତି ଅଧରେ ଅନ୍ୟତ୍ର ସ୍ଥାନାନ୍ତର କରିଥିଲେ ହେଁ କମ୍ପାନୀର ଆମ୍ବୁଲାନ୍ସ ଥାଇ ମଧ୍ୟ ଦିଆଯାଇ ନ ଥିଲା। ସ୍ଥାନୀୟ ଲୋକଙ୍କ ଉଦ୍ୟମରେ ସଙ୍କଟାପନ୍ନ ଅବସ୍ଥାରେ କେନ୍ଦୁଝର ମୁଖ୍ୟ ଡାକ୍ତରଖାନାକୁ ନିଆଯାଇଥିଲା। ଟାଟା ଷ୍ଟିଲ ଡାକ୍ତରଖାନାର ଅବହେଳାରୁ ମୃତ୍ୟୁ ହୋଇଥିବା ତାଙ୍କ ଭଉଣୀ ଶୁଲେଖା କାରୁଆ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଯୋଡ଼ା ଟାଟା ଷ୍ଟିଲ ଡାକ୍ତରଖାନାର ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଚିସ୍ମିତା ଦାସ କହିଛନ୍ତି, ଉକ୍ତ ମହିଳାଙ୍କ ମୃତ୍ୟୁ ଏଠାରେ ହୋଇନାହିଁ, ତାଙ୍କର ଅଧିକ ଚିକିତ୍ସା ପାଇଁ ଏଠାରୁ ରେଫର କରାଯାଇଥିଲା।

## ଘରେଘରେ କଂଗ୍ରେସ, ଘରେ ଘରେ ହାତ କାର୍ଯ୍ୟକ୍ରମ


ନେଳିଆ ପଞ୍ଚାୟତରେ କଂଗ୍ରେସ କର୍ମୀମାନେ ଶୋଭାଯାତ୍ରା କରୁଛନ୍ତି।

ଛତିଆ,୮।୧୦(ସୌମ୍ୟରଞ୍ଜନ ସାହୁ):

ବଡ଼ଚଣା ବ୍ଲକ୍ କଂଗ୍ରେସ ପକ୍ଷରୁ ଏହି ନିର୍ବାଚନମଣ୍ଡଳୀର ନେଳିଆ ପଞ୍ଚାୟତରେ ଘରେ ଘରେ କଂଗ୍ରେସ, ଘରେ ଘରେ ହାତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବଡ଼ଚଣା କଂଗ୍ରେସ ନେତା କ୍ୟାପଟେନ ରାଜନାରାୟଣ ମହାପାତ୍ରଙ୍କ ନେତୃତ୍ୱରେ ଛତିଆ ବଟଠାରୁ ଏକ ଶୋଭାଯାତ୍ରା ବାହାରି ନେଳିଆ ପଞ୍ଚାୟତକୁ ଯାଇଥିଲା। ଶୋଭାଯାତ୍ରା ସମୟରେ ଲୋକଙ୍କୁ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପିସିସି ଉପସଭାପତି ତଥା ଯାଜପୁର ଜିଲା ପର୍ଯ୍ୟବେକ୍ଷକ ରଜତ ଚୌଧୁରୀ, ପିସିସି ମହିଳା ସଭାନେତ୍ରୀ ବନ୍ଦିତା ପରିଡ଼ା, ପିସିସି ସାଧାରଣ ସମ୍ପାଦକ ଜ୍ଞାନରଞ୍ଜନ ପଟ୍ଟନାୟକ, ଜିଲା ସଭାପତି ମନୋଜ ରାଉତ, ପିସିସି ସମ୍ପାଦକ ତଥା ବଡ଼ଚଣା ପର୍ଯ୍ୟବେକ୍ଷକ ଅଜୟ ସାହୁ ଓ ଜିଲା ଦଳିତ ସେଲ ସଭାପତି ଦୁର୍ଯ୍ୟୋଧନ ବେହେରା ପ୍ରମୁଖ ଯୋଗଦେଇ କର୍ମୀଙ୍କୁ ଉତ୍ସାହିତ କରିଥିଲେ। ଲୋକେ କ୍ୟାପଟେନ ମହାପାତ୍ରଙ୍କୁ ସ୍ୱାଗତ ଜଣାଇଥିଲେ।

ବ୍ଲକ କଂଗ୍ରେସ ସଭାପତି ଉମେଶ ଚନ୍ଦ୍ର ଜେନା, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ନିରଞ୍ଜନ ସାହୁ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷା ଶୁକ୍ରମଣି ପୂର୍ତ୍ତି, ନିରଞ୍ଜନ ବିଶ୍ୱାଳ, ଅଶୋକ ସାମଲ, କିଶୋର ଚନ୍ଦ୍ର ରାଉତ, ମଇନା ରାୟ, ଜିଲା ଛାତ୍ର କଂଗ୍ରେସ ସଭାପତି ସଞ୍ଜୀବ କୁମାର ସାମଲ, ବ୍ଲକ ଯୁବ କଂଗ୍ରେସ ସଭାପତି ଜୟପ୍ରକାଶ ବିଶ୍ୱାଳ, ବ୍ଲକ୍ ଛାତ୍ର କଂଗ୍ରେସ ସଭାପତି କମରୁଜ ଖାଁ, ବ୍ଲକ ସଂଖ୍ୟାଲଘୁ ସେଲ୍ ସଭାପତି ଅକ୍ତର ଆଲାମ ଖାଁ, ବ୍ଲକ ଦଳିତ କଂଗ୍ରେସ ସଭାପତି ବିଚିତ୍ର ଜେନା, ମହିଳା କଂଗ୍ରେସ ସଭାପତି ନିରୁପମା ସାହୁ, ସମିତିସଭ୍ୟ କୁଳମଣି ବାରିକ, ପ୍ରାକ୍ତନ ସରପଞ୍ଚ ଦେବେନ୍ଦ୍ର ସାମଲ, ଶ୍ରୀଚରଣ ମଳିକ, ବରିଷ୍ଠ କଂଗ୍ରେସ ନେତା ମଦନ ମୋହନ ବଳ, ମାନଗୋବିନ୍ଦ ଦାସ,ବ୍ଲକ କଂଗ୍ରେସ ସାଧାରଣ ସମ୍ପାଦକ ସନ୍ତୋଷ ସାହୁ, ଧନେଶ୍ୱର ସାହୁ, ରମାକାନ୍ତ ମାହୁନ୍ତ, ସୁଶାନ୍ତ ଦାସ ଓ ଧ୍ରୁବଚରଣ ସାହୁଙ୍କ ସମେତ ବହୁତ କର୍ମୀ ଓ ସ୍ଥାନୀୟ ନେତୃମଣ୍ଡଳୀ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

## ବ୍ରହ୍ମବରଦା ଥାନା ପକ୍ଷରୁ ସାଇବର ସୁରକ୍ଷା ସଚେତନତା

ବ୍ରହ୍ମବରଦା,୮।୧୦
(ଯଯାତି କେଶରୀ ବେହେରା):

ବ୍ରହ୍ମବରଦା ଥାନା ପକ୍ଷରୁ ରବିବାର ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବ୍ରହ୍ମବରଦା ଡିଗ୍ରୀ ମହାବିଦ୍ୟାଳୟ ଏବଂ ବ୍ରହ୍ମବରଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ସାଇବର ସଚେତନତା ରଥ ପହଞ୍ଚିଥିଲା। ଥାନା ଅଧିକାରୀ ଶରତ କୁମାର ନାୟକ, ଏଏସ୍‌ଆଇ ବିଭୁତି ଭୁଷଣ ମହାପାତ୍ର ଏବଂ ଥାନାର ସମସ୍ତ ସଦସ୍ୟ ଉପସ୍ଥିତ ରହି କଲେଜ ପରିସରରେ ସଚେତନ ରଥକୁ ସ୍ୱାଗତ କରିଥିଲେ। ଜିଲା ପୋଲିସ ମୁଖ୍ୟ କାର୍ଯ୍ୟାଳୟର ଏଏସ୍‌ଆଇ ଅଶିତ ବଳବନ୍ତରାୟ ଉପସ୍ଥିତ ଥିଲେ। ଡିଗ୍ରୀ ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ ସଂଯୋଜକ ବାବୁଲି ରଣାଙ୍କ ତତ୍ତ୍ୱାବଧାନରେ ଏନ୍‌ଏସ୍‌ଏସ୍‌ର ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ରହି ସାଇବର ଠକେଇ କାରଣ ଏବଂ ଏହାର ନିରାକରଣ ବିଷୟରେ ଜ୍ଞାନ ଆହୋରଣ କରିଥିଲେ। ସେହିପରି ବନ୍ଧଡ଼ିହ ପଞ୍ଚାୟତ ଏବଂ ବ୍ରହ୍ମବରଦା ବ୍ୟାଙ୍କ ଛକଠାରେ ମଧ୍ୟ ପଥପ୍ରାନ୍ତ ସଭା ମାଧ୍ୟମରେ ପୋଲିସ ପକ୍ଷରୁ ଲୋକଙ୍କୁ ସଚେତନ କରାଯାଇଛି।

## ବିରଜାଙ୍କ ଦୁର୍ଗୋତ୍ସବ ପାଇଁ ସ୍ୱତନ୍ତ୍ର ବୈଠକ

ଯାଜପୁର ଟାଉନ,୮।୧୦
(ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଯାଜପୁର ବିରଜା ମନ୍ଦିର ପରିସରରେ ରବିବାର କ୍ଷେତ୍ରେଶ୍ୱରୀ ଶ୍ରୀବିରଜାଙ୍କ ଷୋଡ଼ଶ ଦିବସୀୟ ରଥଯାତ୍ରା ତଥା ଦୁର୍ଗୋତ୍ସବ ଲାଗି ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରୀସେବା ସମିତି ସଭାପତି ବିଶ୍ୱମ୍ଭର ମିଶ୍ରଙ୍କ ଅଧ୍ୟକ୍ଷତାରେ ଉପସଭାପତି ପ୍ରମୋଦ କୁମାର ଦ୍ୱିବେଦୀ ସଭ୍ୟମାନଙ୍କୁ ସ୍ୱାଗତ ଜଣାଇଥିଲେ। ସମ୍ପାଦକ କ୍ଷୀରୋଦ ଚନ୍ଦ୍ର ପାଠୀ ଗତ ବୈଠକର ବିବରଣୀ ପାଠ କରିଥିଲେ। ଏହା ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା। ସଭ୍ୟ ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ ରଥଯାତ୍ରାର ଧାରାବିବରଣୀ ନିମିତ୍ତ ବକ୍ତାଙ୍କୁ ନିମନ୍ତ୍ରଣ କରିଥିବା ପ୍ରକାଶ କରିଥିଲେ। ମହାଷ୍ଟମୀରେ ମା'ଙ୍କ କାନିକା ପ୍ରସ୍ତୁତି ଓ ବଣ୍ଟନ ପାଇଁ ସହସମ୍ପାଦକ ବୃନ୍ଦାବନ ମିଶ୍ର, ମଧୁସୂଦନ ମହାନ୍ତି, ବ୍ରହ୍ମାନନ୍ଦ ସ୍ୱାଇଁ, କୈଳାଶ ମଲ୍ଲିକ ଓ ସତ୍ୟରଞ୍ଜନ ବିଶ୍ୱାଳଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଆଜିବନ ସଭ୍ୟରୂପେ ରାମକୃଷ୍ଣ ବେହୁରିଆ, ଅଭିଜିତ୍ କୁମାର ନାୟକ, ଧୀରେନ୍ଦ୍ର କୁମାର ରାୟ, ଶ୍ରୀକାନ୍ତ କୁମାର ରାଉତରାୟ, କୈଳାସ ଚନ୍ଦ୍ର ବାରିକ, ମଳୟ ନାୟକ, ଧ୍ରୁବଚରଣ ଦାସ, ସିପ୍ରାରାଣୀ ପଣ୍ଡା, ଅମିୟ କୁମାର ପତି, ମନୋଜା ରାୟ, ପିକେ ଦାସ, ଦ୍ୱାରିକାନାଥ ଦାସ ଓ ଡାକ୍ତର ଶାନ୍ତନୁ କୁମାର ସାହୁଙ୍କୁ ସେବା ସମିତି ଗ୍ରହଣ କରିଥିଲା। ବୈଠକରେ ବରିଷ୍ଠ ଉପଦେଷ୍ଟା ବନବିହାରୀ ମହାପାତ୍ର, ବିରଜାପ୍ରସାଦ କର, ପ୍ରବୋଧ କୁମାର ନାୟକ, ବିବେକାନନ୍ଦ ବିଶ୍ୱାଳ, ଶ୍ରୀନାଥ ମହାନ୍ତି, ଆନନ୍ଦ ଚନ୍ଦ୍ର ସାହୁ, ଖବରଦାତା ବିରଜାପ୍ରସାଦ ପାଣି, ଦେବୀପ୍ରସାଦ ପାଣି, ମନ୍ଦିରର ବରିଷ୍ଠ ପୂଜକ ସୁବାସ ଚନ୍ଦ୍ର ପାଣି, ଲକ୍ଷ୍ମୀନାରାୟଣ ପତି, କହ୍ନାଇ ଚରଣ ମହାନ୍ତି, ଶରତ ଚନ୍ଦ୍ର ମହାରଣା, କୋଷାଧ୍ୟକ୍ଷ ହରିହର ବେହେରା, ହିସାବ ନିରୀକ୍ଷକ ରମେଶ ଚନ୍ଦ୍ର ରାଉତ, ଧୀରେନ୍ଦ୍ର କୁମାର ପରିଡ଼ା, ପଣ୍ଡିତ କୃଷ୍ଣଚନ୍ଦ୍ର ମିଶ୍ର, ନିଶିଥ୍ କୁମାର ଦାସ, ବ୍ରଜକିଶୋର ମହାନ୍ତି, ଗୋପୀନାଥ ସେଠୀ, ଧନଞ୍ଜୟ କେଶରୀ ରାଉତରାୟ ଓ ସୁଧୀର ରଞ୍ଜନ ପଣ୍ଡା ପ୍ରମୁଖ ସଭ୍ୟମାନେ ଅଂଶଗ୍ରହଣ କରିଥିଲେ। ଯୁଗ୍ମ ସମ୍ପାଦକ ବୃନ୍ଦାବନ ମିଶ୍ର ଧନ୍ୟବାଦ ଦେଇଥିଲେ।

## ରାସ୍ତାରେ ହାଇୱା ଜଳିଗଲା

ବଡବିଲ,୮।୧୦(ଦେବପ୍ରିୟ ରଣା):

କେନ୍ଦୁଝର ଜିଲା ବଲାଣି ଥାନା ଅନ୍ତର୍ଗତ ଉତ୍କୁହଟିଂ ନିକଟରେ ରବିବାର ଏକ ହାଇୱାରେ ନିଆଁ ଲାଗି ଜଳିଯାଇଛି। ଟ୍ରକ୍‌ଟି ମାଟକାମବେଡ଼ାସ୍ଥିତ ଆରିୟା ପ୍ଲାଣ୍ଟରୁ ପେଲେଟ ବୋଝେଇକରି ବଲାଣି ରେଲୱେ ସାଇଡିଂ ଅଭିମୁଖେ ଯାଉଥିଲା। ଉତ୍କୁହଟିଂ ଛକରେ ଟ୍ରକ୍‌ର ସମ୍ମୁଖ ଭାଗରେ ନିଆଁ ଲାଗିଯାଇଥିଲା। ସୂଚନା ପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସର୍ଟ ସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି।

## କୋରେଇ ପ୍ରେସ କ୍ଲବ୍ ପୁନର୍ଗଠିତ

କୋରେଇ,୮।୧୦(ଚନ୍ଦ୍ରକାନ୍ତ ପତି):

କୋରେଇ ପ୍ରେସ୍ କ୍ଲବ୍‌ର ପୁର୍ନଗଠନ କରାଯାଇଛି। ଏନେଇ କ୍ଲବ ସଭାପତି ସୁବାସ ଧଳଙ୍କ ସଭାପତିତ୍ୱରେ ଯାଜପୁର ରୋଡ ଗୁଗୁଲୁ ମଣ୍ଡପରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୋରେଇ ବ୍ଲକର ସମସ୍ତ ଗଣମାଧ୍ୟମ ପ୍ରତିନିଧି ଯୋଗ ଦେଇଥିଲେ। କ୍ଲବ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ କ୍ଲବକୁ ପୁର୍ନଗଠନ କରାଯିବାକୁ ସ୍ଥିର କରାଯାଇଥିଲା। ତେଣୁ କ୍ଲବରେ ପୂର୍ବରୁ ଥିବା ସମସ୍ତ କାର୍ମକର୍ତ୍ତା ଇସ୍ତଫା ଦେଇଥିଲେ। ପରେ କ୍ଲବର ବରିଷ୍ଠ ସଦସ୍ୟ ପୀତବାସ ଭୂୟାଁ, ପବିତ୍ରମୋହନ ରାଉତରାୟ ଓ ଆଶୁତୋଷ ମହାନ୍ତିଙ୍କ ତତ୍ତ୍ୱାବଧାନରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିରେ ସର୍ବସମ୍ମତି କ୍ରମେ କ୍ଲବ୍ ସଭାପତି ଭାବେ ସୁବାସ ଧଳ, ସମ୍ପାଦକ ମଳୟ କୁମାର ମଲ୍ଲିକ, କାର୍ଯ୍ୟକାରୀ ସଭାପତି ପବିତ୍ରମୋହନ ରାଉତରାୟ, କୋଷାଧ୍ୟକ୍ଷ ଆଶୁତୋଷ ମହାନ୍ତି, ସହସମ୍ପାଦକ ଅକ୍ଷୟ କୁମାର ପରିଡା ଓ ଉପଦେଷ୍ଟା ଭାବେ ପୀତବାସ ଭୂୟାଁ ମନୋନୀତ ହୋଇଥିଲେ। କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ଶ୍ରୀକାନ୍ତ ରାୟ, ଶତ୍ରୁଘନ ପଣ୍ଡା, ସୁକର୍ଣ୍ଣ ଚନ୍ଦ୍ର ରାଉତ ଓ ଜିତେନ୍ଦ୍ର ରାଉତଙ୍କୁ ମନୋନୀତ କରାଯାଇଥିଲା।


କୋରେଇ ପ୍ରେସ କ୍ଲବର କର୍ମକର୍ତ୍ତା।

## ତିର୍ତ୍ତୋଲ ବିଧାୟକଙ୍କ କୁଶପୁତ୍ତଳିକା ଦାହ

ରଘୁନାଥପୁର,୮।୧୦
(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ତାରପୁର ବାଇପାସରେ ରବିବାର ତିର୍ତ୍ତୋଲ ବିଧାୟକ ବିଜୟଶଙ୍କର ଦାସଙ୍କ କୁଶ ପୁତ୍ତଳିକା ଭାଜପା ପକ୍ଷରୁ ଦାହ କରାଯାଇଛି। ଜଗତ୍‌ସିଂହପୁରସ୍ଥିତ ଡିଏସ୍‌ଆର୍‌ଙ୍କ କୋର୍ଟରେ ସୋମାଲିକା ଦାଶଙ୍କ ସହ ବିଜୟଶଙ୍କରଙ୍କ ବିବାହ ଆବେଦନକୁ ନେଇ ବିବାଦ ଲାଗିରହିଥିବାବେଳେ କଟକ ସବ୍‌ରେଜିଷ୍ଟ୍ରାରଙ୍କ କୋର୍ଟରେ ଆଉ ଜଣେ ଯୁବତୀଙ୍କ ସହ ବିବାହ ପାଇଁ ଆବେଦନ କରାଯାଇଥିବାରୁ ଭାଜପା ପକ୍ଷରୁ ବିରୋଧ କରାଯାଇଛି। ଏହି କୁଶପୁତ୍ତଳିକା ଦାହ ସମୟରେ ଭାଜପା ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦକ ଡ଼ ପ୍ରକାଶ ଚନ୍ଦ୍ର ଦଳେଇ, ଜଗତସିଂହପୁର ଜିଲା ଭାଜପା ଯୁବମୋର୍ଚ୍ଚା ଉପସଭାପତି ଜଗନାଥ ବାରିକ, କ୍ଷୀତିଶ ଦାସ, ବଳରାମ ଦଳେଇ, ତ୍ରିନାଥ ବାରିକ, ଯୋଗେନ୍ଦ୍ର ଦାସ, ଶୁଭଶ୍ରୀ ଦାସ, ବନଜ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ସାଇବର ସୁରକ୍ଷା ସଚେତନତା ପାଇଁ ମିନି ମାରାଥନ


ମିନି ମାରାଥନକୁ ପୋଲିସ ଅଧିକାରୀ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

ଯାଜପୁର ଟାଉନ,୮।୧୦
(ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ରାଜ୍ୟରେ ସାଇବର ସୁରକ୍ଷା ସଚେତନତା ଅଭିଯାନ ସପ୍ତାହ ପାଳନ କରାଯାଉଥିବାବେଳେ ରବିବାର ଯାଜପୁର ପୋଲିସ ପକ୍ଷରୁ ଏକ ମିନି ମାରାଥନ୍ କରାଯାଇ ସଚେତନତା କରାଯାଇଛି। ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ୪୦୦ ଯୁବତୀଯୁବକ, ଛାତ୍ରୀଛାତ୍ରଙ୍କୁ ନେଇ ଏକ ମିନି ମାରାଥନ କରାଯାଇଥିଲା। ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ କୁସୁମା ପର୍ଯ୍ୟନ୍ତ ହୋଇଥିବା ମାରାଥନରେ ଅତିରିକ୍ତ ଏସ୍‌ପି ଅନିରୁଦ୍ଧ ରାଉତରାୟ, ଏସ୍‌ଡିପିଓ ସତ୍ୟବ୍ରତ ଲେଙ୍କା ପ୍ରମୁଖ ଯୋଗଦେଇ ପତାକା ହଲାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଯାଜପୁର ଟାଉନ ଥାନା ଅଧିକାରୀ ବିଲ୍ୱମଙ୍ଗଳ ସେଠୀ ଏହାକୁ ପରିଚାଳନା କରିଥିଲେ। ମିନି ମାରାଥନ୍‌ରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀଙ୍କୁ ସାଇବର କ୍ରାଇମକୁ କିପରି ରୋକାଯାଇପାରିବ ସେ ସମ୍ପର୍କରେ ଜିଲା ପୋଲିସ ପକ୍ଷରୁ ସୂଚନା ପ୍ରଦାନ କରାଯାଇଥିଲା।

**କର୍କଟ ସଚେତନତା ଶିବିର**

ନାଉଗାଁ, (ସୁଧା ବେହୁରା): ନାଉଗାଁ ବ୍ଲକ ଅନ୍ତର୍ଗତ ହରିହରାନନ୍ଦ ଧାନ ମନ୍ଦିର ମାତୃ ଆଶ୍ରମରେ ରବିବାର ଜ୍ଞାନପ୍ରଭା ମିଶନ ଆନୁକୂଲ୍ୟରେ ମହିଳାମାନଙ୍କୁ ନେଇ ଏକ କର୍କଟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜ୍ଞାନପ୍ରଭା ମିଶନର ସମ୍ପାଦିକା ଶାରଦା ନନ୍ଦ ଗିରି, ବ୍ରହ୍ମଚାରିଣୀ ମା'ମଧୁସ୍ମିତା,ମାଝରଣା ଓ କର୍କଟରୋଗ ବିଶେଷଜ୍ଞ ଡାକ୍ତର ଏସ୍. ନବୀନ ଯୋଗଦେଇ କର୍କଟ ରୋଗ ଓ ତା'ର ଭୟାବହତା ବିଷୟରେ ଆଲୋକପାତ କରିଥିଲେ। ଏହି ଶିବିରରେ ୧୦୫ ଜଣ ମହିଳା ଯୋଗଦେଇଥିଲେ।

## ସଂକ୍ଷେପରେ

### ସେବିର ସଚେତନତା କର୍ମଶାଳା

ପାରାଦୀପ, ୮।୧୦ (ଶରତ ରାଉତ)

ସ୍ଥାନୀୟ ନୂଆବଜାରସ୍ଥ ଏମ୍ପାୟର୍ସ ହୋଟେଲ ପରିସରରେ ରବିବାର ସନ୍ଧ୍ୟାରେ ସେବି (ଭାରତୀୟ ପ୍ରତିଭୂତି ଏବଂ ବିନିମୟ ବୋର୍ଡ)ର ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ସେବିର ସାଧାରଣ ପରିଚାଳକ ଏସ. ଏସ. ବିକାଶ ଓ ବମ୍ବେ ଷ୍ଟକ୍ସ ଏକ୍ସଚେଞ୍ଜ (ବିଏସଇ)ର ଅଫିସର ସୌମ୍ୟରଞ୍ଜନ ସାହୁ ଉପସ୍ଥିତ ରହି ପାରାଦୀପର କେତେଜଣ ନିବେଶକାରୀଙ୍କୁ ଶେୟାର ବଜାର ପୁଞ୍ଜି ନିବେଶ ସମ୍ପର୍କିତ ନିୟମାବଳୀ ଉପରେ ଆଲୋଚନା କରିଥିଲେ। ଯେକୌଣସି ନିବେଶକାରୀ ଅର୍ଥ ଲଗାଣ ପୂର୍ବରୁ ସତର୍କତା ଅବଲମ୍ବନ କରିବା ଜରୁରୀ ବୋଲି ସେବିର ଅଧିକାରୀ ବିକାଶ କହିଥିଲେ। ଏଥିରେ ପାରାଦୀପର ୧୪ ଜଣ ସାମିଲ ହୋଇଥିଲେ।

### ଖଣ୍ଡାୟତ କ୍ଷେତ୍ରିୟ ମହାସଂଘ ସମ୍ମିଳନୀ

ଆଳି,୮।୧୦(ବନମାଳୀ ସେନାପତି)

ଓଡ଼ିଶା ଖଣ୍ଡାୟତ କ୍ଷେତ୍ରୀୟ ମହାସଂଘର କେନ୍ଦ୍ରାପଡ଼ା ଜିଲା ସଂଘ ପକ୍ଷରୁ ଏକ ସମ୍ମିଳନୀ ରବିବାର ଆଳିରେ ଅନୁଷ୍ଠିତ ହୋଇଯାଇଛି। ସୁମନ୍ତ ରାଉତଙ୍କ ସଭାପତିତ୍ୱରେ ନରେନ୍ଦ୍ରପୁର ପନ୍ଦରଶିଳା ମନ୍ଦିର ପ୍ରାଙ୍ଗଣରେ ନରେନ୍ଦ୍ରପୁର ଓ ପତ୍ରପୁର ପଞ୍ଚାୟତର ଖଣ୍ଡାୟତ କ୍ଷେତ୍ରୀୟ ଶ୍ରେଣୀର ବ୍ୟକ୍ତିମାନଙ୍କୁ ନେଇ ସମ୍ମିଳନୀ ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଖଣ୍ଡାୟତ କ୍ଷେତ୍ରୀୟ ମହାସଂଘର କେନ୍ଦ୍ରାପଡ଼ା ଜିଲା ସଭାପତି ଗୋଲେଖ ଚନ୍ଦ୍ର ପଢ଼ିହାରୀ, ମୁଖ୍ୟବକ୍ତା ଭାବେ ଜିଲା ସଂଯୋଜକ ଚନ୍ଦନ ପରିଡ଼ା, ସମ୍ମାନିତ ଅତିଥି ଭାବେ ଜିଲା ମୁଖ୍ୟ ଉପଦେଷ୍ଟା ଧନେଶ୍ୱର ରାଉତ, ଜିଲା କାର୍ଯ୍ୟକାରୀ କମିଟି ସଦସ୍ୟ ଦିଲୀପ ଜେନା, ଦିଲୀପ ରାଉତ, ବ୍ରଜ ସୁନ୍ଦର ଭୂୟାଁ ପ୍ରମୁଖ ଯୋଗଦେଇ ସଙ୍ଗଠନ ବିଷୟରେ ଆଲୋଚନା କରିବା ସହ ଦିଗଦର୍ଶନ ଦେଇଥିଲେ। ଉକ୍ତ ସଭାରେ ବିପିନ ପରିଡ଼ା, ମହେଶ୍ୱର ଭୂୟାଁ, ସୌଭାଗ୍ୟ ରାଉତ, ବିନୋଦ ପରିଡ଼ା, ଚନ୍ଦ୍ରଶେଖର ରାଉତ, ଶୁଭାଶିଷ ରାଉତ, ବଂଶୀଧର ସ୍ୱାଇଁ, ସହଦେବ ସିଂହ, ସମର ମହାନ୍ତି ପ୍ରମୁଖଙ୍କ ସମେତ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଶେଷରେ ଅରୁଣ କୁମାର ରାଉତ ଧନ୍ୟବାଦ ଦେଇଥିଲେ।

### ଶିଶୁ ବାଟିକା ବିଭାଗର ମାତୃକର୍ମଶାଳା

କୁଜଙ୍ଗ,୮।୧୦ (ମନୋଜ ପ୍ରଧାନ)

କୁଜଙ୍ଗ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଆନୁକୂଲ୍ୟରେ ଶିଶୁ ବାଟିକା ବିଭାଗର ମାତୃ କର୍ମଶାଳା ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ କଳ୍ପନା ସୂତାର ଯୋଗଦେଇ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ ପିଲାମାନଙ୍କୁ ପାଠପଢ଼ା ସହ କିପରି ସଂସ୍କାରୀ ହୋଇ ସମାଜ ଓ ରାଷ୍ଟ୍ରପାଇଁ ସମର୍ପିତା ହେବେ ସେନେଇ ପରାମର୍ଶ ଦେଇଥିଲେ। ଶିଶୁ ବାଟିକା ବିଭାଗ ପ୍ରମୁଖ ବିଜୟ ଦାସ କର୍ମଶାଳାର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ପ୍ରସନ୍ନ ଖୁଣ୍ଟିଆ ଅତିଥି ପରିଚୟ ପ୍ରଦାନ ସହ ସ୍ୱାଗତ ଭାଷଣ ଦେଇଥିଲେ। ଉକ୍ତ କର୍ମଶାଳାରେ ସମ୍ପାଦକ ଆଇନଜୀବୀ କରୁଣାକର ସାହୁ, ଯୁଗ୍ମ ସମ୍ପାଦକ ଶରତ ଚନ୍ଦ୍ର ସାମନ୍ତରା, ଗୁରୁମା ତିଳୋତ୍ତମା ମହାନ୍ତି, କୁଜଙ୍ଗ ପଞ୍ଚାୟତ ସମିତିସଭ୍ୟ ସସ୍ମିତା ନାୟକ ପ୍ରମୁଖ ଯୋଗଦେଇଥିଲେ।

### ପୋର୍ଟ କ୍ଲବ ପରିସରରେ ଦୁତିଆ ଘାଣ୍ଟ ପ୍ରତିଯୋଗିତା

ପାରାଦୀପ,୮।୧୦ (ଶରତ ରାଉତ)

ସ୍ଥାନୀୟ ନୂଆବଜାର ପୋର୍ଟ କ୍ଲବ ପରିସରରେ ଲେଡିଜ୍ କ୍ଲବ ପକ୍ଷରୁ ଦୁତିଆ ଘାଣ୍ଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଲେଡିଜ୍ କ୍ଲବର ୯ଜଣ ମହିଳା ଘାଣ୍ଟ ତିଆରି କରିଥିଲେ। ଏହାକୁ ବିଚାରପତି ଭାବେ ଏକ ତାରକା ହୋଟେଲ ମ୍ୟାନେଜର ସନ୍ତୋଷ ମିଶ୍ର, କ୍ଲବ ସମ୍ପାଦିକା ସସ୍ମିତା ସେଠୀ ଓ ପି.କେ. ରାୟ ଖାଇ କୃତୀ ପ୍ରତିଯୋଗୀ ଚୟନ କରିଥିଲେ। ଓଡ଼ିଆ ସଂସ୍କୃତି ସହ ଜଡ଼ିତ ଭଲ ସ୍ୱାଦିଷ୍ଟ ଘାଣ୍ଟ କରିଥିବା ପ୍ରଥମ ୩ ଜଣ ରହିଥିଲେ। ସେମାନେ ହେଲେ ପ୍ରଥମରୁ ତୃତୀୟ ଯଥାକ୍ରମେ ଶରଣା ନାୟକ, ମୋନାଲିସା ଘଡ଼େଇ ଓ ସସ୍ମିତା ବେହେରା। ଏହି ପ୍ରତିଯୋଗିତାରେ ସମସ୍ତ ସଦସ୍ୟା ସକ୍ରିୟ ସହଯୋଗ କରିଥିଲେ।

# ନୂତନ ପୋଲ ପାଇଁ ସଂଯୋଗୀକରଣ ରାସ୍ତା ନାହିଁ

**ଯାତାୟାତ ବାଧାପ୍ରାପ୍ତ**
- ୪ ପଞ୍ଚାୟତବାସୀ ରାସ୍ତା ଉପରେ ନିର୍ଭରଶୀଳ
- ଚାଷ ଜମିରୁ ବର୍ଷା ଜଳ ନିଷ୍କାସନ ହୋଇପାରୁନାହିଁ

ରାହାମା, ୮।୧୦ (ଶ୍ରୀକାନ୍ତ ଦାସ )


ପୁରୁଣା ଜୁଣଗଣ୍ଡ ପୋଲ।

କୁଜଙ୍ଗ ବ୍ଲକ ଅନ୍ତର୍ଗତ ବୃଦ୍ଧାନଦୀ ଉପରେ ପ୍ରାୟ ୬ମାସ ହେବ ପୋଲ ନିର୍ମାଣ ସରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ସଂଯୋଗୀକରଣ ରାସ୍ତା ହୋଇନାହିଁ। ଏନେଇ ଲୋକେ ଯାତାୟାତବେଳେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅପରପକ୍ଷେ ପୁରୁଣାପୋଲ ପାଖରେ ମାଟି ଗଦା ହୋଇ ରହିଥିବାରୁ ବର୍ଷା ପାଣି ଚାଷ ଜମିରୁ ନଦୀକୁ ନିଷ୍କାସିତ ହୋଇପାରୁନାହିଁ। ଚାଷ ଜମି ଜଳମଗ୍ନ ହୋଇ ରହିଛି। ଏଥିଯୋଗୁ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ନେଇ ଚାଷୀମାନେ ଅଭିଯୋଗ କରିଛନ୍ତି।

ସୂଚନାଯୋଗ୍ୟ, କଟକ-ପାରାଦୀପ ରାସ୍ତାର ରାହାମା ତାଳପଡା ଛକରୁ ବାହାରିଛି ରବୀନ୍ଦ୍ର ସରଣୀ ରାସ୍ତା। ଏହା ଏରସମା ବ୍ଲକର ସଦର ମହକୁମାକୁ ଏକମାତ୍ର ଯୋଗାଯୋଗ ପଥ। ଏହି ରାସ୍ତା ଉପରେ ପଣ୍ଡୁଆ,ବଣିତୋ,ଗୋରଡ ଗାରେଇ, ପୋତାନଈ ଆଦି ପଞ୍ଚାୟତବାସୀ ନିର୍ଭରଶୀଳ। ଏହି ସଡ଼କର ମଠସାହୀ ଛକଠାରୁ ମାତ୍ର ଦୁଇ କିମି ଦୂରତାରେ ଶ୍ରୀ ଶ୍ରୀ ପଶ୍ଚିମେଶ୍ୱର ମହାଦେବଙ୍କ ମନ୍ଦିର ରହିଛି। ଦୂରଦୂରାନ୍ତରୁ ବହୁ ଭକ୍ତ ଏହି ପ୍ରାଚୀନ ଶୈବପୀଠକୁ ଦର୍ଶନ ପାଇଁ ଆସିଥାନ୍ତି। ଏହି ରାସ୍ତା ଦେଇ ବୃଦ୍ଧାନଦୀ ପ୍ରବାହିତ ହେଉଛି। ଯାତାୟାତ ପାଇଁ ପୂର୍ବରୁ ନଦୀ ଉପରେ ଜୁଣଗଣ୍ଡ ପୋଲ ଥିଲା। ଏହା ସଂକୀର୍ଣ୍ଣ ହୋଇଥିବା ବେଳେ ଜରାଜୀର୍ଣ୍ଣ ହୋଇପଡ଼ିଥିଲା। ଏନେଇ ବାରମ୍ବାର ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ବିଜୁସେତୁ ଯୋଜନାରେ ନୂତନ ପୋଲ ନିର୍ମାଣ ହୋଇଛି। ମାତ୍ର ଏବେ ସଂଯୋଗୀକରଣ ରାସ୍ତା ହୋଇ ନ ଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ପୋଲ ନିର୍ମାଣକୁ ୬ ମାସ ବିତିଯାଇଥିଲେ ମଧ୍ୟ ସଂଯୋଗୀକରଣ ରାସ୍ତା ପାଇଁ ପଦକ୍ଷେପ ନିଆଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାଛଡ଼ା ପୁରୁଣା ପୋଲ ତଳେ ମାଟି ଗଦା ହୋଇ ରହିଥିବାରୁ ବର୍ଷାପରେ କ୍ଷେତରୁ ଜଳ ଆସି ନଦୀରେ ମିଶିପାରୁନାହିଁ। ଫଳରେ ପୂର୍ବ ଭଳି ଏବେ ମଧ୍ୟ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଏନେଇ ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

ଏ ସମ୍ପର୍କରେ ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ନିମାଇଁ ଚରଣ ଦାସ କୁହନ୍ତି, ବର୍ଷା ଯୋଗୁ ସଂଯୋଗୀକରଣ ରାସ୍ତା କାମ ହୋଇପାରୁ ନ ଥିଲା। ଏବେ ବର୍ଷା କମିଛି। ଖୁବ୍‌ଶୀଘ୍ର ରାସ୍ତା କାମ ଚାଲୁ ହେବ।


ବିଜୁ ସେତୁ ଯୋଜନାରେ ହୋଇଥିବା ନୂତନ ପୋଲ।

# ମା'ସିଦ୍ଧିଦାତ୍ରୀଙ୍କ ମାହେଶ୍ୱରୀ ବେଶ

ନାଉଗାଁ,୮।୧୦ (ସୁଧା ବେହୁରା)



ଜଗତ୍‌ସିଂହପୁର ଜିଲା ସରୋମ୍ବୋସ୍ଥିତ ମା'ସିଦ୍ଧିଦାତ୍ରୀଙ୍କ ଶାରଦୀୟ ପାର୍ବଣ ଅବସରରେ ଷୋଡ଼ଶ ଉପଚାର ପୂଜା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରବିବାର ମା'ଙ୍କ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା। ପାର୍ବଣର ୨ୟ ଦିବସରେ ମା'ଙ୍କୁ ମାହେଶ୍ୱରୀ ବେଶରେ ସୁସଜ୍ଜିତ କରାଯାଇଥିଲା। ଆଶ୍ରମର ପ୍ରତିଷ୍ଠାତା ସ୍ୱାମୀ ଗୋକୁଳାନନ୍ଦ ସରସ୍ୱତୀଙ୍କ ତତ୍ତ୍ୱାବଧାନରେ ଉକ୍ତ ପୂଜା ଆୟୋଜନ କରାଯାଇଥିବାବେଳେ ଆଶ୍ରମର ସମ୍ପାଦକ ଅକ୍ଷୟ ମିଶ୍ର ପରିଚାଳନା କରିଥିଲେ। ମା'ଙ୍କର ଏହି ବେଶ ଦେଖିବା ପାଇଁ ପୀଠରେ ବହୁ ଭକ୍ତଙ୍କ ସମାଗମ ହୋଇଥିଲା।

# ଧକ୍କାମାରି ୪୦ ହଜାର ଟଙ୍କା, ମୋବାଇଲ ଲୁଟ୍ : ମହିଳା ଗୁରୁତର

ରଘୁନାଥପୁର, ୮।୧୦
(ରାଜେନ୍ଦ୍ର ନାରାୟଣ ସିଂହ)



ରଘୁନାଥପୁର ବ୍ଲକ ଛପଡା ପଞ୍ଚାୟତ ନେଉଳିଆସ୍ଥିତ ହଂସୁଆ ପୋଲ ଉପରେ ରବିବାର ଜଣେ ମହିଳା ଲୁଟ୍‌ର ଶିକାର ହୋଇଛନ୍ତି। ଦୁର୍ବୃତ୍ତମାନେ ତାଙ୍କୁ ଧକ୍କାମାରି ୪୦ ହଜାର ଟଙ୍କା ଓ ମୋବାଇଲ ଲୁଟି ନେଇଛନ୍ତି। ଫଳରେ ସେ ତଳେ ପଡ଼ି ଗୁରୁତର ହୋଇଛନ୍ତି। ସେ ହେଲେ ଏହି ଥାନା ଅନ୍ତର୍ଗତ ନେଉଳିଆ ଗ୍ରାମର ପୂର୍ଣ୍ଣଚନ୍ଦ୍ର ଜେନାଙ୍କ ସ୍ତ୍ରୀ ଦିବ୍ୟଲକ୍ଷ୍ମୀ (୪୦)। ସେ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେବା ପରେ ତିର୍ତ୍ତୋଲ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ,ମହିଳା ଗ୍ରୁପ୍ ଋଣ ଟଙ୍କା ପରିଶୋଧ ପାଇଁ ଭାଣିଜୀଙ୍କ ଠାରୁ ୪୦ ହଜାର ଟଙ୍କା ନେଇ ନିଜ ସାନଜା ମଧୁସ୍ମିତାଙ୍କ ସହ ଜଇପୁରରୁ ସ୍କୁଟିରେ ଘରକୁ ଅପରାହ୍ନ ସମୟରେ ଫେରୁଥିଲେ। ମଧୁସ୍ମିତାଙ୍କ କାମ ଥିବାରୁ ସେ ଦିବ୍ୟଲକ୍ଷ୍ମୀଙ୍କୁ ଗନେଇଲ ସ୍କୁଲ ପାଖରେ ଛାଡ଼ି ଚାଲିଯାଇଥିଲେ। ସେଠାରୁ ଦିବ୍ୟଲକ୍ଷ୍ମୀ ହଂସୁଆ ପୋଲ ଦେଇ ଚାଲିଚାଲି ଘରକୁ ଫେରୁଥିବାବେଳେ ୩ ଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ତାଙ୍କୁ ଧକ୍କାଦେଇ ପିନ୍ଧିଥିବା ଇମିଟେଶନ ଚେନ ସହ ପାଖରେ ଥିବା ଭ୍ୟାନିଟି ବ୍ୟାଗ ଓ ମୋବାଇଲ ଛଡ଼ାଇ ଦ୍ରୁତଗତିରେ ଧଳତଙ୍ଗଗଡ ଜଙ୍ଗଲ ରାସ୍ତାରେ ପଳାଇଯାଇଥିଲେ। ଉକ୍ତ ବ୍ୟାଗରେ ୪୦ ହଜାର ଟଙ୍କା ଥିଲା ବୋଲି ଦିବ୍ୟଲକ୍ଷ୍ମୀ ଅଭିଯୋଗରେ ଦର୍ଶାଇଛନ୍ତି। ଅଭିଯୋଗ ପରେ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି।

# ୨୫ ସୁଦ୍ଧା ଦାବି ପୂରଣ ନ ହେଲେ ଆନ୍ଦୋଳନ



ସାଧାରଣ ପରିଷଦ ବୈଠକରେ ଯୋଗଦେଇଥିବା ଅମଲା ମଞ୍ଚର ସଦସ୍ୟମାନେ।

ଜଗତ୍‌ସିଂହପୁର, ୮।୧୦
(ପ୍ରମୋଦ କୁମାର ନାୟକ)

## ଜଗତ୍‌ସିଂହପୁର ଅମଲା ମଞ୍ଚ ସାଧାରଣ ପରିଷଦ ବୈଠକ

ଗ୍ରେଡ୍ ପେ ୪,୨୦୦ ଟଙ୍କା ଦାବିରେ ୧।୬।୨୩ରୁ ୧୭।୬।୨୩ ପର୍ଯ୍ୟନ୍ତ ଅମଲାମାନେ ଆନ୍ଦୋଳନ କରିଥିଲେ। ସେତେବେଳେ ଦାବି ପୂରଣ ହେବ ବୋଲି ମୌଖିକ ପ୍ରତିଶ୍ରୁତି ମିଳିଲା ପରେ ଆନ୍ଦୋଳନ ସ୍ଥଗିତ ରଖାଯାଇଥିଲା। କିନ୍ତୁ ଏ ପର୍ଯ୍ୟନ୍ତ ଦାବି ପୂରଣ ନ ହେବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଆସନ୍ତା ୨୫ ତାରିଖ ସୁଦ୍ଧା ଦାବି ପୂରଣ ନ ହେଲେ ଅମଲାମାନେ ପୁଣି ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ ହେବେ। ରବିବାର ଜଗତ୍‌ସିଂହପୁର ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚ ସାଧାରଣ ପରିଷଦ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ସ୍ଥାନୀୟ ଟାଉନ ହଲ ପରିସରରେ ଅନୁଷ୍ଠିତ ବୈଠକରେ ମଞ୍ଚ ଆବାହକ ବିନୋଦ କୁମାର ରଥ ପୌରୋହିତ୍ୟ କରି ପ୍ରସଙ୍ଗ ଉପରେ ଆଲୋଚନା ଆରମ୍ଭ କରିଥିବାବେଳେ ଆଗକୁ ଆନ୍ଦୋଳନ ପାଇଁ ପଦକ୍ଷେପ ନିଆଯିବ ବୋଲି ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ରାଜ୍ୟ ମିଳିତ ଅମଲା ମଞ୍ଚ କୋର କମିଟି ସଦସ୍ୟ ତଥା ଓଡ଼ିଶା ରାଜସ୍ୱ ଅମଲା ସଂଘ ଜିଲା ସଭାପତି ନିହାର ରଞ୍ଜନ ଦାସ, ଜଗତ୍‌ସିଂହପୁର ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚ ଉପାଧ୍ୟକ୍ଷ ଦୁର୍ଗାପ୍ରସନ୍ନ ଦାସ, ମନୋଜ କୁମାର ମଲ୍ଲିକ, କାର୍ଯ୍ୟାଳୟ ସମ୍ପାଦକ ନଳିନୀକାନ୍ତ ଓଝା, ଓଡ଼ିଶା ରାଜସ୍ୱ ଅମଲା ସଂଘ ଜିଲା ସମ୍ପାଦକ ଶୁଭେନ୍ଦୁ ପ୍ରସାଦ ରାଉତ, ସଭ୍ୟା ସୁଜାତା ମହାରଣା, ବିଜୟଲକ୍ଷ୍ମୀ ଦାସ, ରିନାରାଣୀ ସୋରେନ, କବିତା ମୁର୍ମୁ, ମଧୁସ୍ମିତା ସାହୁ, କାଜଲ ମଲ୍ଲିକ, ସମରେଶ ଆଚାର୍ଯ୍ୟ, ବାଦଲ ମହାନ୍ତି, ଉପେନ୍ଦ୍ର ପାଲ, ଆଶୁତୋଷ ସ୍ୱାଇଁ, ସମୀର ସ୍ୱାଇଁ, ମୁକୁନ୍ଦ ସ୍ୱାଇଁ, ମାନସ ବେହେରା, ସନ୍ତୋଷ ଦାସ ଓ ଅଶୋକ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ତିର୍ତ୍ତୋଲ ବିଧାୟକଙ୍କ କୁଶପୁତ୍ତଳିକା ଦାହ

ରଘୁନାଥପୁର,୮।୧୦
(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ତାରପୁର ବାଇପାସରେ ରବିବାର ତିର୍ତ୍ତୋଲ ବିଧାୟକ ବିଜୟଶଙ୍କର ଦାସଙ୍କ କୁଶ ପୁତ୍ତଳିକା ଭାଜପା ପକ୍ଷରୁ ଦାହ କରାଯାଇଛି। ଜଗତ୍‌ସିଂହପୁରସ୍ଥିତ ଡିଏସ୍ଆର୍‌ଙ୍କ କୋର୍ଟରେ ସୋମାଲିକା ଦାଶଙ୍କ ସହ ବିଜୟଶଙ୍କରଙ୍କ ବିବାହ ଆବେଦନକୁ ନେଇ ବିବାଦ ଲାଗିରହିଥିବାବେଳେ କଟକ ସବ୍‌ରେଜିଷ୍ଟ୍ରାରଙ୍କ କୋର୍ଟରେ ଆଉ ଜଣେ ଯୁବତୀଙ୍କ ସହ ବିବାହ ପାଇଁ ଆବେଦନ କରାଯାଇଥିବାରୁ ଭାଜପା ପକ୍ଷରୁ ବିରୋଧ କରାଯାଇଛି। ଏହି କୁଶପୁତ୍ତଳିକା ଦାହ ସମୟରେ ଭାଜପା ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦକ ଡ଼ ପ୍ରକାଶ ଚନ୍ଦ୍ର ଦଳେଇ, ଜଗତସିଂହପୁର ଜିଲା ଭାଜପା ଯୁବମୋର୍ଚ୍ଚା ଉପସଭାପତି ଜଗନ୍ନାଥ ବାରିକ, କ୍ଷୀତିଶ ଦାସ, ବଳରାମ ଦଳେଇ, ତ୍ରିନାଥ ବାରିକ, ଯୋଗେନ୍ଦ୍ର ଦାସ, ଶୁଭଶ୍ରୀ ଦାସ, ବନଜ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଏସ୍ଏଚ୍‌ଜି ସଦସ୍ୟାଙ୍କ ପାଇଁ ଋଣ ମେଳା

ତିର୍ତ୍ତୋଲ, ୮।୧୦ (ଗୌରାଙ୍ଗ ଚରଣ ସ୍ୱାଇଁ)

ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ବିରିତୋଲ ସେବା ସମବାୟ ସମିତି ପକ୍ଷରୁ ରବିବାର ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍ଏସ୍‌ଜି) ସଦସ୍ୟାମାନଙ୍କ ନିମନ୍ତେ ଏକ ଋଣ ମେଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିରିତୋଲ ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ଋଣ ମେଳାରେ ୧୪ଟି ଏସ୍ଏଚ୍‌ଜିର ସଦସ୍ୟାଙ୍କୁ ବିନା ସୁଧରେ ଋଣ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମବାୟ ସମିତିର ସଭାପତି ଅଶ୍ୱିନୀ କୁମାର ଦାସ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସଦସ୍ୟାମାନଙ୍କୁ ଚେକ ପ୍ରଦାନ କରିଥିଲେ। ସରକାରଙ୍କ ନିୟମ ଅନୁସାରେ ୧ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ ଦିଆଯାଇଥିବା ବେଳେ ୧ ଲକ୍ଷରୁ ୩ ଲକ୍ଷ ପର୍ଯ୍ୟନ୍ତ ୨ ପ୍ରତିଶତ ସୁଧରେ ଋଣ ପ୍ରଦାନ କରାଯାଉଛି ବୋଲି ଅଶ୍ୱିନୀ ଉପସ୍ଥିତ ସଦସ୍ୟାମାନଙ୍କୁ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ବୃନ୍ଦାବନ ବିହାରୀ ଜିଏଲଜି, ସର୍ବେଶ୍ୱର, ସପ୍ନେଶ୍ୱର , ମା'ଠାକୁରାଣୀ, ମା'ଜାଗୁଳାଇ, ତ୍ରିଶକ୍ତି, ବଟମଙ୍ଗଳା, ମା'ମଙ୍ଗଳା, ମୁସ୍କାନ, ଅଲମଦିନା, ସୀତାରାମ, ବାସୁଦେବ, ତ୍ରିନାଥ ଆଦି ଜିଏଲଜି ଗ୍ରୁପର ସଦସ୍ୟାମାନଙ୍କୁ ଋଣ ପ୍ରଦାନ ଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଡାଇରେକ୍ଟର ବୋର୍ଡ ସଦସ୍ୟ ବିଜୟ କୁମାର ମହାନ୍ତି, ଅକ୍ଷୟ କୁମାର ମହାନ୍ତି, ଜୟୀରାମ ମଲ୍ଲିକ, ରଶ୍ମି ରଞ୍ଜନ ଦାଶ, ଭାନୁମତି ଦଳାଇ, ଦିଲ୍ଲୀପ ମହାନ୍ତି, କାଞ୍ଚନବାଳା ମହାନ୍ତି, ଅଞ୍ଜନା ନାୟକ, ବାସନ୍ତି ସାହୁ, ପ୍ରତାପ ପ୍ରଧାନ, ଶରତ ଚନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସମବାୟ ସମିତି ସମ୍ପାଦକ ଅସିତ କୁମାର ସ୍ୱାଇଁ, ସହ କର୍ମଚାରୀ କୃଷ୍ଣ ଚନ୍ଦ୍ର ଦାସ, ବିଶ୍ୱଜିତ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଛୁରାମାଡ଼ରେ ଯୁବକ ଗୁରୁତର

କୁଜଙ୍ଗ, ୮।୧୦(ମନୋଜ ପ୍ରଧାନ)

କୁଜଙ୍ଗ ଥାନା ଅନ୍ତର୍ଗତ ଗୋଠାଡ଼ିଆ ଗାଁର ନରହରି ସାମଲଙ୍କୁ ସ୍ଥାନୀୟ ବାଲିସାହି ଗ୍ରାମର ତୋଫାନ ପାଣି ଓ ବାପିନା ଦଳାଇ ରବିବାର ଛୁରା ମାଡ଼ କରିବାରେ ସେ ଗୁରୁତର ହୋଇଥିବା ଅଭିଯୋଗ ହୋଇଛି। ନରହରି ଜଣେ କାର ଚାଳକ ହୋଇଥିବା ବେଳେ ୨ ବର୍ଷ ପୂର୍ବରୁ ସ୍ତ୍ରୀ ଦୀପିକାଙ୍କୁ ଏକ ପରୀକ୍ଷା ଦେବା ପାଇଁ ନେଇଥିଲେ। ସେହି ଏକା ପରୀକ୍ଷା ଦେବା ପାଇଁ ନିକଟସ୍ଥ ବାଲିସାହି ଗାଁର ବାପିନା ମଧ୍ୟ ତାଙ୍କ ସହ କାରରେ ଯାଇଥିଲେ। ଫଳରେ ବାପିନା ନରହରିଙ୍କ ଟେଲିଫୋନ ନମ୍ବର ରଖିଥିଲେ। ପରବର୍ତ୍ତୀ ସମୟରେ ନରହରି ବେଙ୍ଗାଲୁରୁ ଏକ କମ୍ପାନୀରେ କାମ କରିବାକୁ ପଳାଇ ଥିଲେ। ହେଲେ ବ୍ୟବହାର କରୁଥିବା ଟେଲିଫୋନଟିକୁ ସ୍ତ୍ରୀ ଦୀପିକାଙ୍କୁ ଦେଇ ଯାଇଥିଲେ। ଏହି ସୁଯୋଗରେ ବାପିନା ଟେଲିଫୋନ କରିବାରୁ ଦୀପିକା ଧରିଥିଲେ। ନରହରିଙ୍କ ଅନୁପସ୍ଥିତିରେ ସୁଯୋଗ ଭାବି ବପିନା ଦୀପିକାଙ୍କୁ ପ୍ରେମ ନିବେଦନ କରିବାରୁ ସେ ସ୍ୱାମୀଙ୍କୁ ଜଣାଇଥିଲେ। ସ୍ୱାମୀ ନରହରି ଘରକୁ ଫେରି ସ୍ତ୍ରୀଙ୍କଠାରୁ ସବୁ ଶୁଣିବା ପରେ ୮ ଦିନ ତଳେ ବାପିନାଙ୍କୁ ପଚାରିବା ସହ ଝଗଡ଼ା ହୋଇଥିଲା। ରବିବାର ଅପରାହ୍ନ ୩ଟାରେ ନରହରି ନିକଟସ୍ଥ ପାନ ଦୋକାନକୁ ଯାଇଥିବା ବେଳେ ବାପିନା ଓ ତାଙ୍କ ଭିଣୋଇ ତୋଫାନ ମିଶି ନରହରିଙ୍କୁ ଏକ ଛୁରିରେ ଆକ୍ରମଣ କରିବାରୁ ତାଙ୍କ ଛାତି ଓ ବାମ ହାତରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ସଙ୍ଗେସଙ୍ଗେ ପରିବାର ଲୋକ ତାଙ୍କୁ କୁଜଙ୍ଗ ଡାକ୍ତରଖାନା ନେଇଥିଲେ। ନରହରିଙ୍କଛାତି ଓ ହାତରେ ୨୨ଟି ଷ୍ଟିଚ୍ ହେବା ପରେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ନରହରିଙ୍କ ସ୍ତ୍ରୀ ଦୀପିକା ଥାନାରେ ଅଭିଯୋଗ କରିଛନ୍ତି।

# ତିହୁଡ଼ାସ୍ଥିତ ମା' ଜାଗୁଳାଈଙ୍କ ପୀଠରେ କବି ସମ୍ମିଳନୀ


କବିତା ଆସରରେ ଯୋଗଦେଇଥିବା ଅତିଥିମାନେ।

ନାଉଗାଁ,୮।୧୦(ସୁଧା ବେହୁରା)

ଶାରଦୀୟ ପାର୍ବଣ ଉପଲକ୍ଷେ ନାଉଗାଁ ବ୍ଲକ ଅନ୍ତର୍ଗତ ମା' ଜାଗୁଳାଈଙ୍କ ପୀଠରେ ଶାରଦୀୟ ଆଧ୍ୟାତ୍ମିକ କବିତା ଆସର ଓ କବି ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ଶ୍ରୀବାବା ବୈକୁଣ୍ଠନାଥ ସାହିତ୍ୟ ସଂସଦ ପରିଷଦର ପଞ୍ଚଦଶ ରାଜ୍ୟସ୍ତରୀୟ କବି ସମ୍ମିଳନୀ ବ୍ରହ୍ମଚାରୀ ବାବା ସତ୍ୟାନନ୍ଦ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ସମ୍ମିଳନୀକୁ ପୁରୀ ରାଧା ବଲ୍ଲଭ ମଠର ମହନ୍ତ ମହାରାଜ ରାମକୃଷ୍ଣ ଦାସ ଉଦ୍‌ଘାଟନ କରିଥିଲେ। ଉତ୍ସବରେ ପୂର୍ବତନ ଓଡ଼ିଶା ଭାଷା ସାହିତ୍ୟର ନିର୍ଦ୍ଦେଶକ କୈଳାସ ଚିକାୟତରାୟ, ସମ୍ମାନିତ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ପୁରସ୍କାର ପ୍ରାପ୍ତ ସାହିତ୍ୟିକ ଡ. ଦିଗରାଜ ବ୍ରହ୍ମା, ସାହିତ୍ୟିକଶପଥ ମହାପାତ୍ର, ସାହିତ୍ୟିକବଦ୍ରି ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ରାଜ୍ୟର ବହୁ ପ୍ରାନ୍ତରୁ କବୟିତ୍ରୀକବି ଯୋଗଦେଇ ଶାରଦୀୟ ପାର୍ବଣ ଉପଲକ୍ଷେ ସ୍ୱରଚିତ କବିତା ପାଠ କରିଥିଲେ। ପରିଷଦ ପକ୍ଷରୁ ଡ. ଦିଗରାଜ ବ୍ରହ୍ମା, ଶପଥ ମହାପାତ୍ର, ପବିତ୍ର ମୋହନ ସ୍ୱାଇଁ, ନିରଞ୍ଜନ ମହାନ୍ତି, ସଂଯୁକ୍ତା ଶରଣଙ୍କୁ ମାନପତ୍ର, ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବାମଦେବ ସ୍ୱାଇଁ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ତ୍ରିଲୋଚନ ପାଢ଼ୀ, ସୁଧୀର ବିଶ୍ୱାଳ, ହିମାଂଶୁ ମହାନ୍ତି, ରମାକାନ୍ତ ବାରିକ, ସୁକାନ୍ତ ଲେଙ୍କା ପ୍ରମୁଖ ପରିଚାଳନା କରିଥିଲେ।

# ନିରବଚ୍ଛିନ୍ନ ସେବା ଦେଇଆସିଛି ଡାକ ବିଭାଗ

ଜଗତ୍‌ସିଂହପୁର, ୮।୧୦
(ପ୍ରମୋଦ କୁମାର ନାୟକ)



କଟକ ଦକ୍ଷିଣ ଡାକମଣ୍ଡଳର ପ୍ରତିଷ୍ଠା ଦିବସରେ ଯୋଗଦେଇଥିବା ଅତିଥିମାନେ।

**କଟକ ଦକ୍ଷିଣ ଡାକ ମଣ୍ଡଳ ୪୩ତମ ପ୍ରତିଷ୍ଠା ଦିବସ**

କଟକ ଦକ୍ଷିଣ ଡାକ ମଣ୍ଡଳ ୨୫।୯।୧୯୮୦ରେ ପ୍ରତିଷ୍ଠା ହୋଇଥିଲା। ସେବେଠାରୁ ଏ ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଡାକ ସେବା ସାଙ୍ଗକୁ ଅନେକ ଯୋଜନା ଓଡ଼ିଶାବାସୀଙ୍କ ବିଶ୍ୱାସକୁ ବହୁଗୁଣିତ କରିପାରିଛି। ଯେଉଁ କାରଣରୁ ଭାରତର ଭରସାଯୋଗ୍ୟ ସେବା ଭାବେ ପୋଷ୍ଟାଲ ତାର ସ୍ୱତନ୍ତ୍ରତା ବଜାୟ ରଖି ପାରିଛି । ଆଗକୁ ଏହାର ଭବିଷ୍ୟତ ଉଜ୍ଜ୍ୱଳମୟ। ରବିବାର ଦକ୍ଷିଣ ଡାକ ମଣ୍ଡଳର ୪୩ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଶା ପରିମଣ୍ଡଳର ନିର୍ଦ୍ଦେଶକ ସୁଚିସ୍ମିତା ସ୍ୱାଇଁ (ଆଇପିଓଏସ୍) ଏହା କହିଛନ୍ତି। ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ଏହି ଉତ୍ସବରେ କଟକ ଦକ୍ଷିଣ ଡାକ ମଣ୍ଡଳ ନିଜର ଜାତୀୟ ସଞ୍ଚୟ ଯୋଜନାର ସଫଳ ରୂପାୟନ କରିବା ସହ ବ୍ୟାଙ୍କିଙ୍ଗ ସେବା କ୍ଷେତ୍ରରେ ଉଲ୍ଲେଖନୀୟତା ହାସଲ କରିପାରିଥିବା କୁହାଯାଇଥିଲା।

କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ କବି ତଥା ଲେଖକ ଡ. ଶୁଭ କୁମାର ଦାସ ଯୋଗଦେଇ ସୁଦୃଢ଼ ଭିତ୍ତିଭୂମି ଯୋଗୁ ପୋଷ୍ଟାଲ ଲୋକଙ୍କ ଆସ୍ଥାଭାଜନ ହୋଇପାରିଥିବା କହିଥିଲେ। ସମ୍ମାନିତ ଅତିଥିଭାବେ କଟକ ସିଟି ପୋଷ୍ଟାଲ ଡିଭିଜନ ବରିଷ୍ଠ ଡାକ ଅଧୀକ୍ଷକ ସର୍ବେଶ୍ୱର ମିଶ୍ର, ବ୍ୟଙ୍ଗ କବି ଜ୍ଞାନ ହୋତା, ଲେଖକ ଓ ଶିକ୍ଷାବିତ୍ ତୃପ୍ତି ରଞ୍ଜନ ଦାସ ଯୋଗଦେଇଥିଲେ। ସେମାନେ କବିତା ଛଳରେ ଚିଠିର ଚାହିଦା ଉପରେ ବଖାଣିଥିଲେ। ଏଥିସହ ଡାକ ବିଭାଗରେ ବୈଷୟିକ ଜ୍ଞାନ କୌଶଳର ପ୍ରୟୋଗ ଲୋକଙ୍କ ପାଇଁ ଅନେକ ସୁଯୋଗ ଆଣିଥିବା କହିଥିଲେ। ପରେ କଟକ ଦକ୍ଷିଣ ଡାକ ମଣ୍ଡଳର ୨୦୨୨-୨୩ ବିତ୍ତୀୟ ବର୍ଷରେ ଉତ୍ତମ ପ୍ରଦର୍ଶନ କରିଥିବା ଡାକ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଉକ୍ତ ପରିସରରେ ଡାକ କର୍ମଚାରୀମାନଙ୍କ ଦ୍ୱାରା ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇ ୨୮ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। କଟକ ଦକ୍ଷିଣ ଡାକ ମଣ୍ଡଳର ଡାକ ଅଧୀକ୍ଷକ ଗଜେନ୍ଦ୍ର ପ୍ରସାଦ କର ସ୍ୱାଗତ ଭାଷଣ ଦେଇଥିବା ବେଳେ ହୃଷୀକେଶ ବେହେରା ଓ ଈପ୍ସାପ୍ରଜ୍ଞା ପରିଡ଼ା ମଞ୍ଚ ସଞ୍ଚାଳନ କରିଥିଲେ। ଶେଷରେ ମଣ୍ଡଳ ସହକାରୀ ଡାକ ଅଧୀକ୍ଷକ ବିଭୁଦତ୍ତ ବେହେରା ଧନ୍ୟବାଦ ଦେଇଥିଲେ। ପରିଶେଷରେ ଡାକ କର୍ମଚାରୀମାନଙ୍କ ଦ୍ୱାରା ଡ୍ରାମା ଓ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ମଣ୍ଡଳର ସହକାରୀ ଡାକ ଅଧୀକ୍ଷକ ବ୍ରଜେନ୍ଦ୍ର ହେମ୍ବ୍ରମ, ରଜନୀକାନ୍ତ ବାରିକ, ବିକାଶ ପରିଡ଼ା ସହ ସମସ୍ତ ଡାକ କର୍ମଚାରୀ, ପୋଷ୍ଟାଲ ଏଜେଣ୍ଟ ଓ ବୁଦ୍ଧିଜୀବୀମାନେ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ଜିଆରଏସ୍ ହତ୍ୟା ଘଟଣାରେ ଜଣେ ଗିରଫ

ବେଗୁନିଆପଡ଼ା,୮।୧୦(ସୁଶାନ୍ତ କୁମାର ପଟ୍ଟନାୟକ)

ବେଗୁନିଆପଡ଼ା ବ୍ଲକ ସାନ ଉଦ୍ଦୟପଡ଼ା ପଞ୍ଚାୟତରେ କାର୍ଯ୍ୟରତ ଜିଆରଏସ ସୁଶୀଲ କୁମାର ମହାନ୍ତିଙ୍କ ହତ୍ୟା ଘଟଣାରେ ମୁଖ୍ୟ ଅଭିଯୁକ୍ତ ଭାଲିଆଝର ଗ୍ରାମ ମୋହନପୁର ସାହିର ମନୋଜ କୁମାର ସାହୁଙ୍କୁ ରବିବାର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ମନୋଜ ଓ ସୁଶିଲ କନିଆରୀବାଡି ଗ୍ରାମର ଜଣେ ମହିଳାଙ୍କୁ ପ୍ରେମ କରିଆସୁଥିଲେ। ମନୋଜ ଏ ନେଇ ସୁଶିଲଙ୍କୁ ୨ମାସ ତଳେ ତାଗିଦ କରିଥିଲେ। ୪ ତାରିଖ ରାତିରେ ମନୋଜ କନିଆରୀବାଡି ଗ୍ରାମର ଜନୈକ ମହିଳାଙ୍କ ଘରକୁ ଯାଇଥିଲେ। ଏହା ଦେଖି ସୁଶିଲ ଉତ୍‌କ୍ଷିପ୍ତ ହୋଇ ମହିଳାଙ୍କ ଘରକୁ ଯାଇ ଯୁକ୍ତି ତର୍କ କରିଥିଲେ। ପରେ ମନୋଜ ବାହାରକୁ ଆସି ସୁଶୀଲଙ୍କୁ ହତ୍ୟା କରିଥିଲେ। ଏ ନେଇ ପୋଲିସ ନଂ. ୩୯୪/୨୩ରେ ଅଭିଯୁକ୍ତଙ୍କୁ ଗିରଫ କରିବା ସହ କଟୁରୀ ଓ ରକ୍ତ ଭିଜା ସାର୍ଟ ଜବତ କରିଛି ବୋଲି ବେଗୁନିଆପଡ଼ା ଥାନା ଅଧିକାରୀ ମଞ୍ଜରୀ ନାୟକ ସୂଚନା ଦେଇଛନ୍ତି।

### ଶଶିଭୂଷଣ ମହାନ୍ତି ପାରଳାଖେମୁଣ୍ଡି ବିଧାନସଭା କ୍ଷେତ୍ରର ପର୍ଯ୍ୟବେକ୍ଷକ

ଗୋପାଳପୁର,୮।୧୦(ନବୀନ ରାଜ ଆଚାରୀ)

ଆସନ୍ତା ବର୍ଷ ସାଧାରଣ ନିର୍ବାଚନ ଥିବା ବେଳେ ସଂଗଠନକୁ ତୃଣମୂଳ ସ୍ତରରେ ସୁଦୃଢ଼ କରିବା ପାଇଁ ବିଜେଡି ପର୍ଯ୍ୟବେକ୍ଷକ ପରିବର୍ତ୍ତନ କରାଯାଇଛି। ରବିବାର ଗୋପାଳପୁରର ବିଜେଡି ନେତା ଶଶିଭୂଷଣ ମହାନ୍ତିଙ୍କୁ ପାରଳାଖେମୁଣ୍ଡି ବିଧାନସଭା କ୍ଷେତ୍ରର ପର୍ଯ୍ୟବେକ୍ଷକ ଭାବରେ ଘୋଷଣା କରାଯାଇଛି। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଶଶିଭୂଷଣଙ୍କୁ ଏହି ନୂତନ ଦାୟିତ୍ୱ ପ୍ରଦାନ କରାଯାଇଥିବା ଦଳର ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାଶ ଏକ ପ୍ରେସ ବିବୃତ୍ତିରେ ସୂଚନା ଦେଇଛନ୍ତି। ଦଳ ପକ୍ଷରୁ ତାଙ୍କୁ ଏହି ଗୁରୁ ଦାୟିତ୍ୱ ଦିଆଯାଇଥିବାରୁ ସେ ଦଳର ସୁପ୍ରିମୋଙ୍କ ସହ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ରାଜ୍ୟସଭା ଏମପି ମାନସ ମଙ୍ଗରାଜ ପ୍ରମୁଖଙ୍କୁ ସାଧୁବାଦ ଜଣାଇଛନ୍ତି।

### ଚା'ଖଟିରେ ଲୋକଙ୍କ ସହ ବିଜୟଙ୍କ ଆଲୋଚନା

ଦାରିଙ୍ଗବାଡି, ୮।୧୦(ଅରୁଣ ସାହୁ)

କନ୍ଧମାଳ ଜିଲା ବିଜେଡିର ଜିଲା ପର୍ଯ୍ୟବେକ୍ଷକ ତଥା ବିହନ ନିଗମର ଅଧ୍ୟକ୍ଷ ବିଜୟ ନାୟକ ଶନିବାର ଦାରିଙ୍ଗବାଡି ଦେଇ ଫୁଲବାଣୀ ଗସ୍ତ କରିଛନ୍ତି। ଏହି ସମୟରେ ସେ ବିଭିନ୍ନ ଚା'ଦୋକାନରେ ଅଟକି ଲୋକଙ୍କ ସହ ଅନେକ ପ୍ରସଙ୍ଗରେ ଆଲୋଚନା କରିଥିଲେ। ସିମନବାଡି ଛକଠାରେ ଥିବା ଏକ ଚା' ଦୋକାନରେ ତାଙ୍କୁ ଦେଖି ଲୋକଙ୍କ ଭିଡ଼ ଜମିଥିଲା। ଏହି ସମୟରେ ବିଜୟ ନାୟକ ଏବଂ ତାଙ୍କ ସହ ଉପସ୍ଥିତ ଥିବା ଜିଲା ଯୋଜନା ବୋର୍ଡର ଅଧ୍ୟକ୍ଷ ତଥା ବାଲିଗୁଡା ବିଧାୟକ ଚକ୍ରମଣି କହଁର ଓ ଅନ୍ୟମାନଙ୍କ ଉପସ୍ଥିତିରେ ଅଞ୍ଚଳବାସୀଙ୍କ ସହ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାରେ ଅଞ୍ଚଳବାସୀ କିଭଳି ଫାଇଦା ପାଉଛନ୍ତି ସେ ସମ୍ପର୍କରେ ଜାଣିବାକୁ ଚେଷ୍ଟା କରିଥିଲେ। ସେହିପରି ଦଳୀୟ କର୍ମୀଙ୍କ ସହ ମଧ ପର୍ଯ୍ୟବେକ୍ଷକ ନାୟକ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଆସନ୍ତା ଦିନରେ ବ୍ରାହ୍ମଣୀଗାଁ ଅଞ୍ଚଳରେ ପଦଯାତ୍ରା କରାଯାଇ ରାଜ୍ୟର ଜନପ୍ରିୟ ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରାଯିବ ବୋଲି ସେ କହିଛନ୍ତି।

### ଫୁଲବାଣୀରେ ସ୍ୱାସ୍ଥ୍ୟ ଶିବିର

ଫୁଲବାଣୀ, ୮।୧୦(ରାକେଶ କୁମାର ରାଉତ)

ଫୁଲବାଣୀସ୍ଥିତ ସାର୍ତାଗୁଡ଼ା ସମନ୍ୱିତ ଭିତ୍ତିଭୂମି ପରିସରରେ ରବିବାର 'ସାଂସଦ ସାମନ୍ତ ମେଗା ସ୍ୱାସ୍ଥ୍ୟ ଶିବିର' ଅନୁଷ୍ଠିତ ହୋଇଯାଇଛି। କନ୍ଧମାଳ ଏମ୍‌ପି ଅଚ୍ୟୁତ ସାମନ୍ତ ଏହାକୁ ଉଦ୍‌ଘାଟନ କରିଥିଲେ। କିମ୍ସ ହସ୍ପିଟାଲ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ସ୍ୱାସ୍ଥ୍ୟ ଶିବିରରେ ମେଡିସିନ୍, ହୃଦରୋଗ, ଅସ୍ଥିଶଲ୍ୟ, ସ୍ନାୟୁରୋଗ, ଚକ୍ଷୁ, ଚର୍ମ, ଶିଶୁରୋଗ, ସ୍ତ୍ରୀ ଓ ପ୍ରସୂତି, ମାନସିକ, ଦନ୍ତ, କର୍ଣ୍ଣ–ନାସା ଓ ଗଳା, ପଲମୋନାରୀ, ନେଫ୍ରୋଲୋଜି, ୟୁରୋଲୋଜି, ଏଣ୍ଡୋକ୍ରାଇନୋଲୋଜି, ରେଡିଓଲୋଜି ବିଭାଗର ୬୦ରୁ ଉର୍ଦ୍ଧ୍ୱ ବରିଷ୍ଠ ଡାକ୍ତର ଓ ବିଶେଷଜ୍ଞ ଯୋଗଦେଇ ସକାଳ ୯ଟାରୁ ଅପରାହ୍ନ ୫ଟା ଯାଏ ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ରୋଗୀମାନଙ୍କ ବିଭିନ୍ନ ରୋଗର ନିଦାନ କରାଯିବା ସହ ମାଗଣା ଔଷଧ ବଣ୍ଟନ କରାଯାଇଥିଲା। ଶିବିର ସ୍ଥଳକୁ ବୟସ୍କ ଏବଂ ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ବସର ବ୍ୟବସ୍ଥା କରାଯାଇଥିଲା।

# ପାନୀୟ ଜଳ ପ୍ରକଳ୍ପ ପାଇଁ ରାସ୍ତା ଖୋଳିଦେଲେ

ଖଜୁରୀପଡ଼ା,୮।୧୦(ବିଦୁର ବେହେରା)

ସରକାର ପାନୀୟ ଜଳ ସମସ୍ୟାକୁ ଦୂରୀଭୂତ କରି ଘରେ ଘରେ ପିଇବା ପାଣି ପହଞ୍ଚାଇବା ପାଇଁ ମେଘା ପାନୀୟ ଜଳ ପ୍ରକଳ୍ପ ଯୋଜନା କରିଛନ୍ତି। ଅନ୍ୟପକ୍ଷେ ଏହି ଯୋଜନା କାର୍ଯ୍ୟକାରୀ କରିବା ପାଇଁ ବେସରକାରୀ ସଂସ୍ଥା ଠିକା ନେଇଛି। ସେହି ସଂସ୍ଥା ସରକାରୀ ଆଇନ୍ ଉଲ୍ଲଙ୍ଘନ କରି ପାଣି ପାଇପ ପକାଇବା ପାଇଁ ରାସ୍ତା କଡକୁ ଲଗେଇ ଜେସିବି ଦ୍ୱାରା ଖୋଳିଦେଉଛି। ଖୋଳା ଯାଇଥିବା ମାଟି ଅଧା ରାସ୍ତା ଉପରେ ପଡୁଥିବାରୁ ରାସ୍ତା ସଙ୍କୁଚିତ ହେବା ଯୋଗୁଁ ଦୁର୍ଘଟଣା ଘଟୁଛି। ଏଭଳି ଅବ୍ୟବସ୍ଥା ଦେଖିବାକୁ ମିଳିଛି ଖଜୁରୀପଡ଼ା ବ୍ଲକରେ। କନ୍ଧମାଳ ଜିଲାର ୭ଟି ପଞ୍ଚାୟତରେ ଏହି ପ୍ରକଳ୍ପ କାମ ଜାରି ରହିଛି। ଏଥିପାଇଁ ୧ ହଜାର କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳ କରାଯାଉଛି। ଏହି ଯୋଜନା କାର୍ଯ୍ୟକାରୀ କରିବା ଦାୟିତ୍ୱ ଏକ ବେସରକାରୀ ନିର୍ମାଣ ସଂସ୍ଥାକୁ ଦିଆଯାଇଛି। ନିୟମ ଅନୁଯାୟୀ ପାଣି ପାଇପ ବିଛେଇବା ପାଇଁ ରାସ୍ତାର ସୋଲ୍ଡର ତଳକୁ ଏକ ନିର୍ଦ୍ଦିଷ୍ଟ ଦୂରତା ରଖି ଖୋଳିବା ପାଇଁ ନିୟମ ରହିଛି। ଗଭୀରରେ ପାଇପ ବିଛେଇବା ପରେ ମାଟିକୁ ଭଲ ଭାବରେ ପୋତିବାକୁ ନିର୍ଦ୍ଦେଶ ରହିଛି। କିନ୍ତୁ ତାହା ନ କରି ଠିକା କମ୍ପାନୀ ରାସ୍ତାର ପିଚୁକୁ ଲଗେଇ ଜେସିବି ମେସିନ ଦ୍ୱାରା ଖୋଳି ପାଇପ ବିଛାଇବା ପରେ ଭଲ ଭାବରେ ପୋତୁ ନଥିବା ଅଭିଯୋଗ ହେଉଛି। ଫଳରେ ରାସ୍ତା କଡର ମାଟି ଦବି ଯାଉଛି ଏବଂ ଗର୍ତ୍ତ ସୃଷ୍ଟି ହେଉଛି। ଯାହା ଦ୍ୱାରା ଦୁର୍ଘଟଣାର ଆଶଙ୍କା ରହୁଛି। କିଛି ଦିନ ତଳେ ଜଣେ ବ୍ୟକ୍ତି ସ୍କୁଟିରେ ବଲସକୁମ୍ପାରୁ ଖଜୁରୀପଡ଼ାକୁ ଯାଉଥିବା ବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଅନେକ ସମୟରେ ବିପରୀତ ଦିଗରୁ ଆସୁଥିବା ଯାନ ବାହାନ ସାଇଡ୍ ଦେବା ବେଳେ ଦୁର୍ଘଟଣା ଘଟୁଛି। ଏ ନେଇ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଅମିତ ଗୁରୁ କହିଛନ୍ତି, ଏ ସମ୍ପର୍କରେ ସଂପୃକ୍ତ ସଂସ୍ଥାକୁ ବାରମ୍ବାର ତାଗିଦ କରାଯାଇଛି। ସେମାନେ ଗୁରୁତ୍ୱ ଦେଉ ନାହାନ୍ତି। ତେଣୁ କମ୍ପାନୀ ନାମରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ସ୍ଥିର କରାଯାଉଛି। ସେହିପରି ରାସ୍ତା ଓ କୋଠା ନିର୍ମାଣ ବିଭାଗ ଡିଭିଜନ ଅଧିକାରୀ ବିଷ୍ଣୁ କେଶରୀ ଉପାଧ୍ୟାୟ ମଧ କାର୍ଯ୍ୟ ଚାଲିଥିବା ସ୍ଥାନକୁ ଆସି ବାରମ୍ବାର ତାଗିଦ କରିଥିଲେ ସୁଦ୍ଧା ସେମାନେ କର୍ଣ୍ଣପାତ କରୁନାହାନ୍ତି। ତେଣୁ ଜିଲାପାଳଙ୍କୁ ଏହି ସମ୍ବନ୍ଧରେ ଅବଗତ କରାଯିବ ବୋଲି କହିଛନ୍ତି।



ଜେସିବି ଦ୍ୱାରା ଖୋଳାଯାଉଥିବା ରାସ୍ତା

# ଉଡୁରା ପଞ୍ଚାୟତରେ ବିଜେଡିର ପଦଯାତ୍ରା




ବୈଠକରେ ଉପସ୍ଥିତ ବିଜେଡି ନେତୃବୃନ୍ଦ ।

ବେଲଗୁଣ୍ଠା, ୭।୧୦(କୃଷ୍ଣଚନ୍ଦ୍ର ପଟ୍ଟନାୟକ)

ବେଲଗୁଣ୍ଠା ବ୍ଲକ ଉଡୁରା ପଞ୍ଚାୟତରେ ବିଜେଡିର ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ନୂଆଉଡୁରା ଠାରେ ବଡ଼ ବୋର୍ସିଂଗ୍ ସରପଞ୍ଚ ତଥା ବ୍ଲକ ବିଜେଡ଼ି ସଭାପତି ରାମେଶ୍ୱର ପାତ୍ରଙ୍କ ପରିଚାଳନାରେ ଏକ ଦଳୀୟ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ମୁଖ୍ୟ ଅତିଥି ରୂପେ ସୋରଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଯୋଗଦେଇ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନାଗୁଡ଼ିକର କିପରି ସଫଳ ରୂପାୟନ ହୋଇପାରିବ। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ରୂପେ ବେଲଗୁଣ୍ଠା ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକ ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ରୂପେ ସୋରଡ଼ା ନିର୍ବାଚନ ମଣ୍ଡଳୀ ଯୁବ ବିଜେଡ଼ି ସଭାପତି ତଥା ବେଣୀପଲ୍ଲୀ ସରପଞ୍ଚ ଦୁର୍ଗାମାଧବ ନାୟକ, ବ୍ଲକ ଉପାଧ୍ୟକ୍ଷା ପ୍ରମିଳା ପ୍ରଧାନ, ଜିଲାପରିଷଦ ସଭ୍ୟ ବିଦ୍ୟାଧର ବିଷୋୟୀ, ଏମପି ପ୍ରତିନିଧି ସନ୍ତୋଷ କୁମାର ସ୍ୱାଇଁ, ସରପଞ୍ଚ ବିଷ୍ଣୁ ସେଠୀ, ସମିତିସଭ୍ୟ ସୁଧାଂଶୁ ଶେଖର ପୋଲାଇ, ପୂର୍ବତନ ସରପଞ୍ଚ ସୀମାଞ୍ଚଳ ବିଷୋୟୀ, ଗୋବରା ସମିତିସଭ୍ୟ ବିଭୂପାଦ ଜେନା, ୪୭ ନମ୍ବର୍ ଜୋନ୍ ସଭାପତି ପ୍ରଦ୍ୟୁମ୍ନ ପାତ୍ର, ଉଡୁରା ପଞ୍ଚାୟତ ବିଜେଡ଼ି ସଭାପତି ସନ୍ତୋଷ ଜେନା, ନାଏବ ସରପଞ୍ଚ ସବୀନା ନାୟକ, ଯୁବନେତା ପଞ୍ଚାନନ ସାମଲ୍, ବାବୁ ସ୍ୱାଇଁ, ଶରତ ସ୍ୱାଇଁ, ପୂର୍ବତନ ସମିତିସଭ୍ୟ ତୁଷାର ବିଷୋୟୀଙ୍କ ସମେତ ବେଲଗୁଣ୍ଠା ବ୍ଲକର ବହୁ ସରପଞ୍ଚ, ସମିତିସଭ୍ୟ ଏବଂ ଶତାଧିକ ଦଳୀୟ କର୍ମୀ ଯୋଗଦେଇଥିଲେ।

# ସାଇବର ସୁରକ୍ଷା ଅଭିଯାନ

ଚନ୍ଦ୍ରଗିରି,୮।୧୦(ସୁକାନ୍ତ କୁମାର ରଥ)

ଗଜପତି ଜିଲାରେ ରାଜ୍ୟ ସରକାରଙ୍କ ସାଇବର ସୁରକ୍ଷା ଅଭିଯାନ ଆୟୋଜିତ ହୋଇଛି। ଏନେଇ ସାରା ରାଜ୍ୟ ପରିକ୍ରମା କରୁଥିବା ସଚେତନ ରଥ ସ୍ୱାଗତ ସମ୍ବର୍ଦ୍ଧନା କରିଛି ଗଜପତି ଜିଲାର ଚନ୍ଦ୍ରଗିରି ପୋଲିସ ପ୍ରଶାସନ। ସ୍ଥାନୀୟ ବଜାରଠାରେ ଚନ୍ଦ୍ରଗିରି ପୋଲିସ ପକ୍ଷରୁ ଆୟୋଜିତ ହୋଇଥିଲା ଏକ ସାଧାରଣ ସଭା। କାର୍ଯ୍ୟକ୍ରମ ଫାଣ୍ଡି ଅଧିକାରି ପୁରୁଷୋତ୍ତମ ପାଇକଙ୍କ ନେତୃତ୍ୱରେ ପୋଲିସ ପ୍ରଶାସନ, ବ୍ଲକ ପ୍ରଶାସନ ଓ ଜନପ୍ରତିନିଧି ଏବଂ ସ୍କୁଲ ଛାତ୍ରୀଛାତ୍ରମାନେ ଯୋଗଦେଇଥିଲେ। ସେଠାରେ ଅନୁଷ୍ଠିତ ସଚେତନତା ସଭାରେ ମୁଖ୍ୟଅତିଥି ଭାବେ ମୋହନା ବିଡିଓ ତପସ୍ୱିନି ହାଁସଦା ଯୋଗ ଦେଇଥିବା ବେଳେ ସାଇବର ସଚେତନତା ପାଇଁ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଅଶ୍ୱିନୀ କୁମାର ନାୟକ, ମୋହନା ଥାନାଧିକାରୀ ବସନ୍ତ କୁମାର ସେଠୀ ପ୍ରମୁଖ ଯୋଗଦେଇ ଉପସ୍ଥିତ ଶତାଧିକ ଜନସାଧାରଣଙ୍କୁ ସଚେତନ କରିଥିଲେ। ଏହି ସଚେତନତା ଦ୍ୱାରରୁ ଦ୍ୱାର ପହଞ୍ଚାଇବାକୁ ସମସ୍ତ ପ୍ରସ୍ତୁତି କରାଯାଇଥିବା କହିଛନ୍ତି ଏସଡିପିଓ ଅଶ୍ୱିନୀ କୁମାର ନାୟକ।

### ମିଳିତ ଅମଲା ମଞ୍ଚର ସାଧାରଣ ପରିଷଦ ବୈଠକ

ପାରଳାଖେମୁଣ୍ଡି, ୮।୧୦ (ଗିରିଧାରୀ ପରିଚ୍ଛା)

ପାରଳାଖେମୁଣ୍ଡିସ୍ଥିତ ଜିଲାପରିଷଦ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ କାର୍ଯ୍ୟରତ ଅମଲାମାନେ ଯୋଗ ଦେଇଥିଲେ। ବୈଠକରେ ଓଡିଶା ଅମଲା ସଂଘ ସଭାପତି କୁର୍ମନାଥ ରଥ, ମିଳିତ ଅମଲା ମଞ୍ଚର ଅଧ୍ୟକ୍ଷ ପ୍ରସାଦ କୁମାର ପାତ୍ର, ଓଡିଶା ଅମଲା ସଂଘର ଅଧ୍ୟକ୍ଷ ଶଙ୍କରଲାଲ ସୋରେନ, ଓଡିଶା ଟ୍ରେଜେରି ଅମଲା ସଂଘ ସଭାପତି ସୁଶୀଲ କୁମାର ପାଣିଗ୍ରାହୀ, ଓଡିଶା ଅମଲା ସଂଘ ସମ୍ପାଦକ ମନୋରଞ୍ଜନ ପଟ୍ଟନାୟକ, ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚ ସଭାପତି ସନ୍ଧ୍ୟାରାଣୀ ଶବର ପ୍ରମୁଖ ମଞ୍ଚାସିନ ଥିଲେ। ବୈଠକକୁ ଶିବ ପ୍ରସାଦ ପଣ୍ଡା ପରିଚାଳନା କରିଥିଲେ। ମଞ୍ଚାସୀନ ଅତିଥି ମାନେ ସୋସିଆଲ ମିଡିଆରେ ସଂଯମତାର ସହିତ ମତାମତ ରଖିବା ପାଇଁ ଅନୁରୋଧ କରିଥିଲେ । ମଞ୍ଚର ପ୍ରମୁଖ ଦାବି ଯଥା କନିଷ୍ଠ ସହାୟକ, କନିଷ୍ଠ ରାଜସ୍ୱ ସହାୟକଙ୍କ ମୂଳ ଦରମା ଓଆରଏସପି ରୁଲ ୨୦୧୭ ଅନୁଯାୟୀ ଲେଭଲ–୯ ପୂରଣ ନିମିତ୍ତ ନିଜ ନିଜର ମତ ଉପସ୍ଥାପନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭି . କାର୍ତ୍ତିକେୟନ ପାଣ୍ଡିୟନଙ୍କ ପରାମର୍ଶ କ୍ରମେ ଗତ ଜୁନ ମାସରେ ଚାଲିଥିବା ଆନ୍ଦୋଳନକୁ ସ୍ଥଗିତ ରଖାଯାଇଥିଲା। ତେଣୁ ପୁଣିଥରେ ଆନ୍ଦୋଳନକୁ ଯିବା ପୂର୍ବରୁ ରାଜ୍ୟ ସଂଘ ପ୍ରଥମେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବଙ୍କ ସହିତ ଆଲୋଚନା କରି ଯାହା ନିଷ୍ପତ୍ତି ନେବ ଏହାକୁ ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚ ଶାଖାର ସମସ୍ତ ସଦସ୍ୟବୃନ୍ଦ ପାଳନ କରିବେ ବୋଲି ନିଷ୍ପତି ହୋଇଥିଲା।

# ବନ୍ୟ ପ୍ରାଣୀ ସୁରକ୍ଷା ସପ୍ତାହ ପାଳିତ

ଆର.ଉଦୟଗିରି,୮।୧୦(ମନୋଜ କୁମାର ପାଢୀ)

ଆର.ଉଦୟଗିରି ବ୍ଲକ ମହେନ୍ଦ୍ରଗଡ଼ କାର୍ତ୍ତିକ ଗମାଙ୍ଗ ଉଚ୍ଚ ବିଦ୍ୟାଳୟ ପରିସରରେ ରବିବାର ବନ୍ୟ ପ୍ରାଣୀ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ପ୍ରଥମେ ଛାତ୍ରୀଛାତ୍ରମାନେ ସଚେତନତା ପ୍ଲାକାର୍ଡ ଧରି ମହେନ୍ଦ୍ରଗଡ଼ ଗ୍ରାମ ପରିକ୍ରମା କରିଥିଲେ। ଆୟୋଜିତ ବୈଠକରେ ପ୍ରଧାନ ଶିକ୍ଷକ ଲୋକନାଥ ନାହା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ରୂପେ ସମିତିସଭ୍ୟ ପୂର୍ଣ୍ଣ ଚନ୍ଦ୍ର ଗମାଙ୍ଗ, ମୁଖ୍ୟବକ୍ତା ରୂପେ ସରକାରୀ ଉଚ୍ଚବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଭାଗିରଥି ପରିଡା, ସମ୍ମାନିତ ଅତିଥି ରୂପେ ଛେଲିଗଡ଼ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବନମାଳୀ ବଡରଇତ, ଏସ ରାମାରାଓ, ରାଧାକୃଷ୍ଣ ପଣ୍ଡା, ସିଦ୍ଧାର୍ଥ ଶଙ୍କର ଚୌଧୁରୀ ଯୋଗ ଦେଇ ଥିଲେ। ବିଦ୍ୟାଳୟ ତରଫରୁ ବନରକ୍ଷୀ ବିଭୀଷଣ ଭୂୟାଁ, ରମେଶ ଚନ୍ଦ୍ର ନାୟକ, ବୁଦ୍ଧଦେବ ମାଝୀ ଓ ଅଜିତ ଦଳାଇଙ୍କୁ ପ୍ରକୃତି ରକ୍ଷକ ରୂପେ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷକ ସୁବାସ ଚନ୍ଦ୍ର ସାହୁ ପରିଚାଳନା କରିଥିଲେ। ରାମାରାଓ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି କେ.ଏମ.ଭାଲିଆସାହି ଉଚ୍ଚ ବିଦ୍ୟାଳୟରେ ଫ୍ରିଡମ ସ୍ୱେଚ୍ଛାସେବୀ ଏବଂ ଜୁନିଅର ରେଡକ୍ରସ ତରଫରୁ ବନ୍ୟପ୍ରାଣୀ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଫ୍ରିଡମର ସଭାପତି ତ୍ରିନାଥ ବିଷୋୟୀରତ୍ନଙ୍କ ପରାମର୍ଶ ଅନୁଯାୟୀ ବିଦ୍ୟାଳୟର ପ୍ରଧାନଶିକ୍ଷକ ରାମଚନ୍ଦ୍ର ଦଳବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମରେ ଗ୍ରାମର ମୁଖ୍ୟ ଆଦିକନ୍ଦ ବଣ୍ଟୁଆରାୟୀ ସଭାପତିତ୍ୱ କରିଥିଲେ। ରାମଗିରି ରେଞ୍ଜର ପିୟୁଷ ପ୍ରତୀକ ପଟ୍ଟନାୟକ ମୁଖ୍ୟ ଅତିଥି ଯୋଗଦେଇଥିଲେ। ଫ୍ରିଡମର କୋଷାଧ୍ୟକ୍ଷ ଧନୁର୍ଦ୍ଧର ରଇତ, ଫ୍ରିଡମର ସମ୍ପାଦକ ନୀଳମାଧବ ନାୟକ ଏବଂ ରାମଗିରି ଫରେଷ୍ଟର କରିଦେବେନ୍ଦ୍ର ପ୍ରସାଦ ଉପସ୍ଥିତ ଥିଲେ।

# ଘୁମୁସର ବନଖଣ୍ଡର ପୂର୍ବ ଗୌରବ ଫେରାଇ ଆଣିବାକୁ ଆହ୍ୱାନ



ବନ ସୁରକ୍ଷା ସମିତି କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଭଞ୍ଜନଗର, ୮।୧୦(ବାବୁଲା ପ୍ରଧାନ)

ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡରେ ସପ୍ତାହ ବ୍ୟାପୀ ଚାଲିଥିବା ବନ୍ୟପ୍ରାଣୀ ସପ୍ତାହ ରବିବାର ଉଦଯାପିତ ହୋଇଯାଇଛି। ଲାଲସିଂ ନର୍ସରୀ ପରିସରରେ ବନଖଣ୍ଡସ୍ତରୀୟ ଉତ୍ସବ ହୋଇଥିଲା। ଡିଏଫଓ ସୁଦର୍ଶନ ବେହେରା ଅଧ୍ୟକ୍ଷତା କରି ପ୍ରକୃତିର ସୁରକ୍ଷା ସହ ଦେଶର ପ୍ରଗତି କରିବାକୁ ପଡିବ ବୋଲି କହିଥିଲେ। ମାନବ ସମାଜ ତିଷ୍ଠିବାକୁ ହେଲେ ପରିବେଶର ସୁରକ୍ଷା କରିବାକୁ ପଡିବ ବୋଲି କହିଥିଲେ। ଘୁମୁସର ବନଖଣ୍ଡ ବନ୍ୟପ୍ରାଣୀଙ୍କ ସୁରକ୍ଷିତ ବାସସ୍ଥଳୀ। ଏହି ବନଖଣ୍ଡରେ ହାତୀ ମାସ ମାସ ଧରି ଗୋଟିଏ ଅଞ୍ଚଳରେ ହିଁ ବସବାସ କରନ୍ତି, ଯାହାକି ବନ୍ୟପ୍ରାଣୀଙ୍କ ସୁରକ୍ଷିତ ବାସସ୍ଥଳୀ ଭାବେ ସୂଚାଏ । ଦିନ ଥିଲା ଏହି ବନଖଣ୍ଡକୁ ଜାତୀୟ ସ୍ତରରେ ଜଙ୍ଗଲ ସୁରକ୍ଷା ପାଇଁ ପ୍ରଥମ ପୁରସ୍କାର ଭାବେ ଇନ୍ଦିରା ଗାନ୍ଧୀ ପ୍ରକୃତି ମିତ୍ର ପୁରସ୍କାର ମିଳିଥିଲା। ପୁଣି ପୂର୍ବ ଗୌରବ ଫେରାଇ ଆଣିବା ପାଇଁ ସମସ୍ତେ ମିଳିମିଶି କାର୍ଯ୍ୟ କରିବାକୁ ଡିଏଫଓ ବେହେରା ଉପସ୍ଥିତ ଲୋକଙ୍କୁ ଆହ୍ୱାନ ଦେଇଥିଲେ। ବୈଠକରେ ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ କୃତିବାସ ବିଶାଳ, ଡଃ ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ଅବସରପ୍ରାପ୍ତ ରେଞ୍ଜର ଅନୁପମ ବାନାର୍ଜୀ, ପ୍ରାଣୀ ବିଶେଷଜ୍ଞ, ରେଞ୍ଜର କୁମର ବେହେରା, ବିଦ୍ୟାଧର ସାହୁ, ସୁରେଶ ସ୍ୱାଇଁ, ଭିଏସଏସ କର୍ମକର୍ତ୍ତା ଲୋକନାଥ ଆଚାର୍ଯ୍ୟ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସମନ୍ୱୟ ରକ୍ଷା କରି ଜଙ୍ଗଲ ସୁରକ୍ଷା କରିବାକୁ ପଡିବ ବୋଲି କହିଥିଲେ। ଏସିଏଫ ବିକ୍ରମ ଦେବ ପଟ୍ଟନାୟକ ଧନ୍ୟବାଦ ପ୍ରଦାନ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯିବା ସହ ବନ୍ୟପ୍ରାଣୀ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବୁଢୁଲି, ଲେମ୍ବେଇ , ଦୁବ ଉମାସାହି, ଗରୁଡ଼ ପଥର ବନ ସୁରକ୍ଷା ସମିତିକୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ବସନ୍ତ ରୋଗରେ ବଳଦ ମୃତ

ଚିକିଟି,୮।୧୦(ପ୍ରକାଶ ଚନ୍ଦ୍ର ସାହୁ)

ଚିକିଟି ବ୍ଲକ ଅନ୍ତର୍ଗତ ନୂଆପଡା ଏବଂ ଆଖପାଖ ଗ୍ରାମାଞ୍ଚଳରେ କିଛି ଦିନ ହେଲା ଗୃହପାଳିତ ପ୍ରାଣୀମାନଙ୍କୁ ବସନ୍ତ ରୋଗ ବ୍ୟାପୁଥିବା ଦେଖାଯାଉଛି। ଫଳରେ ବଳଦ ଏବଂ ବାଛୁରୀଙ୍କ ମୃତ୍ୟୁ ହେଉଥିବା ଅଭିଯୋଗ ହେଉଛି। ୨ଦିନ ତଳେ ପତ୍ରଚୁଡ଼ି ଗ୍ରାମର ମୁନା ଗୌଡ଼ଙ୍କ ଦୁଇଟି ବାଛୁରୀ ବଳଦର ମୃତ୍ୟୁ ହୋଇଥିବା ବେଳେ ଶନିବାର ସେହି ଗ୍ରାମର ସୁବାସ ଗୌଡ଼ଙ୍କ ବଳଦ ବସନ୍ତ ରୋଗରେ ଅଭିଯୋଗ ହୋଇଛି। ନୂଆପଡା ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ପ୍ରାୟତଃ ତାଲା ଝୁଲୁଥିବାରୁ ଚିକିତ୍ସାରେ ବ୍ୟାଘାତ ଘଟୁଛି।

# କାର୍‌ରେ ନିଆଁ ଲଗାଇଲେ ଦୁର୍ବୃତ୍ତ



ଚାନ୍ଦିପୁଟ,୮।୧୦(କେ. ପ୍ରମୋଦ କୁମାର ଦୋରା)

ଚାନ୍ଦିପୁଟ ହାଟପଦାଠାରେ ଶନିବାର ବିଳମ୍ବିତ ରାତିରେ ଏକ କାର୍ ଓ ବୁଲେଟରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଛନ୍ତି। ଗ୍ରାମର ରାଜେଶ୍ୱରୀ ପାଇକ ଏବଂ ତାଙ୍କ ପିଲା ଓ ଜଣେ ସମ୍ପର୍କୀୟ ମହିଳା ଘରେ ଶୋଇଥିବା ବେଳେ ରାତି ପ୍ରାୟ ୧୧ଟାରେ ବାରଣ୍ଡାରେ ନିଆଁ ଓ ଧୂଆଁ ବାହାରୁଥିବା ଦେଖିଥିଲେ। ସେମାନେ ଭୟରେ ବାରିପଟ ଦେଇ ବାହାରକୁ ଚାଲି ଆସିଥିଲେ। କେହି ଜଣେ ବ୍ୟକ୍ତି ଏ ନେଇ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ନିଆଁ ଲାଗି ଏକ କାର, ସ୍କୁଟି ଓ ଏକ ବୁଲେଟ୍ ସହ ଘରର କବାଟ ଝରକା ପୋଡ଼ି ନଷ୍ଟ ହୋଇଯାଇଛି। ଏ ନେଇ ରାଜେଶ୍ୱରୀ ମୋହନା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ୧୫୮/୨୩ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଲେଖକ ନୃସିଂହାନନ୍ଦଙ୍କୁ ଶ୍ରୀଗୁଣ୍ଡିଚା ସମ୍ମାନ

ଫୁଲବାଣୀ, ୮।୧୦(ରାକେଶ କୁମାର ରାଉତ)

କନ୍ଧମାଳ ଜିଲାର କବି, ଗାଳ୍ପିକ, ସାହିତ୍ୟିକ ତଥା ଲେଖକ ଡଃ ନୃସିଂହାନନ୍ଦ ମହାପାତ୍ରଙ୍କୁ ଶ୍ରୀଗୁଣ୍ଡିଚା ସମ୍ମାନରେ ସମ୍ମାନିତ କରାଯାଇଛି। ପୁରୀର ଶ୍ରୀଗୁଣ୍ଡିଚା ସ୍ପିରିଚୁଆଲ ଟ୍ରଷ୍ଟ ତରଫରୁ ଆୟୋଜିତ ଏକ ସ୍ୱତନ୍ତ୍ର ସମାବେଶରେ ତାଙ୍କର ସାହିତ୍ୟକୃତୀ ପାଇଁ ଏହି ସମ୍ବର୍ଦ୍ଧନା ଦିଆଯାଇଛି। ଅଶ୍ୱନୀ କୁମାର ଦାସଙ୍କ ଅଧ୍ୟକ୍ଷତରେ ଆୟୋଜିତ କାର୍ଯ୍ୟକ୍ରମରେ ଛତିଶଗଡ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ, ଡ଼ଃ ମୁରଲୀ ଶର୍ମା, ହରେକୃଷ୍ଣ ଶତପଥୀ, କ୍ରିସନଲାଲ ଭର୍ତ୍ତିଆ, ଭଗବାନ ସୁଆର, ମଦନ ମୋହନ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ସଂସ୍ଥାର ମୁଖପତ୍ର ଶ୍ରୀଗୁଣ୍ଡିଚା ସହ ଡ଼ଃ ମହାପାତ୍ରଙ୍କ ମଣିରତ୍ନମାଳା ଓ ବେଦାନ୍ତ ସାର ଉନ୍ମୋଚିତ ହୋଇଥିଲା । ଡ଼ଃ ମହାପାତ୍ର କନ୍ଧମାଳର ଜଣେ ସୁନାମଧନ୍ୟ ସାହିତ୍ୟିକ ଓ ସ୍ଥାନୀୟ ସରକାରୀ ଆଇଟିଆଇର ସହ ତାଲିମପ୍ରାପ୍ତ ଅଧିକାରୀ ଅଛନ୍ତି । ତାଙ୍କର ୨୫ଟି ଆଧ୍ୟାତ୍ମିକ ପୁସ୍ତକ ବେଶ ପାଠକୀୟ ଆଦୃତି ଲାଭ କରିଛି ।

# ପିତଳ ଗୋଷ୍ଠୀ ସଂଘର୍ଷ: ୪ ଗିରଫ

ଆସିକା,୮।୧୦(ସୁରେନ୍ଦ୍ର ନାଥ ସାହୁ)/ ଶେରଗଡ଼(ସୂର୍ଯ୍ୟ ନାରାୟଣ ଦାଶ)

ଆସିକା ଥାନା ଅନ୍ତର୍ଗତ ଶେରଗଡ ବ୍ଲକର ପିତଳ ଗ୍ରାମରେ ଶନିବାର ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ଉଭୟ ପକ୍ଷ ପରସ୍ପରକୁ ଗାଳିଗୁଲଜ କରିବା ସହ ହାତାହାତି ହୋଇଥିଲେ। ଏଥିରେ ୨ରୁ ୩ଜଣ ଆହତ ହୋଇଛନ୍ତି। ଏହି ଘଟଣାକୁ ନେଇ ଉଭୟ ପକ୍ଷ ପରସ୍ପର ବିରୋଧରେ ଆସିକା ଥାନାରେ ଅଭିଯୋଗ କରିଛନ୍ତି। ଗୋଟିଏ ପକ୍ଷର ପିତଳ ସରପଞ୍ଚ ରାମରାଘବ ପାତ୍ରଙ୍କ ଅଭିଯୋଗକ୍ରମେ ପୋଲିସ ଆସିକା ଥାନାରେ ୬୦୧/୨୩ରେ ମାମଲା ରୁଜୁ କରିଛି। ଏହି ମାମଲାରେ ଉକ୍ତ ଗ୍ରାମର ହୃଦାନନ୍ଦ ସାହୁ, ପ୍ରଶାନ୍ତ ପ୍ରଧାନ, ରଘୁନାଥ ପରିଡା ଓ ନିରାକାର ସାହୁଙ୍କୁ ଗିରଫ ପରେ ଅପରାହ୍ନରେ କୋର୍ଟ ଚାଲାଣ କରିଛି। ସରପଞ୍ଚ ପାତ୍ର ତାଙ୍କ ଅଭିଯୋଗ ଦର୍ଶାଇଛନ୍ତି ଯେ, ଗ୍ରାମର ଏକ ମନ୍ଦିରର ଉନ୍ନତୀକରଣ କାର୍ଯ୍ୟ ଚାଲିଥିଲା ବେଳେ ଗ୍ରାମର ୯ଜଣ ବ୍ୟକ୍ତି ସେଠାରେ ପହଞ୍ଚି କାମ ବନ୍ଦ କରିବା ଲାଗି ଧମକ ଦେବା ସହ ମରଣାନ୍ତକ ଆକ୍ରମଣ କରିଛନ୍ତି। ଅପରପକ୍ଷର ହୃଦାନନ୍ଦଙ୍କ ଅଭିଯୋଗ କ୍ରମେ ପୋଲିସ ଆସିକା ଥାନାରେ ୬୦୨/୨୩ରେ ଅନ୍ୟ ଏକ ମାମଲା ରୁଜୁ କରିଛି। ହୃଦାନନ୍ଦ ତାଙ୍କ ଅଭିଯୋଗରେ ସେହି ଗ୍ରାମର ଜଣେ ଯୁବକ ରଘୁନାଥ ପରିଡାଙ୍କୁ ମୋବାଇଲରେ ଗାଳିଗୁଲଜ କରିଛନ୍ତି। ମନ୍ଦିରକୁ ଆସିଥିଲା ବେଳେ ରଘୁନାଥଙ୍କ ଉପରେ ଆକ୍ରମଣ କରାଯାଇଥିବା ନେଇ ୭ଜଣଙ୍କ ବିରୋଧରେ ଅଭିଯୋଗରେ ଦର୍ଶାଇଛନ୍ତି। ତେବେ ପୋଲିସ ଏହି ମାମଲାର ତଦନ୍ତ କରୁଛି। ଗାଁରେ ପୋଲିସ ପଇଁତରା ବ୍ୟବସ୍ଥା କଡାକଡି ହୋଇଥିବା ଥାନା ଅଧିକାରୀ ସ୍ୱରୂପ କିସନ ସୂଚନା ଦେଇଛନ୍ତି।

# କେରାଣ୍ଡି ଗ୍ରାମକୁ ନାହିଁ ପକ୍କା ରାସ୍ତା

ପାରଳାଖେମୁଣ୍ଡି,୮।୧୦ (ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ଗୋଷାଣି ବ୍ଲକ ଅନ୍ତର୍ଗତ କେରାଣ୍ଡି ଗ୍ରାମକୁ ପକ୍କାରାସ୍ତା ନାହିଁ। ଉକ୍ତ ଗ୍ରାମକୁ ବୃନ୍ଦାବନ ପ୍ୟାଲେସ ଓ ରାମସାଗର ଛକ ଦେଇ ଯିବାକୁ ପଡୁଛି। ରାମସାଗର ଛକ ଦେଇ ଗଲେ ପକ୍କା ରାସ୍ତାଟିଏ ଥିଲେ ମଧ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି । ବିଭାଗ ପକ୍ଷରୁ ଆବଶ୍ୟକୀୟ ରକ୍ଷଣାବେକ୍ଷଣ ଅଭାବ କାରଣରୁ ରାମସାଗର ଛକ ଦେଇ ଯାଇଥିବା ପକ୍କା ରାସ୍ତାଟି ଖାଲଖମାରେ ଭର୍ତ୍ତି ହୋଇଛି। ତେବେ ପାରଳା ସହର ଦେଇ ବୃନ୍ଦାବନ ପ୍ୟାଲେସ ତଟଦେଇ ଯାଇଥିବା ରାସ୍ତାଟି ଆଜିପର୍ଯ୍ୟନ୍ତ ପକ୍କା ହୋଇପାରିନାହିଁ। ଏନେଇ ଗ୍ରାମବାସୀ କହିଛନ୍ତି ଉକ୍ତ ରାସ୍ତାକୁ ପକ୍କା ରାସ୍ତା ନିର୍ମାଣ କରିବା ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ବାରମ୍ବାର ଅନୁରୋଧ କଲେ ମଧ କୌଣସି ସୁଫଳ ମିଳୁନାହିଁ। ପାରଳା ସହର ଆମର ମୁଖ୍ୟ ଜୀବିକା ପନ୍ଥା ହୋଇଥିବାରୁ ସବୁବେଳେ ଏହି ରାସ୍ତା ଦେଇ ଯାତାୟତ କରିବାକୁ ପଡ଼ିଥାଏ। ଏହି ଗ୍ରାମ ସହର ଉପକଣ୍ଠରେ ରହିଥିଲେ ମଧ ପ୍ରଶାସନିକ କିମ୍ବା ଗ୍ରାମ୍ୟ ଉନ୍ନୟନ ବିଭାଗର ଦୃଷ୍ଟି ଆଢୁଆଳରେ ରହିଯାଇଛି ବୋଲି କହିଛନ୍ତି। ନୂଆକେରଣ୍ଡି ଓ ପୁରୁଣା କେରାଣ୍ଡ ଗ୍ରାମବାସୀ ରାମସାଗର ଛକ ରାସ୍ତା ଦେଇ ଯାତାୟତ କରୁଛନ୍ତି, ଯାହାକି ପ୍ରାୟ ୨କିମି ଅଧିକ ଯିବାକୁ ପଡୁଛି। ବୃନ୍ଦାବନ ପ୍ୟାଲେସ ରାସ୍ତାଟି ମାଟି ହୋଇଥିବାରୁ ଧୂଳିଧୂସର ସହ ବର୍ଷା ଦିନେ କର୍ଦ୍ଦମାକ୍ତ ହୋଇପଡୁଥିବାରୁ ଯାତାୟତରେ ସମସ୍ୟା ଉପୁଜୁଥିବା ଜଣାଇଛନ୍ତି। ତେଣୁ ଏହି ବୃନ୍ଦାବନ ପ୍ୟାଲେସ ରାସ୍ତାକୁ ପକ୍କା କଲେ ବହୁ ଉପକାରରେ ଆସିପାରନ୍ତା ବୋଲି କହିଛନ୍ତି ।



# ବିପଦ ସାଜିଛି ମୁକୁଳା ଡ୍ରେନ୍

**ଡ୍ରେନ ଉପରେ ଢାଙ୍କୁଣୀ ନାହିଁ**

**କାଏମା,୮।୧୦(ଶିବପ୍ରସାଦ ମହାନ୍ତି):**

ମୁକୁଳା ଡ୍ରେନ ଯୋଗୁ ରାଜ୍ୟର ବିଭିନ୍ନ ସ୍ଥାନରେ ଅଘଟଣ ଘଟୁଛି। ଡ୍ରେନ୍‌ରେ ପଡ଼ି ଲୋକେ ମୃତାହତ ହେଉଛନ୍ତି। ଏହାସତ୍ତ୍ୱେ ଅଘଟଣ ଏଡାଇବା ପାଇଁ ପ୍ରଶାସନର ଚେତା ପଶୁନାହିଁ। ଏବେ ମଧ୍ୟ ଅନେକ ସ୍ଥାନରେ ଡ୍ରେନଗୁଡ଼ିକ ମୁକୁଳା ଅବସ୍ଥାରେ ରହିଛି। ଧର୍ମଶାଳା ବ୍ଲକ୍‌ର ଜାରକା ବଜାର ମଧ୍ୟ ଏଥିରୁ ବାଦ ପଡ଼ିନାହିଁ। ଜାରକା ଅଞ୍ଚଳର ୧୬ନମ୍ବର ଜାତୀୟ ରାଜପଥ ପାର୍ଶ୍ୱର ଦୁଇ ଘରୋଇ ସ୍କୁଲ ନିକଟରେ ନିର୍ମିତ ଡ୍ରେନ୍‌ର କିଛି ସ୍ଥାନ ମୁକୁଳା ହୋଇ ପଡ଼ିଛି। ଢାଙ୍କୁଣି ସମ୍ପୂର୍ଣ୍ଣ ଭାବେ ଘୋଡ଼ା ହୋଇନାହିଁ। ଅନ୍ୟ ଏକ ସ୍ଥାନରେ ବହୁ ଦିନ ହେବ ଡ୍ରେନ୍ ଢାଙ୍କୁଣୀ ଭାଙ୍ଗିଯାଇଛି। ଏହି ରାସ୍ତା ଦେଇ ପ୍ରତ୍ୟେକଦିନ ଛୋଟ ପିଲା ସ୍କୁଲକୁ ଯିବା ଆସିବା କରନ୍ତି। ତେଣୁ ସେମାନେ ବହୁ ସମୟରେ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ଏହାଛଡ଼ା ସେଠାର ବହୁ ଗାଡ଼ି ଗ୍ୟାରେଜ, ଚକ୍ଷୁ ହସ୍ପିଟାଲ ରହିଥିବାରୁ ଅନେକ ସମୟରେ ଲୋକଙ୍କ ଭିଡ଼ ଦେଖିବାକୁ ମିଳେ। ସେହିପରି ମୁକୁଳା ଡ୍ରେନରେ ବିଭିନ୍ନ ସମୟରେ ଗୋରୁ ପଡ଼ି ଆହତ ହେଉଛନ୍ତି। ଲୋକେ ମଧ୍ୟ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ତେଣୁ ଏ ଦିଗରେ ଦୃଷ୍ଟିଦେବାକୁ ସ୍ଥାନୀୟ ବାସିନ୍ଦା ଓ ବ୍ୟବସାୟୀମାନେ ଦାବି କରିଛନ୍ତି।



ରାଜପଥ କଡ଼ ଡ୍ରେନ୍‌ର ଢାଙ୍କୁଣୀ ଭାଙ୍ଗିପଡ଼ିଛି।

## ସଂକ୍ଷେପରେ

### ଜଳିଗଲା ୨ ଗୁହାଳ



**ବରୀ,୮।୧୦(ମହେନ୍ଦ୍ର ସ୍ୱାଇଁ):**

ବରୀ ତହସିଲ ମଦାରୀ ପଞ୍ଚାୟତ ବେଙ୍ଗାରାପୁର ଗ୍ରାମରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଗ୍ରାମର ସୁଧାଂଶୁ ସାହୁଙ୍କ ୨ ଗୁହାଳ ଜଳିପୋଡ଼ି ପାଉଁଶ ହୋଇଯାଇଛି। ଗୁଆଳେ ଗୋରୁଙ୍କ ପାଇଁ ଧୂଆଁ ଦିଆଯାଇଥିବାବେଳେ ହଠାତ୍ ନିଆଁ ଲାଗି ଯାଇଥିଲା। ଗୁହାଳରେ ଛଣ ଥିବାରୁ ନିଆଁକୁ ଆୟତ କରିବା ସମ୍ଭବ ହୋଇ ନ ଥିଲା। ସ୍ଥାନୀୟ ଲୋକମାନଙ୍କ ଉଦ୍ୟମରେ ଗୁହାଳରେ ଥିବା ୪ଟି ଗୋରୁଙ୍କୁ ଉଦ୍ଧାର କରାଯାଇଥିଲା। ସେଥିରୁ ଗୋଟିଏ ଗାଈ ଆହତ ହୋଇଛି। ଅଗ୍ନିଶମ ବାହିନୀ ପହଞ୍ଚିବାବେଳକୁ ସବୁକିଛି ଜଳି ଯାଇଥିଲା।

### ଟାୱାରରୁ ଯନ୍ତ୍ରାଂଶ ଚୋରି ଅଭିଯୋଗରେ ଯୁବକ ଗିରଫ

**ଚଣ୍ଡିଖୋଲ, ୮।୧୦(ପ୍ରଦୀପ୍ତ କୁମାର ପୃଷ୍ଟି):**



ବଡ଼ଚଣା ଥାନା ଧାନମଣ୍ଡଳ ଫାଣ୍ଡି ଅଧୀନ ଧାନମଣ୍ଡଳ ସାଇ ମନ୍ଦିର ନିକଟରେ ଥିବା ଏକ ଟାୱାରରୁ ଲୁହା ପ୍ଲେଟ ଓ ଯନ୍ତ୍ରାଂଶ ଚୋରି ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ଗିରଫ ଯୁବକ ଜଣକ ହେଲେ ଏହି ଥାନା ଅନ୍ତର୍ଗତ ଧାନମଣ୍ଡଳ ଦେବତା ସାହିର ସେକ୍ ସକିରୁଦ୍ଦିନ୍ (୨୨)। ପୋଲିସ ସୂଚନା ଅନୁଯାୟୀ, ଧାନମଣ୍ଡଳ ଫାଣ୍ଡି ଅଧିକାରୀ ଚିତ୍ତରଞ୍ଜନ ମହାନ୍ତି ପାଟ୍ରୋଲିଂ କରି ଫେରୁଥିବାବେଳେ ୨ ଯୁବକ ଟାୱାର ଉପରେ ଚଢ଼ି ଲୁହା ଚ୍ୟାନେଲ କାଟୁଥିଲେ। ପୋଲିସକୁ ଦେଖି ଜଣେ ଦୌଡ଼ି ପଳାଇଯାଇଥିବାବେଳେ ସକିରୁଦ୍ଦିନ୍ ପୋଲିସ ହାବୁଡ଼ରେ ଧରା ପଡ଼ିଥିଲେ। ଏନେଇ ଥାନାରେ ନଂ.୨୭୬/୨୩ରେ ଏକ ମାମଲା ରୁଜୁ କରାଯାଇଛି।

### ଯୁବକଙ୍କୁ ମରଣାନ୍ତକ ଆକ୍ରମଣ, ଅଭିଯୁକ୍ତ ଗିରଫ

**ବଡ଼ବିଲ,୮।୧୦(ଦେବପ୍ରିୟ ରଣା):**

କେନ୍ଦୁଝର ଜିଲା ବଡ଼ବିଲ ଥାନା ଅନ୍ତର୍ଗତ ଉପରବସ୍ତିରେ ଜଣେ ବ୍ୟକ୍ତିଙ୍କୁ କଟୁରୀରେ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ପୋଲିସ ବସ୍ତିର ରାହୁଲ ଚାମ୍ପିଆଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଶନିବାର ବସ୍ତିର ତୁଳସୀ ହେମ୍ବ୍ରମ ଓ ସ୍ୱାମୀ ରମେଶ ତାଙ୍କ ଝିଆରୀ ଘରେ ବସିଥିଲେ। ସେ ସମୟରେ ରାହୁଲ ଏକ କଟୁରୀ ଧରି ଘର ପଶି ରମେଶଙ୍କ ମୁଣ୍ଡକୁ ଚୋଟ ମାରିଚାଲିଥିଲେ। ରମେଶଙ୍କୁ ଗୁରୁତର ଅବସ୍ଥାରେ ଚିକିତ୍ସା ନିମନ୍ତେ ତୁଳସୀ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଏ ନେଇ ଅଭିଯୋଗ ପରେ ବଡ଼ବିଲ ଥାନାରେ ଏକ ମାମଲା( ନଂ-୨୮୫/୨୦୨୩)ରୁଜୁ ହୋଇଥିଲା।

## ଖରିଫ ଧାନ ବିକ୍ରି ପାଇଁ ୩୭୪୨ ଚାଷୀ ପଞ୍ଜୀକୃତ

**ଧର୍ମଶାଳା,୮।୧୦(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ବ୍ଲକର ୧୩ ସମବାୟ ସମିତି ଓ ୨ ସ୍ୱୟଂସହାୟକ ଗୋଷ୍ଠୀ ଜରିଆରେ ଚଳିତ ବର୍ଷ ଖରିଫଧାନ ବିକ୍ରି ବ୍ୟବସ୍ଥା କରାଯାଇଛି। ଏଥିରେ ୩୭୪୨ ଜଣ ଚାଷୀ ଧାନ ବିକ୍ରି ପାଇଁ ନାମ ପଞ୍ଜୀକରଣ କରିଛନ୍ତି। ବ୍ଲକ ଅନ୍ତର୍ଗତ ଅଭୟପୁର ସମବାୟ ସମିତିରେ ୪୪୬ ଚାଷୀ ନାମ ପଞ୍ଜୀକୃତ କରିଛନ୍ତି। ସେହିପରି ଅରେଇକଣା ସମବାୟ ସମିତିରେ ୨୬୧, ଆରୁହା ସମବାୟ ସମିତିରେ ୩୩୮, ଚୋରମୁହାଁରେ ୩୦୪, ଦେଓଦାରେ ୧୮୪, ଜେନାପୁରରେ ୨୦୩ ଓ କୋଟପୁର ସମବାୟ ସମିତିରେ ୨୪୯ ଚାଷୀ ସେମାନଙ୍କ ନାମ ପଞ୍ଜୀକୃତ କରିଛନ୍ତି। କଣ୍ଟିଗଡ଼ିଆ ସମବାୟ ସମିତିରେ ୩୨୩, ମହିଶରାରେ ୨୭୪, ମଧୁପୁରଗଡ଼ରେ ୨୧୪, ମଧୁସୂଦନପୁରରେ ୧୭୫, ମିର୍ଜାପୁରର ୧୯୯ ଓ ରେଖିଦେଇପୁର ସମବାୟ ସମିତିରେ ୨୨୭ ଚାଷୀ ନାମ ପଞ୍ଜିକୃତ କରିଛନ୍ତି। ଏଣ୍ଡଳବା ସ୍ୱୟଂସହାୟକ ଗୋଷ୍ଠୀ ଜରିଆରେ ୩୩୪ ଓ ମହିଶରା ସ୍ୱୟଂ ସହାୟକ ଗୋଷ୍ଠୀ ଜରିଆରେ ୧୧୨ ଚାଷୀ ନାମ ପଞ୍ଜୀକୃତ କରିଛନ୍ତି। ଗତବର୍ଷ ଧାନ କୁଇଣ୍ଟାଲ ୨୦୪୦ଟଙ୍କା ଥିବାବେଳେ ଚଳିତ ବର୍ଷ କୁଇଣ୍ଟାଲ ପିଛା ୨୧୮୩ ଟଙ୍କା ଧାର୍ଯ୍ୟ କରାଯାଇଛି। ଧାନର ମୂଲ୍ୟ ବୃଦ୍ଧି କରିବାକୁ ଚାଷୀମାନେ ଦାବି କରିଛନ୍ତି।

## ସତ୍ୟସାଇ ସେବା ସମିତିର ସ୍ୱଚ୍ଛତ୍ୱରୁ ଦିବ୍ୟତ୍ୱ କାର୍ଯ୍ୟକ୍ରମ


ସତ୍ୟସାଇ ସେବା ସମିତି ତରଫରୁ ସଫେଇ କରାଯାଉଛି।

**ଧର୍ମଶାଳା,୮।୧୦(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ବ୍ଲକ୍ ଅଧୀନ ଜାରକା ସତ୍ୟସାଇ ସେବା ସମିତି ପକ୍ଷରୁ ସ୍ୱଚ୍ଛତ୍ୱରୁ ଦିବ୍ୟତ୍ୱ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରବିବାର ଜାରକା ବଜାରସ୍ଥିତ ଗୋପବନ୍ଧୁ ଛକ ନିକଟ ଡିଭାଇଡର ପାର୍ଶ୍ୱରେ ଅଳିଆ ଆବର୍ଜନା ସଫା କରାଯାଇଛି। ଆବାହକ ସୁଶାନ୍ତ କୁମାର ନାୟକ ଓ ସେବା ସଂଯୋଜକ ବିକ୍ରମ କେଶରୀ ମହାନ୍ତିଙ୍କ ତତ୍ତ୍ୱାବଧାନରେ ରାଜ୍ୟ ପୂର୍ବତନ ଆବାହକ ପବିତ୍ର ମୋହନ ବିଶ୍ୱାଳ, ଭଜନାନନ୍ଦ ସାମଲ, ଅର୍ଜୁନ ଚରଣ ରାଉତ, ନିଗମାନନ୍ଦ ଜେନା, ବଟକୃଷ୍ଣ ମଲିକ, ଗୋବିନ୍ଦ ଚନ୍ଦ୍ର ସାହୁ, ନରେନ୍ଦ୍ର ନାଥ ଶତପଥୀ, ଆଧ୍ୟାତ୍ମିକ ସଂଯୋଜକ ନିରଞ୍ଜନ ଶାନ୍ତି, ରଞ୍ଜନ କୁମାର ସାହୁ, ମଦନାନନ୍ଦ ମଲିକ, ଗଗନ ବିହାରୀ ଦତ୍ତ, ଯୁଧିଷ୍ଠିର ସ୍ୱାଇଁ, ଆଦିତ୍ୟ ପଣ୍ଡା, ଅକ୍ଷୟ କୁମାର ବେହେରା, ସୌରଭ କୁମାର ଜେନା, ବିଶ୍ୱଜିତ ମହାରଣା, ବଳିଚରଣ ସାମଲ, ପ୍ରଫୁଲ୍ଲ ଜେନା, ଯତୀନ୍ଦ୍ର ମୋହନ ଦାସ, ଯୁଗଳ କିଶୋର ଦାସ, ସୁମନ୍ତ କୁମାର ସାହୁ ଓ ସୁବାସ ଚନ୍ଦ୍ର ସାହୁ ଯୋଗଦେଇ ସଫେଇ କାର୍ଯ୍ୟ କରିଥିଲେ। ଏହି ସେବା କାର୍ଯ୍ୟକ୍ରମ ଆସନ୍ତା ୨୦ତାରିଖ ପର୍ଯ୍ୟନ୍ତ କରାଯିବ ବୋଲି ସମିତି ପକ୍ଷରୁ କୁହାଯାଇଛି।

## ଧର୍ମଶାଳା ବିଜେଡିର ଜନସମ୍ପର୍କ ପଦଯାତ୍ରା

**ଧର୍ମଶାଳା,୮।୧୦ (ବଟକୃଷ୍ଣ ପରିଡ଼ା):** ଧର୍ମଶାଳା ନିର୍ବାଚନମଣ୍ଡଳୀରେ ରବିବାର ବିଜେଡିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ନେତୃତ୍ୱରେ ଏହି ପଦଯାତ୍ରା ବାରବାଟୀ ପଞ୍ଚାୟତଠାରୁ ସକାଳ ୮ଟାରେ ଆରମ୍ଭ ହୋଇ କଲଣ ପଞ୍ଚାୟତରେ ପୂର୍ବାହ୍ନ ୧୧ଟାରେ ଶେଷ ହୋଇଛି। ବିଧାୟକଙ୍କ ସାଙ୍ଗରେ ୫ ହଜାରରୁ ଊର୍ଦ୍ଧ୍ୱ କର୍ମୀ ସାମିଲ ହୋଇ ପାଖାପାଖି ୭ କିଲୋମିଟର ପର୍ଯ୍ୟନ୍ତ ପଦଯାତ୍ରାରେ ଯାଇଥିଲେ। ପଦଯାତ୍ରା ସମୟରେ ବିଧାୟକ ବଳବନ୍ତରାୟ ସାଧାରଣ ଲୋକଙ୍କୁ ଭେଟି ସେମାନଙ୍କ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ବିଧାୟକଙ୍କୁ ବହୁ ସ୍ଥାନରେ ଗ୍ରାମବାସୀ ଭବ୍ୟ ସ୍ୱାଗତ କରିଥିଲେ। ଆଗାମୀ ୧୧ ତାରିଖରେ ଧର୍ମଶାଳା ବ୍ଲକ ଅନ୍ତର୍ଗତ ୫ ଜିଲା ପରିଷଦ ଜୋନରେ ଏଭଳି ପଦଯାତ୍ରା ହେବ ବୋଲି ଦଳ ପକ୍ଷରୁ ସୂଚନା ମିଳିଛି।


ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ଅନୁଷ୍ଠିତ ବିଜେଡିର ଜନସମ୍ପର୍କ ପଦଯାତ୍ରାରେ କର୍ମୀଙ୍କ ସହ ବିଧାୟକ।

## ୨୦୦ ଲିଟର ମଦ ଜବତ, ଜଣେ ଗିରଫ

**ଢେଙ୍କିକୋଟ,୮।୧୦(ନୀଳମଣି ମଣ୍ଡଳ)**

କେନ୍ଦୁଝର ଜିଲା ଘଟଗାଁ ଅବକାରୀ ଥାନା ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ସବ୍‌ଇନ୍ସପେକ୍ଟର ସ୍ୱାଭିମାନ ବଡ଼ଜେନା ସଦଳବଳେ ତୋରାଣିପୋଖରୀ ସାପ୍ତାହିକ ହାଟରେ ଚଢ଼ାଉ କରିଥିଲେ। ତୋରାଣିପୋଖରୀ ଗ୍ରାମର ମୋହନ ଚରଣ ମହାନ୍ତଙ୍କଠାରୁ ୨୦ ଲିଟର ମହୁଲି ମଦ ଜବତ କରି ଗିରଫ କରିଥିଲେ। ହାଟରୁ ୨୦୦ ଲିଟରରୁ ଊର୍ଦ୍ଧ୍ୱ ମଦ ଜବତ କରିଥିଲେ। ଏ ନେଇ ଥାନାରେ ଏକ ମାମଲା(ନଂ. ୧୩୬/୨୩)ରୁଜୁ ହୋଇଛି।

## ଓଭରବ୍ରିଜ୍‌ରୁ ଖସିପଡ଼ିଲା ଟ୍ରକ୍
### ଚାପି ହୋଇଗଲା ବାଇକ୍

**ଭଦ୍ରକ, ୮।୧୦(ସନାତନ ରାଉତ)**

୧୬ ନଂ. ଜାତୀୟ ରାଜପଥର ଭଦ୍ରକ ଚରମ୍ପାଠାରେ ରବିବାର ପୂର୍ବାହ୍ନରେ ଓଭରବ୍ରିଜ୍‌ରୁ ଏକ ଟ୍ରକ ଖସିପଡ଼ିଛି। ଟ୍ରକ୍ ତଳେ ଏକ ବାଇକ୍ ଚାପି ହୋଇ ଯାଇଥିବା ବେଳେ ସୌଭାଗ୍ୟବଶତଃ ବାଇକ୍ ଚାଳକ ଦୁର୍ଘଟଣାରୁ ବର୍ତ୍ତିଯାଇଛନ୍ତି।ସୂଚନା ଅନୁଯାୟୀ, ଏକ ଲୁହାରଡ୍ ବୋଝେଇ ଟ୍ରକ ଅନୁଗୋଳରୁ ବାରିପଦା ଅଭିମୁଖେ ଯାଉଥିବା ବେଳେ ଭାରସାମ୍ୟ ହରାଇ ଓଭରବ୍ରିଜରୁ ତଳକୁ ଖସିପଡ଼ିଥିଲା। ତଳେ ଥିବା ଏକ ବାଇକ୍ ଉପରେ ଟ୍ରକ୍‌ଟି ପଡ଼ିବାରୁ ବାଇକ୍ ଚାପି ହୋଇଯାଇଥିଲା। ଚାଳକ ବାଇକ୍ ରଖି ଅନ୍ୟତ୍ର ଯାଇଥିବାରୁ ବର୍ତ୍ତି ଯାଇଛନ୍ତି। ତେବେ ଟ୍ରକ୍ ଡ୍ରାଇଭର ଓ ହେଲ୍‌ପରଙ୍କର କୌଣସି କ୍ଷତି ହୋଇନାହିଁ।



## ମା' ବିରଜାଙ୍କ ଷୋଡ଼ଶ ଦିବସୀୟ ପୂଜା ଆରମ୍ଭ

**ଯାଜପୁରରୋଡ୍,୮।୧୦(ପବିତ୍ର ରଞ୍ଜନ ମହାନ୍ତି):**

ବ୍ୟାସନଗର ସହରସ୍ଥିତ ବିରଜା ନଗରରେ ମା' ବିରଜାଙ୍କ ଷୋଡ଼ଶଦିବସୀୟ ପୂଜା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଆସନ୍ତା ୨୩ ତାରିଖରେ ପୂର୍ଣ୍ଣାହୁତି ହେବ ବୋଲି କମିଟି ସଭାପତି ନିତ୍ୟାନନ୍ଦ ମହାଳିକ କହିଛନ୍ତି। ପୂଜା ଅବସରରେ ମା'ଙ୍କ ସନ୍ଧ୍ୟା ଆଳତି ପରେ ଶୁଭାଧିବାସ କରାଯାଇଥିଲା। ଧବଳଗିରିସ୍ଥ ପଞ୍ଚମୁଖୀ ହନୁମାନ ମନ୍ଦିର ପୁଷ୍କରିଣୀ ନିକଟରୁ ଏକ କଳସ ଶୋଭାଯାତ୍ରା ବାହାରି ବାଜାବାଣ ରୋଷଣିରେ ମନ୍ଦିର ନିକଟରେ ପହଞ୍ଚିଥିଲା। ପରେ ଯଜ୍ଞ ମଣ୍ଡପରେ କଳସ ସ୍ଥାପନ କରାଯାଇଥିଲା। ରାତି ୯ଟାରେ ମା'ଙ୍କ ମହାସ୍ନାନ ଓ ବଡ଼ ସିଂହାର ବେଶ କରାଯାଇଥିଲା। ପରେ ଘଟ ପୂଜା ଓ ଯଜ୍ଞ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ପୂଜାରେ ସମସ୍ତ ପୁରଧା, କମିଟିର କାର୍ଯ୍ୟକାରୀ ସଭାପତି ଚନ୍ଦ୍ରମଣି ସାମଲ, ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ, କୋଷାଧ୍ୟକ୍ଷ ରମେଶ କାଣ୍ଡି, ବରିଷ୍ଠ ସଭ୍ୟ ନିରଞ୍ଜନ ବିଶ୍ୱାଳ, ବିଜୟ କୁମାର ବରାଳ, କାମଦେବ ଦାସ, ବୀରକିଶୋର ସାହୁ, ସୁରେନ୍ଦ୍ର କୁମାର ନାୟକ ଓ ସୋନୁ ମହାନ୍ତି ପ୍ରମୁଖ ଯୋଗଦେଇ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ। ଅଞ୍ଚଳର ସମସ୍ତ ଅଧିବାସୀ ପୂଜା କାର୍ଯ୍ୟରେ ଉପସ୍ଥିତ ରହି ସହଯୋଗ କରିବାକୁ କମିଟି ପକ୍ଷରୁ ନିବେଦନ କରାଯାଇଛି।

## କାଳିଆପାଣିରେ ଭାଜପାର ଜନସମ୍ପର୍କ ଅଭିଯାନ


ଭାଜପା କର୍ମୀମାନେ ଶୋଭାଯାତ୍ରାରେ ପଞ୍ଚାୟତ ପରିକ୍ରମା କରୁଛନ୍ତି।

**କାଳିଆପାଣି,୮।୧୦(ଅସିତ ମହାନ୍ତ):**

ସୁକିନ୍ଦା ନିର୍ବାଚନମଣ୍ଡଳୀ ଅଧୀନ କାଳିଆପାଣି ପଞ୍ଚାୟତରେ ଭାଜପା ପକ୍ଷରୁ ରବିବାର ଏକ ଜନସମ୍ପର୍କ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ର ଭାଜପା ସରକାରଙ୍କ ୯ ବର୍ଷ ଶାସନର ସଫଳତା ଓ ବିଭିନ୍ନ କାର୍ଯ୍ୟକ୍ରମ ସମ୍ବନ୍ଧରେ ଲୋକଙ୍କୁ ଅବଗତ କରାଯାଇଛି। ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ଡ. ପ୍ରଦୀପ ବଳସାମନ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ ଟାଟା ହାଟ ପଡ଼ିଆରୁ ଏକ ବିଶାଳ ପଦଯାତ୍ରାରେ ବାହାରି ଟମକା ମଙ୍ଗଳପୁର ମୁଖ୍ୟ ରାସ୍ତାଦେଇ ଥାନା ପାଖ ପଡ଼ିଆର ସଭାସ୍ଥଳକୁ ଯାଇଥିଲେ। ସେଠାରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ଜିଲା ଯୁବମୋର୍ଚ୍ଚା ସଭାପତି ବିଶ୍ୱଜିତ ରାଜ, ରାଜ୍ୟ ଯୁବମୋର୍ଚ୍ଚା ସଂଯୋଜକ ରବୀନ୍ଦ୍ର ପୁହାଣ, ବରିଷ୍ଠ ନେତା ଅମଳେନ୍ଦୁ ବେହୁରା, ପବିତ୍ର ମହାପାତ୍ର, ପୁଷ୍ପକ ମହାପାତ୍ର, ପୂର୍ବତନ ସରପଞ୍ଚ ରବୀନ୍ଦ୍ର ସାହୁ, ସରପଞ୍ଚ ଅଶ୍ୱିନ ପରିଡ଼ା, ଖଣି ଅଞ୍ଚଳର ନେତା ବେଣୁଧର ମହାନ୍ତ, ଯଦୁମଣି ମହାନ୍ତ, ବିନୋଦ ହେମ୍ବ୍ରମ, ରାଜେନ୍ଦ୍ର କାଲୁଣ୍ଡିଆ, ସାଙ୍ଗୀ ହାଁସଦା, ମଞ୍ଜୁରୀ ଦେଇ, ବେଣୁଧର ମହାକୁଡ଼ ଓ ଗୌରୀ ମହାନ୍ତ ପ୍ରମୁଖ ଯୋଗଦେଇ ବିଭିନ୍ନ ପ୍ରସଙ୍ଗରେ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇଙ୍କୁ କଟୁ ସମାଲୋଚନା କରିଥିଲେ।

## ଛିଣ୍ଡାପାଲ ତଳେ ଦମ୍ପତିଙ୍କ ଜୀବନ

- ସ୍ୱପ୍ନ ପାଲଟିଛି ପକ୍କାଘର
- ଭତ୍ତା ଓ ୩୫ କିଲୋ ଚାଉଳରେ ପେଟ ପୋଷୁଛନ୍ତି ୨ ପ୍ରାଣୀ

**କୋରେଇ,୮।୧୦(ଚନ୍ଦ୍ରକାନ୍ତ ପତି):**

କୋରେଇ ବ୍ଲକ ଅଧୀନ ଗୌରପୁର ପଞ୍ଚାୟତ ଇଚ୍ଛାପୁର ଗ୍ରାମର ମୂଳବାସିନ୍ଦା ନିରଞ୍ଜନ ଜେନା(୭୭) ଓ ତାଙ୍କ ସ୍ତ୍ରୀ ଦୁଃଖୀ ଜେନା (୭୨) ଛିଣ୍ଡାପାଲ ତଳେ ଜୀବନ ଅତିବାହିତ କରୁଛନ୍ତି। ରାଜ୍ୟ ସରକାରଙ୍କ ବିଜୁ ପକ୍କାଘର ଓ କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଏମାନଙ୍କୁ ଘର ଖଣ୍ଡିଏ ମିଳି ପାରିନାହିଁ। ସାମାନ୍ୟ ବର୍ଷା ହେଲେ ଘରେ ପାଣି ଗଳୁଛି। ଫଳରେ ରୋଷେଇ କରିବା ତ ଦୂରର କଥା ଶାନ୍ତିରେ ଟିକେ ଶୋଇବା ମଧ୍ୟ ଉଭୟଙ୍କ ପାଇଁ କଷ୍ଟସାଧ୍ୟ ହୋଇପଡୁଛି।

ନିରଞ୍ଜନ ଜଣେ ଭିନ୍ନକ୍ଷମ। ପିଲା ଛୁଆ ନ ଥିବା ହେତୁ ଦମ୍ପତି ପୂର୍ବରୁ ସ୍ଥାନୀୟ ଅଞ୍ଚଳରେ ଭିକ୍ଷାବୃତ୍ତି କରି ପେଟ ପୋଷୁଥିଲେ। କିଛି ବର୍ଷ ହେବ ନିରଞ୍ଜନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବିଗିଡ଼ିଯିବାରୁ ଦୁହେଁ ବହୁ କଷ୍ଟରେ ଦିନକୁ ଦୁଇଓଳି ଖାଦ୍ୟ ଯୋଗାଡ଼ କରୁଛନ୍ତି। ୩୫ କିଲୋ ଚାଉଳ ଏବଂ ଭତ୍ତାକୁ ଛାଡ଼ିଦେଲେ ଅନ୍ୟ କୌଣସି ସରକାରୀ ସୁବିଧା ପାଇନାହାନ୍ତି। ଘର ପାଇଁ କେତେଜଣ ସାମାଜିକ କର୍ମୀ ଓ ସ୍ଥାନୀୟ ଯୁବକ ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। କେତେକ ସାମାଜିକ ଅନୁଷ୍ଠାନ ନିରଞ୍ଜନ ଓ ଦୁଃଖୀଙ୍କ ନିକଟରେ ପହଞ୍ଚି ଆର୍ଥିକ ସହାୟତା ଓ ରାଶନ ଯୋଗାଇ ଦେଇଥିବା ସୂଚନା ମିଳିଛି। ଜିଲା ପ୍ରଶାସନ ତୁରନ୍ତ ଦମ୍ପତିଙ୍କୁ ଘରଖଣ୍ଡେ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ବ୍ଲକ ଉନ୍ନୟନ ଅଧିକାରୀ ରଞ୍ଜନ କୁମାର ପରିଡ଼ାଙ୍କୁ ଫୋନ୍ ଦ୍ୱାରା ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ କଲ ଗ୍ରହଣ କରି ନ ଥିଲେ।


ଘର ନିକଟରେ ବୃଦ୍ଧ ଦମ୍ପତି।

## ଛୁରାମାଡ଼ରେ ଯୁବକ ଗୁରୁତର

**କୁଜଙ୍ଗ, ୮।୧୦(ମନୋଜ ପ୍ରଧାନ)**

କୁଜଙ୍ଗ ଥାନା ଗୋଠାଡ଼ିଆ ଗାଁର ନରହରି ସାମଲଙ୍କୁ ବାଲିସାହି ଗ୍ରାମର ତୋଫାନ ପାଣି ଓ ବାପିନା ଦଳାଇ ରବିବାର ଛୁରା ମାଡ଼ କରିଥିବା ଅଭିଯୋଗ ହୋଇଛି। ଏଥିରେ ସେ ଗୁରୁତର ହୋଇଛନ୍ତି। ନରହରି ଜଣେ କାର ଚାଳକ ହୋଇଥିବା ବେଳେ ୨ ବର୍ଷ ପୂର୍ବରୁ ସ୍ତ୍ରୀ ଦୀପିକାଙ୍କୁ ଏକ ପରୀକ୍ଷା ଦେବା ପାଇଁ ନେଇଥିଲେ। ସେହି ପରୀକ୍ଷା ଦେବା ପାଇଁ ନିକଟସ୍ଥ ବାଲିସାହି ଗାଁର ବାପିନ ମଧ୍ୟ ତାଙ୍କ ସହ କାରରେ ଯାଇଥିଲେ। ଫଳରେ ବାପିନା ନରହରିଙ୍କ ଟେଲିଫୋନ ନମ୍ବର ରଖିଥିଲେ। ପରବର୍ତ୍ତୀ ସମୟରେ ନରହରି ବାଙ୍ଗାଲୋର ଏକ କମ୍ପାନୀରେ କାମ କରିବାକୁ ପଳାଇ ଥିଲେ। ହେଲେ ବ୍ୟବହାର କରୁଥିବା ଟେଲିଫୋନଟିକୁ ସ୍ତ୍ରୀ ଦୀପିକାଙ୍କୁ ଦେଇ ଯାଇଥିଲେ। ଏହି ସୁଯୋଗରେ ବାପିନା ଟେଲିଫୋନ କରିବାରୁ ଦୀପିକା ଧରିଥିଲେ। ନରହରିଙ୍କ ଅନୁପସ୍ଥିତର ସୁଯୋଗ ଭାବି ବାପିନା ଦୀପିକାଙ୍କୁ ପ୍ରେମ ନିବେଦନ କରିବାରୁ ସେ ସ୍ୱାମୀଙ୍କୁ ଜଣାଇ ଥିଲେ। ନରହରି ସବୁ ଶୁଣିବା ପରେ ୮ ଦିନ ତଳେ ବାପିନଙ୍କୁ ପଚାରିବା ସହ ଝଗଡ଼ା ହୋଇଥିଲା। ରବିବାର ଅପରାହ୍ନ ୩ଟାରେ ନରହରି ନିକଟସ୍ଥ ପାନ ଦୋକାନକୁ ଯାଇଥିବା ବେଳେ ବାପିନା ଓ ତାଙ୍କ ଭିଣୋଇ ତୋଫାନ ମିଶି ନରହରିଙ୍କୁ ଏକ ଛୁରିରେ ଆକ୍ରମଣ କରିଥିଲେ।

## ପ୍ରତି ପରିବାର ସହ ସମ୍ପର୍କ ସ୍ଥାପନ ଆହ୍ୱାନ

**ବଡ଼ଚଣା ବିଜେଡିର ଜନସମ୍ପର୍କ ପଦଯାତ୍ରା**

**ଚଣ୍ଡିଖୋଲ,୮।୧୦(ପ୍ରଦୀପ୍ତ କୁମାର ପୃଷ୍ଟି):**

ବଡ଼ଚଣା ବିଧାନସଭା ନିର୍ବାଚନମଣ୍ଡଳୀ ବିଜେଡି ପକ୍ଷରୁ ରବିବାର ଏକ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ବ୍ଲକ କୋଲଣଗିରି ପଞ୍ଚାୟତସ୍ଥିତ ନାନକାର ସିଦ୍ଧାଶ୍ରମରୁ ପଦଯାତ୍ରା ବାହାରି ତାଲୁଆ ବାଲିକୁଦା ଶନିଘାଟଠାରେ ଉଦ୍‌ଯାପିତ ହୋଇଥିଲା। ଜୋନ୍ ସଂଯୋଜକ ତାପସ ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ ପ୍ରତି ପରିବାର ସହ କର୍ମୀମାନେ ସମ୍ପର୍କ ସ୍ଥାପନ କରିବାକୁ ଆହ୍ୱାନ କରିଥିଲେ। ଏଥିସହିତ ଯେଉଁମାନେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଇଥିବା ବିଭିନ୍ନ ଯୋଜନା ପାଇପାରୁ ନାହାନ୍ତି ସେମାନଙ୍କ ନିକଟରେ ତାହା ପହଞ୍ଚାଇବାକୁ ନିବେଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ବିଜେଡି ସଭାପତି ଅରବିନ୍ଦ ସାମଲ, ଯୁବ ବିଜେଡି ସଭାପତି ଗଣେଶ୍ୱର ବରାଳ, ଛାତ୍ରବିଜେଡି ସଭାପତି ଯତିନ୍ଦ୍ର ନାୟକ, ଜିଲାପରିଷଦ ସଭ୍ୟ ଜୟଶ୍ରୀ ସାମଲ, ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତି ସେନାପତି, ଆମ୍ବା ଅଧ୍ୟକ୍ଷ ବିପିନ ବିହାରୀ ଜେନା, ପଞ୍ଚାନନ ଧଳ, ଅନିଲ ପରିଡ଼ା, ପ୍ରମୋଦ ସାମଲ, କାଜଲ କିରଣ ପ୍ରଧାନ, ସୌଭାଗ୍ୟ ଲକ୍ଷ୍ମୀ ବଳ, ପ୍ରମିଳା ଜେନା, ନାରାୟଣ ମଲ୍ଲିକ, ଗଗନ ବିହାରୀ ସ୍ୱାଇଁ, ତ୍ରୈଲୋକ୍ୟ ସାମଲ, ସମରେନ୍ଦ୍ର ମହାନ୍ତି, ହିମାଂଶୁ ଦେଓ, ସରପଞ୍ଚ କିଶୋର ବେହୁରା, ଫନିନ୍ଦ୍ର ପଣ୍ଡା ଓ ଅନନ୍ତ ସିଂହ ପ୍ରମୁଖ କର୍ମୀ ଯୋଗଦେଇ ୪ ପଞ୍ଚାୟତ ପରିକ୍ରମା କରିଥିଲେ।


ଜନ ସମ୍ପର୍କ ପଦଯାତ୍ରା ସଭାରେ ବିଧାୟକ ଓ ଅନ୍ୟ ନେତା ଉପସ୍ଥିତ।

## ସଂକ୍ଷେପରେ

### ଭାଜପା ରାଜ୍ୟ ଯୁବମୋର୍ଚ୍ଚାର ସାଂସ୍କୃତିକ ସହସଂଯୋଜକ ହେଲେ ଅଭିଷେକ

ପଟ୍ଟାମୁଣ୍ଡାଇ ୮।୧୦ (କଳ୍ପତରୁ ନାୟକ)

ଭାଜପାରେ ଓଡ଼ିଶା ପ୍ରଦେଶର ଯୁବମୋର୍ଚ୍ଚାର ସାଂସ୍କୃତିକ ସହସଂଯୋଜକ ଭାବେ ପଟ୍ଟାମୁଣ୍ଡାଇ ଯୁବନେତା ଅଭିଷେକ



ଦାସଙ୍କୁ ନୂତନ ଦାୟିତ୍ୱ ମିଳିଛି। ବିଗତ ଦିନରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ସୁସଙ୍ଗଠିତ ରାଷ୍ଟ୍ରବାଦୀ ଛାତ୍ର ସଙ୍ଗଠନର ଓଡ଼ିଶା ପ୍ରାନ୍ତର ରାଷ୍ଟ୍ରୀୟ କଳାମଞ୍ଚ ଦାୟିତ୍ୱକୁ ସେ ସୁଚାରରୂପେ ନିର୍ବାହନ କରି ନିଜ ଦକ୍ଷତାର ପରିଚୟ ପ୍ରଦାନ କରିଥିଲେ। ପ୍ରଚ୍ଛଦପଟ ଗାୟକ ଭାବେ ମଧ ସେ ବିଶେଷ ଲୋକପ୍ରିୟତା ଅର୍ଜନ କରିଛନ୍ତି। ତାଙ୍କର ଏହି ଦାୟିତ୍ୱ ଘୋଷଣା ହେବା ପରେ ଅଞ୍ଚଳରେ ଯୁବପିଢ଼ିମାନଙ୍କ ମଧ୍ୟରେ ଉତ୍ସାହ ଖେଳି ଯାଇଛି। ଆଗାମୀଦିନରେ ଏହା ପଟ୍ଟାମୁଣ୍ଡାଇ ଭାଜପା ସଙ୍ଗଠନକୁ ଆହୁରି ମଜବୁତ କରିବ ବୋଲି ଆଶା ପ୍ରକାଶ କରାଯାଇଛି।

### ଆଜ୍‌ବେଷ୍ଟସ ଭାଙ୍ଗି ମୋବାଇଲ ଦୋକାନରୁ ଲୁଟ୍

ଆଳି, ୮।୧୦ (ବନମାଳୀ ସେନାପତି)

କେନ୍ଦ୍ରାପଡ଼ା ଜିଲା ଆଳି ଅଞ୍ଚଳରେ ୨ ଦିନରେ ୨ଟି ଚୋରି ଘଟଣା ଆଳି ପୋଲିସର ପାରିବାପଣିଆକୁ ପଦାରେ ପକାଇଛି। କଟକ-ଚାନ୍ଦବାଲି ମୁଖ୍ୟ ରାସ୍ତାର ବଅଡିହ ନିକଟରେ ଜଣେ ଶିକ୍ଷୟିତ୍ରୀଙ୍କ ଘରୁ ଦିନ ଦ୍ୱିପ୍ରହରରେ ଦୁର୍ବୃତ୍ତ ପ୍ରାୟ ଲକ୍ଷାଧିକ ଟଙ୍କା ଲୁଟି ନେଇଛନ୍ତି। ଶନିବାର ରାତିରେ ଥାନାଠାରୁ ମାତ୍ର ୧୦୦ ମିଟର ଦୂର ଆଳି ବ୍ଲକ କାର୍ଯ୍ୟାଳୟ ନିକଟରେ ଥିବା ସାଇ ମୋବାଇଲ କେୟାରରୁ ପ୍ରାୟ ଦେଢ଼ ଲକ୍ଷ ଟଙ୍କାର ସାମଗ୍ରୀ ସହ ନଗଦ ୫୦ ହଜାର ଟଙ୍କା ଦୁର୍ବୃତ୍ତ ଲୁଟି ନେଇଥିବା ଆଳି ଥାନାରେ ଅଭିଯୋଗ ହୋଇଛି। ଶନିବାର ରାତିରେ ଆଳି ଥାନା ନିକଟରୁ ପ୍ରାୟ ୧୦୦ମିଟର ଦୂରରେ ଥିବା ସାଇ ମୋବାଇଲ ଦୋକାନର ମାଲିକ ରମେଶ ବେହେରା ବ୍ୟବସାୟ ସାରି ରାତିରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ରବିବାର ସକାଳୁ ଦୋକାନରେ କାମ କରୁଥିବା ପିଲା ଦୋକାନ ଖୋଲିବା ପରେ ଦୋକାନ ଉପର ଆଜବେଷ୍ଟସ ଭଙ୍ଗା ହୋଇ ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ସେ ତୁରନ୍ତ ଏ ବିଷୟରେ ଜଣାଇବା ପରେ ମାଲିକ ରମେଶ ଦୋକାନରେ ପହଞ୍ଚି ଦୋକାନରେ ଥିବା ନଗଦ ୫୦ ହଜାର ଟଙ୍କା ସହ ପ୍ରାୟ ୮ ଟି ନୂଆ ମୋବାଇଲ, ରିଚାର୍ଜ ହେଉଥିବା ମୋବାଇଲ ସମେତ ଅନ୍ୟ ସାମଗ୍ରୀ ଲୁଟ ହୋଇଥିବା ଦେଖିବାକୁ ପାଇଥିଲେ। ଦୋକାନ ଚୋରି ଘଟଣାର ସମ୍ପୂର୍ଣ୍ଣ ଦୃଶ୍ୟ ସିସି ଟିଭି ଫୁଟେଜରେ କଏଦ ହୋଇଛି। ଯାହାକୁ ନେଇ ପୋଲିସ ତଦନ୍ତ ଆରମ୍ଭ କରିଛି। ସେହିପରି ଶୁକ୍ରବାର ଅପରାହ୍ନରେ କଟକ-ଚାନ୍ଦବାଲି ମୁଖ୍ୟ ରାସ୍ତାର ଈଶାଣେଶ୍ୱର ମନ୍ଦିର ନିକଟରେ ରହୁଥିବା ଶିକ୍ଷୟିତ୍ରୀ ଅନୁସୂୟା ପାଣ୍ଡବ ସ୍କୁଲକୁ ଯାଇ ୪ଟାରେ ଘରକୁ ଫେରିବା ବେଳକୁ ତାଙ୍କ ଘର ତାଲା ତଡା ହୋଇ ପ୍ରାୟ ୪ ଲକ୍ଷ ଟଙ୍କାର ସୁନା ଅଳଙ୍କାର ସମେତ ନଗଦ ୧୦ ହଜାର ଟଙ୍କା ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି। ୨ ଦିନରେ ଦୁଇ ଦୁଇଟି ଚୋରି ଘଟଣା ଆଳି ଅଞ୍ଚଳବାସୀଙ୍କୁ ଆତଙ୍କିତ କରିଦେଇଛି।

# କଂଗ୍ରେସର ଘରେ ଘରେ ହାତ କାର୍ଯ୍ୟକ୍ରମ

ଡେରାବିଶ, ୮।୧୦(ବେବର୍ତ୍ତା ଅଜୟ ଦାସ)



ଶୋଭାଯାତ୍ରାରେ କଂଗ୍ରେସ ନେତା ରତିକାନ୍ତ କାନୁନଗୋ ଓ ଅନ୍ୟମାନେ।

**ପାଟକୁରା ନିର୍ବାଚନ ମଣ୍ଡଳୀ**

■ ଡେରାବିଶ ବ୍ଲକ୍‌ରେ କଂଗ୍ରେସର ପଦଯାତ୍ରା, କର୍ମୀ ସମାବେଶ

ଜାତୀୟ କଂଗ୍ରେସ ପକ୍ଷରୁ ଆରମ୍ଭ କରାଯାଇଥିବା ଘରେ ଘରେ ହାତ ଓ ଘରେ ଘରେ କଂଗ୍ରେସ କାର୍ଯ୍ୟକ୍ରମକୁ ରାଜ୍ୟ କଂଗ୍ରେସ ସଭାପତି ଶରତ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରାପଡ଼ା ଜିଲା ପାଟକୁରା ନିର୍ବାଚନ ମଣ୍ଡଳୀରେ ରବିବାର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଡେରାବିଶ ବ୍ଲକର ୧୩ ନଂ. ଜୋନ୍‌ରେ ଏହି କାର୍ଯ୍ୟକ୍ରମକୁ ନିର୍ବାଚନ ମଣ୍ଡଳୀ କଂଗ୍ରେସ ନେତା ରତିକାନ୍ତ କାନୁନ୍‌ଗୋ ଶୁଭାରମ୍ଭ କରିଥିଲେ। ବ୍ଲକ ଅଧୀନ ନହଙ୍ଗ ପଞ୍ଚାୟତ ସନ୍ଥପୁରାଠାରୁ ରତିକାନ୍ତଙ୍କ ନେତୃତ୍ୱରେ ରବିବାର ପଦଯାତ୍ରା ଆରମ୍ଭ ହୋଇଥିଲା। ଦୀର୍ଘ ୩ କିଲୋମିଟର ବ୍ୟାପୀ ହୋଇଥିବା ପଦଯାତ୍ରାରେ ବ୍ଲକ ଅଧୀନ ୨୬ଟି ପଞ୍ଚାୟତର ଶତାଧିକ କଂଗ୍ରେସ କର୍ମୀ ସାମିଲ ହୋଇଥିଲେ। ପରେ ନହଙ୍ଗ ପଞ୍ଚାୟତ ମା' ମଙ୍ଗଳାଙ୍କ ପୀଠ ନିକଟରେ ଡେରାବିଶ ବ୍ଲକ କଂଗ୍ରେସ ସଭାପତି ଉମେଶ ଚନ୍ଦ୍ର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମୀ ସମାବେଶରେ କଂଗ୍ରେସ ନେତା କାନୁନ୍‌ଗୋ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ରରେ ଥିବା ଭାଜପା ଓ ରାଜ୍ୟ ସରକାର ଦୁର୍ନୀତିରେ ଉବୁଟୁବୁ ହେବା ସହ ଗରିବ ଖଟିଖିଆଙ୍କ ସ୍ୱାର୍ଥ ସହ ରାଜ୍ୟର ସ୍ୱାର୍ଥକୁ ଭୁଲି କେବଳ ଅୟସ କରିବାରେ ବ୍ୟସ୍ତ ରହିଛନ୍ତି ବୋଲି କହିଥିଲେ। ଏଥିସହ ବ୍ଲକ କାର୍ଯ୍ୟାଳୟଠାରୁ ଆରମ୍ଭ କରି ଜିଲା କାର୍ଯ୍ୟାଳୟ ଦୁର୍ନୀତିର ଗନ୍ତାଘର ପାଲଟିଛି। ସାଧାରଣ ଲୋକଙ୍କ ଅଭିଯୋଗ ଗ୍ରହଣ କରିବାକୁ ପ୍ରଶାସନଠାରୁ ଆରମ୍ଭ କରି ବିଧାୟକ ଯାଏ ସେମାନଙ୍କ ପାଖରେ ସମୟ ନ ଥିବା ରତିକାନ୍ତ ତାଙ୍କ ବକ୍ତବ୍ୟରେ କହିଥିଲେ। ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୋଧରେ ଏହି ସଂଗ୍ରାମ ଜାରି ରହିବା ସହ ପ୍ରତ୍ୟେକ ପରିବାରକୁ ସାମିଲ କରିବା ପାଇଁ ଓ ଦଳର ଆଭିମୁଖ୍ୟକୁ ପହଞ୍ଚାଇବାକୁ ଦଳ ସଂକଳ୍ପବଦ୍ଧ ବୋଲି ରତିକାନ୍ତ ତାଙ୍କ ବକ୍ତବ୍ୟରେ କହିଥିଲେ। ଏହି ସମାବେଶରେ ବରିଷ୍ଠ କଂଗ୍ରେସ ନେତା ରଶ୍ମିରଞ୍ଜନ ପଣ୍ଡା, ଅନନ୍ତ ଚରଣ ପାତ୍ର, ଜୟଦେବ ପରିଡ଼ା, ରାଜୀବ ଲୋଚନ ମିଶ୍ର, ନାରାୟଣ ଚନ୍ଦ୍ର ଲେଙ୍କା, ଗୋବିନ୍ଦ ଚନ୍ଦ୍ର ପଣ୍ଡା ଓ ରଶ୍ମିତା ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସେମାନେ ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୋଧରେ ଦଳର ନେତା ରାହୁଲ ଗାନ୍ଧୀ ଦେଇଥିବା ଆହ୍ୱାନକୁ କାର୍ଯ୍ୟକାରୀ କରିବାକୁ ଏହି ସଂଗ୍ରାମରେ ସବୁବର୍ଗର ବ୍ୟକ୍ତି ସାମିଲ ହେବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ କଂଗ୍ରେସ ଓ ରତିକାନ୍ତଙ୍କ ନୀତି ଆଦର୍ଶରେ ଅନୁପ୍ରାଣୀତ ହୋଇ ବିଜେଡି ଛାଡି ନହଙ୍ଗ ପଞ୍ଚାୟତର ମମତା ମଲିକ, ଗଣେଶ୍ୱର ମଲିକ ଓ ଭରତ ମଲିକ କଂଗ୍ରେସରେ ସାମିଲ ହୋଇଥିଲେ। ଶେଷରେ କଂଗ୍ରେସ ନେତା ସୁଖଦାନନ୍ଦ ପ୍ରଧାନ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ କୃତ୍ତିବାସ ସେଠୀ, ମନ୍ମଥ ସାହୁ, ମଥୁରାନନ୍ଦ ସେନାପତି, ସଚ୍ଚିକାନ୍ତ ପଣ୍ଡା ଓ ଭିକାରୀ ସେଠୀ ପ୍ରମୁଖ ପରିଚାଳନା କରିଥିଲେ।

# ଆମେ ହେଲେ ସତର୍କ, ହେବା ସୁରକ୍ଷିତ

ମାର୍ଶାଘାଇ,୮।୧୦(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ସାଇବର ସୁରକ୍ଷା ଅଭିଯାନ କ୍ରମରେ ରବିବାର ମାର୍ଶାଘାଇ ଥାନା ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଉଯାଇଛି। ମଧ୍ୟାହ୍ନରେ ମହାକାଳପଡ଼ାରୁ ଏକ ସଚେତନ ରଥ ବାହାରି ମାର୍ଶାଘାଇ ଥାନା ଅନ୍ତର୍ଗତ କେନାଲ ବ୍ରିଜ ଛକରେ ପହଞ୍ଚିବା ପରେ ସେଠାରେ ଏହାକୁ ବିଭିନ୍ନ ବର୍ଗର ଲୋକମାନେ ସ୍ୱାଗତ କରିଥିଲେ। ପରେ ଗରଜଙ୍ଗା ପଞ୍ଚାୟତର ଆଠବାଟିଆ ପ୍ରାଥମିକ ବିଦ୍ୟାଳୟରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ କେନ୍ଦ୍ରାପଡ଼ା ପୋଲିସ ଡିଏସ୍‌ପି ଜ୍ୟୋତି ରଞ୍ଜନ ସାମନ୍ତରାୟ ଓ ମାର୍ଶାଘାଇ ଥାନା ଆଇଆଇସି ପ୍ରଜ୍ଞା ପାରମିତା ଜେନା ଯୋଗଦେଇ କିପରି ଅତ୍ୟାଧୁନିକ ଜ୍ଞାନକୌଶଳ ଦ୍ୱାରା ସାଇବର ଠକମାନେ ସାଧାରଣ ଲୋକଙ୍କୁ ଭକୁଆ ବନେଇ ଟଙ୍କା ଲୁଟୁଛନ୍ତି ତାହା ଉପରେ ମତ ଦେଇଥିଲେ। ଅଜଣା ଲୋକଙ୍କ ସହ ଫେସ୍‌ବୁକ, ଇନ୍‌ଷ୍ଟାଗ୍ରାମ ଓ ଭିଡିଓ କଲ କରନ୍ତୁ ନାହିଁ। କାହାକୁ ଓଟିପି ପ୍ରଦାନ କରନ୍ତୁ ନାହିଁ। କୌଣସି ଅଜଣା ଲିଙ୍କକୁ କ୍ଲିକ ନ କରିବାକୁ ପରାମର୍ଶ ଦେଇ ଆମେ ହେଲେ ସତର୍କ, ହେବା ସୁରକ୍ଷିତ ବୋଲି କହିଥିଲେ। ଏଥିରେ ଥାନା ଏଏସଆଇ ହରେକୃଷ୍ଣ ନନ୍ଦ, ଗରଜଙ୍ଗାର ପୂର୍ବତନ ସରପଞ୍ଚ ବିପୁଳ ନାୟକ ଓ ସମିତିସଭ୍ୟ ଶରତ ଚନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ମାର୍ଶାଘାଇ ଜୁଣ ଛକଠାରେ ପାଲା ମାଧ୍ୟମରେ ସାଇବର ଠକ ଉପରେ ଲୋକମାନଙ୍କୁ ସଚେତନ କରାଯାଇଥିଲା।


ଅନୁଷ୍ଠିତ ସାଇବର ସୁରକ୍ଷା ସଚେତନତା ସଭାରେ ମହିଳାଙ୍କ ସହ ପୋଲିସ ଅଧିକାରୀମାନେ।

# ଜନ ସଚେତନତା ସାଇବର ଅପରାଧକୁ ରୋକିବ


ଲୋକମାନଙ୍କୁ ସାଇବର ଠକେଇରୁ ମୁକ୍ତ ପାଇଁ ବାହାରି ଥିବା ରାଲିକୁ ପତାକା ଦେଖାଇ ଉଦ୍‌ଘାଟନ କରାଯାଉଛି।

କେନ୍ଦ୍ରାପଡ଼ା, ୮।୧୦ (ଜଗନ୍ନାଥ ଧଳ)

ସମ୍ପ୍ରତି ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳକୁ ଗୁରୁତ୍ୱ ଦିଆଯାଉଛି। ଏହାଦ୍ୱାରା ଜୀବନଯାତ୍ରା ସହଜ ଓ ସୁଗମ ହେଉଥିବା ବେଳେ ଏହି ଜ୍ଞାନ କୌଶଳର ଅପବ୍ୟବହାର ବଢ଼ି ଚାଲିଛି। ସାଇବର ଅପରାଧ ରୋକିବା ସାମ୍ପ୍ରତିକ ସମୟରେ କେବଳ ଓଡ଼ିଶା ନୁହେଁ ସମଗ୍ର ବିଶ୍ୱ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ତେବେ ଏହାକୁ ଜନ ସଚେତନତା ଦ୍ୱାରା ବହୁମାତ୍ରାରେ ରୋକା ଯାଇ ପାରିବ ବୋଲି ଜିଲା ପୋଲିସ ପକ୍ଷରୁ ଆୟୋଜିତ ସାଇବର ସେଫ୍ଟି କ୍ୟାମ୍ପେନରେ ଯୋଗ ଦେଇଥିବା ଅତିଥିମାନେ କହିଛନ୍ତି। କେନ୍ଦ୍ରାପଡା ହାଇସ୍କୁଲ ପଡିଆରେ ଏହି କ୍ୟାମ୍ପେନ ରବିବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଏସ୍‌ପି ମଡକର ସନ୍ଦିତ ସମ୍ପଦ ଯୋଗଦେଇ କହିଥିଲେ, ଅନ୍‌ଲାଇନ ସ୍କାମଠାରୁ ଚୋରି ପରିଚୟ ମାଧ୍ୟମରେ ସାଇବର ଠକ ସାଧାରଣ ଲୋକଙ୍କୁ ଠକୁଛନ୍ତି। ଲୋନ ଆପ, ଶିଶୁଙ୍କ ଯୌନ ଶୋଷଣ ପରି ଘଟଣା ଏବେ ବହୁ ପରିମାଣରେ ଦେଖାଦେଉଛି। ଏପରି ଠକଙ୍କ ପ୍ରତି ଜନସାଧାରଣ ସଚେତନ ହେବା ଅବଶ୍ୟକ। ସାମାନ୍ୟ ସନ୍ଦେହ ଆସିଲେ ନିକଟସ୍ଥ ଥାନାରେ ଏ ସମ୍ପର୍କରେ ଜଣାଇବାକୁ ସେ ପରାମର୍ଶ ଦେଇଥିଲେ। ଏହି ଅବସରରେ ପଡ଼ିଆଠାରୁ ଏକ ବିଶାଳ ରାଲି ବାହାରି ସହର ପରିକ୍ରମା କରିଥିଲା। ସହର ମଧ୍ୟରେ ଥିବା ବିଭିନ୍ନ ଛକଠାରେ ଏ ନେଇ ସଚେତନତା ସୃଷ୍ଟି କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଏଏସ୍‌ପି ଜଳନ୍ଧର ଡ଼ାଲି, ଜିଲା ସଂଯୋଜକ ଡିଏସ୍‌ପି ଜ୍ୟୋତିରଞ୍ଜନ ସାମନ୍ତରାୟ, ଏସ୍‌ଡିପିଓ ଦେବେନ୍ଦ୍ର ମଲ୍ଲିକ, ଟାଉନ ଥାନା ଅଧିକାରୀ ଦିଲୀପ କୁମାର ସାହୁଙ୍କ ସମେତ ଜିଲା ପୋଲିସର କେତେଜଣ କର୍ମଚାରୀ ସାମିଲ ହୋଇଥିଲେ।

### ଆଳି ବ୍ଲକ ଯାତ୍ରା କମିଟି ସଂଘ କର୍ମକର୍ତ୍ତା ଚୟନ

ଆଳି,୮।୧୦(ବନମାଳୀ ସେନାପତି)

କେନ୍ଦ୍ରାପଡ଼ା ଜିଲା ଯାତ୍ରା କମିଟି ମହାସଂଘ ଆହ୍ୱାନକ୍ରମେ ରବିବାର ଆଳି ବ୍ଲକ ଯାତ୍ରା କମିଟି ସଂଘର ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ଜିଲା ଯାତ୍ରା କମିଟି ମହାସଂଘ ସଭାପତି ମିହିର ସାମଲ, ଜିଲା ସମ୍ପାଦକ ତଥା ଅବସରପ୍ରାପ୍ତ ଅଧ୍ୟକ୍ଷ ବୈକୁଣ୍ଠ ନାଥ ପରିଡ଼ା, ସହସମ୍ପାଦକ ମହେଶ୍ୱର ସେଠୀ, କୋଷାଧ୍ୟକ୍ଷ ଗଣେଶ୍ୱର ପଟ୍ଟନାୟକ ଓ ଜିଲା ମହାସଂଘ ଉପଦେଷ୍ଟା କମିଟି ଅଧ୍ୟକ୍ଷ ଜ୍ଞାନ ବଲ୍ଲଭ ମହାନ୍ତି ଯୋଗଦେଇ ଆଲୋଚନା କରିଥିଲେ। ଏହି ଅବସରରେ ଆଳି ବ୍ଲକ ଅଞ୍ଚଳର ବିଭିନ୍ନ ଯାତ୍ରା କମିଟି କର୍ମକର୍ତ୍ତାଙ୍କ ଦ୍ୱାରା ବ୍ଲକ କମିଟି ସଂଘ ଗଠନ କରାଯାଇଛି। ଏଥିସହ କର୍ମକର୍ତ୍ତା ଚୟନ ହୋଇଛି। ଆଳି ବ୍ଲକ ଯାତ୍ରା କମିଟି ସଂଘର ସଭାପତି ଭାବେ ସନାତନ ମିଶ୍ରଙ୍କୁ ଚୟନ କରାଯାଇଥିବା ବେଳେ ଉପସଭାପତି ଭାବେ ବିଚିତ୍ରା ନନ୍ଦ ବିଳାସ, ସମ୍ପାଦକ ଭାବେ ବୀରେନ୍ଦ୍ର କୁମାର ପଣ୍ଡା, ସହସମ୍ପାଦକ ଦିନେଶ ନାୟକ, କୋଷାଧ୍ୟକ୍ଷ ଭାବେ ହେମନ୍ତ ନାୟକଙ୍କୁ ବ୍ଲକ କର୍ମକର୍ତ୍ତାଙ୍କ ଦ୍ୱାରା ମନୋନୀତ କରାଯାଇଛି। ଏହି ବୈଠକରେ ଆଳି ବ୍ଲକ ଅଞ୍ଚଳରେ ଥିବା ବିଭିନ୍ନ ଯାତ୍ରା କମିଟିର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ।

# ସୁବର୍ଣ୍ଣ ଜୟନ୍ତୀ ସମାରୋହ ପ୍ରସ୍ତୁତି ବୈଠକ

ରାଜକନିକା, ୮।୧୦(ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକସ୍ଥିତ ଜୟନଗର ପଞ୍ଚାୟତ ନୋଡାଲ ଉଚ୍ଚ ବିଦ୍ୟାଳୟର ୫୦ବର୍ଷ ପୂର୍ତ୍ତି ଅବସରରେ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ ହେବାକୁ ଯାଉଛି। ଏହି ଅବସରରେ ଏକ ପ୍ରସ୍ତୁତି ବୈଠକ ଓ ସ୍ମୃତିଚାରଣ ସଭା ସଭାପତି ହରେଗୋବିନ୍ଦ ମଟ୍ଟୁଆଳଙ୍କ ସଭାପତିତ୍ୱରେ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ହାଇସ୍କୁଲର ପୂର୍ବତନ କ୍ରୀଡା ଶିକ୍ଷକ ରମେଶ ଚନ୍ଦ୍ର ପ୍ରଧାନ ଏବଂ ରାଉରକେଲାଠାରେ ଅବସ୍ଥାପିତ ଖବରଦାତା ସତ୍ୟାନନ୍ଦ ବେହେରାଙ୍କ ମା' କୃତାର୍ଥୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ସଭା ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ସାଧାରଣ ସମ୍ପାଦକ ଡ. ଫକୀର ଚନ୍ଦ୍ର ପ୍ରଧାନ, କମିଟିର ଉପସଭାପତି ବସନ୍ତ ଦାସ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୁରେଶ ଚନ୍ଦ୍ର ରାଉତ, ସେବା ନିବୃତ୍ତ ସେନା ଅଧିକାରୀ ସହଦେବ ରାଉତ, ରଞ୍ଜନ ରାଉତ, ଯୁଗ୍ମ ସମ୍ପାଦକ ସଞ୍ଜୟ ବିଶ୍ୱାଳ ଓ ଖଗେଶ୍ୱର ପଢ଼ିହାରୀ, ବରିଷ୍ଠ ସଭ୍ୟ ନିର୍ମଳ ପଲାଇ, ପରମେଶ୍ୱର ବେହେରା, ହେମନ୍ତ ନାୟକ, ହିମାଂଶୁ ବେହେରା, ନୀତିନିର୍ଦ୍ଧାରଣ କମିଟିର ସଦସ୍ୟ ଆଇନଜୀବୀ ନୀଳାମ୍ବର ପ୍ରଧାନ ଓ ପ୍ରଦୀପ୍ତ ଦାସଙ୍କ ସମେତ ବହୁ ପୁରାତନ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଏଥିସହ ବିଦ୍ୟାଳୟରେ ହେବାକୁ ଥିବା ସୁବର୍ଣ୍ଣ ଜୟନ୍ତୀ ଉତ୍ସବକୁ ସାମୂହିକ ସଫଳ କରିବାକୁ ସଭାପତି, ସମ୍ପାଦକ ଉପସ୍ଥିତ ପୁରାତନ ଛାତ୍ରୀଛାତ୍ର ତଥା ଅଞ୍ଚଳବାସୀଙ୍କୁ ନିବେଦନ କରିଥିଲେ।

# ନିଶା ନିବାରଣ ଅଭିଯାନ ସଚେତନତା



ରାଜକନିକା,୮।୧୦(ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକ ତ୍ରୈଲୋକ୍ୟପୁର ପଞ୍ଚାୟତ ତେନ୍ତୁଳିକୋଳି ଗାଁରେ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ (ମୋନା) ପକ୍ଷରୁ ନିଶା ନିବାରଣ ସଚେତନତା ଅଭିଯାନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ପ୍ରଧାନ ଶିକ୍ଷକ ନବକିଶୋର ସୂତାର, ବୀରେନମିତ୍ର ରାଉତରାୟଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ସଂଯୋଜକ କୈଳାସ ଚନ୍ଦ୍ର ମଲ୍ଲିକ ଅଭିଯାନର ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ। ଧାର୍ମିକ ଓ ସାମାଜିକ ଅନୁଷ୍ଠାନରେ ମଦର ଅଭିବୃଦ୍ଧି, ଗାଁ ଗାଁରେ ଥିବା ଛୋଟ ଦୋକାନରେ ବହୁଳ ପରିମାଣରେ ସହଜରେ ମିଳୁଛି। ତେଣୁ ସାମାଜିକ ଅବକ୍ଷୟ ରୋକିବାକୁ ଏହି ପଞ୍ଚାୟତରେ ଏକ ନିଶା ମୁକ୍ତ ସମିତି ଗଠନ କରିବାକୁ କାର୍ଯ୍ୟକ୍ରମ ଦ୍ୱାରା ଉଦ୍ୟମ ଆରମ୍ଭ କରାଯାଇଛି। ବୈଠକରେ କାଳୀ ପ୍ରସାଦ ନାୟକ, ଗଙ୍ଗାଧର ମଲ୍ଲିକ, ସୁଶାନ୍ତ ମହାନ୍ତି, ସୁରେନ୍ଦ୍ର ନାୟକ, ଗୋପୀନାଥ ବିଶ୍ୱାଳ, ଭାଗୀରଥି ମଲ୍ଲିକ ଓ ବିବେକାନନ୍ଦ ବେହେରା ପ୍ରମୁଖ ନିଶା ନିବାରଣ ଦିଗରେ ସଚେତନତା ସୃଷ୍ଟି କରିବାକୁ ଶପଥ ନେଇଥିଲେ।

### ସରକାରୀ ଜମି ଜବରଦଖଲ କରି ୫ କୋଠା ଅଭିଯୋଗ

ରାଜନଗର, ୮।୧୦ (ଭାସ୍କର ରାଉତରାୟ)

ରାଜନଗର ତହସିଲ ଅଧୀନରେ ଧନୀ ଲୋକଙ୍କୁ ଭୂମିହୀନ ଦର୍ଶାଇ ପଟ୍ଟା ବଣ୍ଟନ କରାଯାଇଛି। ରାଜନଗର ଗାଁର ସ୍ୱର୍ଗତ କୃଷ୍ଣଚନ୍ଦ୍ର ସାହୁଙ୍କ ପ୍ରାୟ ୫୦ ଏକର ସମ୍ପତ୍ତି ଥିଲା। ତାଙ୍କର ଏତେ ସମ୍ପତ୍ତି ଥିଲେ ମଧ ୧୯୮୯ରେ ନିଜକୁ ଭୂମିହୀନ ଦର୍ଶାଇ ୪ ଡିସିମିଲ ସରକାରୀ ଜମି ପଟ୍ଟା ପାଇଥିଲେ। ସେ ପଟ୍ଟା ପାଇଥିବା ସ୍ଥାନ ଗୋଚର କିସମ ଥିଲେ ମଧ କେସ୍ ରେକର୍ଡରେ ଅନାବାଦୀ ଦର୍ଶାଇ ତାଙ୍କୁ ଭୂମିହୀନ ପଟ୍ଟା ଦିଆଯାଇଛି। ସେ ୪ ଡିସିମିଲ ଭୂମିହୀନ ପଟ୍ଟା ପାଇଥିବା ବେଳେ ୫ଟି ସ୍ଥାନରେ ୫ଟି ବିଲ୍ଡିଂ ନିର୍ମାଣ କରିଛନ୍ତି। ରାଜନଗର ତହସିଲ କାର୍ଯ୍ୟାଳୟ ପାଖରେ ତାଙ୍କ ପୁଅ ସରକାରୀ ଜମିରେ ୨ଟି ଆଜବେଷ୍ଟସ ଘର ଓ ୩ଟି ବିଲ୍ଡିଂ ନିର୍ମାଣ କରି ତାକୁ ଭଡାରେ ଲଗାଇଛନ୍ତି। ସେ ଭୂମିବାନ ହୋଇଥିବା ବେଳେ କିପରି ଭୂମିହୀନ ପଟ୍ଟା ପାଇଲେ ଅଞ୍ଚଳବାସୀଙ୍କୁ ଆଶ୍ଚର୍ଯ୍ୟ କରିଥିବା ବେଳେ ତହସିଲଦାରଙ୍କ ନିକଟରେ ଲିଖିତ ଅଭିଯୋଗ କରାଯାଇଛି। ଏ ସମ୍ପର୍କରେ ତହସିଲଦାର ଅଶ୍ୱିନୀ କୁମାର ଭୂୟାଁଙ୍କୁ ପଚାରିବାରୁ କିପରି ଭୂମିହୀନ ପଟ୍ଟା ଦିଆଗଲା। ସେ ନେଇ ତର୍ଜମା କରାଯାଉଛି। ପରେ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

# ମଣିଷ ତିଆରି କାରଖାନାର ଗୁରୁ ହେଉଛନ୍ତି ବିଶ୍ୱକର୍ମା

ଡେରାବିଶ,୮।୧୦(ବେବର୍ତ୍ତା ଅଜୟ ଦାସ)

**କେନ୍ଦ୍ରାପଡ଼ା ସାନ୍ଧ୍ୟ ମହାବିଦ୍ୟାଳୟରେ କର୍ମଶାଳା**


କର୍ମଶାଳାରେ ଯୋଗଦେଇଥିବା ଅତିଥିମାନେ।

ଡେରାବିଶ ବ୍ଲକରେ ଥିବା ବିଭିନ୍ନ ମହାବିଦ୍ୟାଳୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୫-ଟି ଯୋଜନାରେ ଉନ୍ନତ ଶିକ୍ଷା ବ୍ୟବସ୍ଥା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆର୍ଥିକ ଅନୁଦାନ ଅଗ୍ରଗତିର ଶନିବାର ସମୀକ୍ଷା ହୋଇଛି। ଏଥିସହ ବ୍ଲକ ଅଧୀନ ଗୁଆଳସିଂ ପଞ୍ଚାୟତସ୍ଥିତ କେନ୍ଦ୍ରାପଡ଼ା ସାନ୍ଧ୍ୟ ମହାବିଦ୍ୟାଳୟରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସାନ୍ଧ୍ୟ ମହାବିଦ୍ୟାଳୟରେ ଅଧ୍ୟକ୍ଷ ମଧୁସୂଦନ କାମିଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ମୁଖ୍ୟଅତିଥି ପିଡି ରାଜେନ୍ଦ୍ର କୁମାର ପଣ୍ଡା, ବିଡିଓ ଦାଶରଥୀ ଜେନା, ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ, ସାନ୍ଧ୍ୟ ମହାବିଦ୍ୟାଳୟ ପରିସରରେ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଦିଲୀପ କୁମାର ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ପଣ୍ଡା କହିଥିଲେ, ପିଲାଙ୍କ ପାଇଁ ଶିକ୍ଷା ବ୍ୟବସ୍ଥାକୁ ସମୃଦ୍ଧ କରିବା ତଥା ଅତ୍ୟାଧୁନିକ ବୈଷୟିକ ଶିକ୍ଷା ପାଇଁ ବ୍ଲକ ଅଞ୍ଚଳରେ ଥିବା ସମସ୍ତ ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ନିର୍ମାଣ କାମ ଚାଲିଛି। ସମ୍ମାନିତ ଅତିଥି ବିଡିଓ ଜେନା କହିଥିଲେ, ପ୍ରତ୍ୟେକ ମହାବିଦ୍ୟାଳୟରେ ୨ଟି ସ୍ମାର୍ଟ ଶ୍ରେଣୀଗୃହ, ଇ-ଲାଇବ୍ରେରୀ, ଉନ୍ନତମାନର ଲାବୋରୋଟୋରୀ ସହ ଶୌଚାଳୟ ମହାବିଦ୍ୟାଳୟ ପରିସରରେ କରାଯିବ। ସେହିପରି ଉପାଧ୍ୟକ୍ଷ ଆଚାର୍ଯ୍ୟ କହିଥିଲେ, ପିଲାମାନଙ୍କୁ ଗଢ଼ି ତୋଳିବା ପାଇଁ ଅଧ୍ୟାପନା ଦାୟିତ୍ୱରେ ଥିବା ଗୁରୁମାନେ ହେଉଛନ୍ତି ବିଶ୍ୱକର୍ମା ସଦୃଶ। ଏଥିରେ ଅଧ୍ୟାପକ ଶିଶିରକାନ୍ତ ମହାପାତ୍ର, ପ୍ରକାଶ ରଞ୍ଜନ ଦାସ ଓ ପ୍ରଶାନ୍ତ କୁମାର ବେହେରା ସଂଯୋଜନା କରିଥିଲେ। ବିଭିନ୍ନ ସ୍ଥାନରେ ନିର୍ମାଣଧୀନ କାର୍ଯ୍ୟକୁ ପ୍ରଶାସନିକ ଅଧିକାରୀ ବୁଲି ଦେଖିଥିଲେ। ଏଥିରେ ଛାତ୍ରୀଛାତ୍ରଙ୍କ ସହ ପ୍ରଶାସନିକ ଅଧିକାରୀ ମତ ବିନିମୟ କରିଥିଲେ।

# ରାଜନଗର ବ୍ଲକ ବିଜେଡି ପକ୍ଷରୁ ଜନ ସମ୍ପର୍କ ପଦଯାତ୍ରା

ରାଜନଗର, ୮।୧୦ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ବିଜେଡି ପକ୍ଷରୁ ରବିବାର ତ୍ରିନାଥବଜାରଠାରୁ ଜନ ସମ୍ପର୍କ ପଦଯାତ୍ରା ବାହାରି ରାଜନଗର ବଜାର ଓ ଗାଁ ପରିକ୍ରମା କରିବା ପରେ ବାଇକ୍ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ଏହି ଶୋଭାଯାତ୍ରା ମହୁଲିଆ ଛକ, ଜରିମୂଳ ବଜାର, ପଶ୍ଚିମଭେଡା, ନାଥପୁର, କୁରୁଣ୍ଟି, ବ୍ରାହ୍ମଣସାହି, ବଡନାଉକୋଣା, ଜୟପୁର, ଓଲସାହି, ଗୋବର୍ଦ୍ଧନପୁର ଦେଇ ପ୍ରହରାଜପୁରରେ ପହଞ୍ଚି ଥିଲା। ପ୍ରହରାଜପୁରଠାରେ ତଟବନ୍ଧ ବିଭାଗ ପକ୍ଷରୁ ସାଢେ ୫ କୋଟି ଟଙ୍କା ବ୍ୟୟରେ ହଂସୁଆ ନଦୀ ତଟକ୍ଷୟରୁ ଅଞ୍ଚଳକୁ ରକ୍ଷା କରିବା ପାଇଁ ପଥର ପ୍ୟାକିଂ, ଲଟିଂ ଓ ଡମ୍ପିଂ କାମର ଶିଳାନ୍ୟାସ ବିଧାୟକ ଧ୍ରୁବ ସାହୁ କରିଥିଲେ। ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତଙ୍କ ସଂଯୋଜନାରେ ଅନୁଷ୍ଠିତ ପଦଯାତ୍ରା କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଉପାଧ୍ୟକ୍ଷ ଗଣେଶଚନ୍ଦ୍ର ଗୁଡିଆ, ଜିଲାପରିଷଦ ସଦସ୍ୟ ସୁରେନ୍ଦ୍ର ପ୍ରସାଦ ରାଉତ, କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଅରୁଣ କୁମାର ସାହୁ, ଆମ୍ବାର ଅଧ୍ୟକ୍ଷ ଗୋବର୍ଦ୍ଧନ ପ୍ରଧାନ, ନିର୍ବାଚନମଣ୍ଡଳୀ ସାମାଜିକ ଗଣମାଧ୍ୟମ ସଂଯୋଜକ ବିଜୟ କୁମାର ନାୟକ, ରାଜ୍ୟ ଛାତ୍ର ବିଜେଡି ଯୁବ ସମ୍ପାଦକ ବୈବର୍ତ୍ତ ନାରାୟଣ ବିଶ୍ୱାଳ, ମହିଳା ବିଜେଡି ସଭାନେତ୍ରୀ ରଶ୍ମି ରଞ୍ଜିତା ସ୍ୱାଇଁ, ଯୁବ ବିଜେଡି ସଭାପତି ଆର୍ତ୍ତବନ୍ଧୁ ମହାନ୍ତି, ଛାତ୍ର ବିଜେଡି ସଭାପତି ମନୋଜ କୁମାର ମଲିକ, ବ୍ରାହ୍ମଣସାହି ସରପଞ୍ଚ ବୀଣାପାଣି ପ୍ରଧାନ, ସମିତିସଭ୍ୟ ରବିନ ମଲିକ, ବ୍ଲକ ବିଜେଡି ସାଧାରଣ ସମ୍ପାଦକ ନରହରି ଜେନା, ବ୍ଲକ ମିଡିଆ ସଂଯୋଜକ ବିଜ୍ଞାନ ରଞ୍ଜନ ଜେନା, ସେବା ସମବାୟ ସଭାପତି ନରେଶ କୁମାର ବେହେରା, ବରିଷ୍ଠ ବିଜେଡି ନେତା ପୂର୍ଣ୍ଣଚନ୍ଦ୍ର ପଢିହାରୀ, ଆଇନଜୀବୀ ନଳିନୀକାନ୍ତ ମଙ୍ଗରାଜ, ବୀର କିଶୋର ମହାନ୍ତି, ଛାତ୍ର ନେତା ଅଂଶୁମାନ ପରିଡା, ରଜୀରାମ ସ୍ୱାଇଁ ପ୍ରମୁଖ ଶତାଧିକ କର୍ମୀ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।


ପଦଯାତ୍ରାରେ ବିଧାୟକ ଧ୍ରୁବ ସାହୁ ଓ ଅନ୍ୟମାନେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୯ ଅକ୍ଟୋବର, ୨୦୨୩



## ସଂକ୍ଷେପରେ

### ଦିନରେ ଜଳୁଛି ଷ୍ଟ୍ରିଟ୍ ଲାଇଟ୍

**ଖଣ୍ଡପଡ଼ା,୮।୧୦(ଅଜୟ କୁମାର ମହାରଣା) :** ଖଣ୍ଡପଡ଼ା ସହରର ଗଳିକନ୍ଦି ଓ ମୁଖ୍ୟରାସ୍ତା ପାର୍ଶ୍ୱରେ ଥିବା ବିଦ୍ୟୁତ୍ ଖୁଣ୍ଟରେ ଲାଗିଥିବା ଲାଇଟ୍‌ଗୁଡ଼ିକ ଦିନ ଦ୍ୱିପ୍ରହରରେ ଜଳୁଛି। ସକାଳ ହେବା ପରେ ଷ୍ଟ୍ରିଟ୍ ଲାଇଟ୍‌ଗୁଡ଼ିକୁ ବନ୍ଦ କରିବା ଦାୟିତ୍ୱରେ ଥିବା କର୍ମଚାରୀଙ୍କ ଦାୟିତ୍ୱହୀନତା ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଥିବା ଅଭିଯୋଗ ହୋଇଛି। ସ୍ୱଷ୍ଟ ଦିବାଲୋକରେ ଏଲ୍‌ଇଡି ବଲ୍‌ବଗୁଡ଼ିକ ଜଳୁଥିବା ବେଳେ ପ୍ରତିମାସରେ ଏନ୍‌ଏସି କର୍ତ୍ତୃପକ୍ଷଙ୍କୁ ବିଦ୍ୟୁତ୍ ବିଲ୍ ବାବଦରେ ଅଧିକ ଅର୍ଥ ବିଦ୍ୟୁତ୍ ବିତରଣ କମ୍ପାନୀ(ଟିପିସିଓଡିଏଲ)କୁ ପୈଠ କରିବାକୁ ପଡୁଛି। ଦିନବେଳା ବିଦ୍ୟୁତ୍ ଖୁଣ୍ଟରେ ଏଲ୍‌ଇଡି ବଲ୍‌ବ ଜଳୁଥିବାରୁ ଅଯଥାରେ ବିଦ୍ୟୁତ୍ ଶକ୍ତିର ଅପଚୟ ହେଉଛି। ଶକ୍ତି ସଂରକ୍ଷଣ ଉପରେ ରାଜ୍ୟ ସରକାର ଗୁରୁତ୍ୱାରୋପ କରୁଥିବା ବେଳେ ଏଥିପ୍ରତି ଏନ୍‌ଏସି କର୍ତ୍ତୃପକ୍ଷ ନିଘା ନ ଥିବା ପରି ମନେହେଉଛି। ତେଣୁ ଏଥିପ୍ରତି ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଅଧକ୍ଷା ଦୃଷ୍ଟି ଦେବାକୁ ଦାବି ହେଉଛି।

### ଖଣ୍ଡପଡ଼ା ବ୍ଲକର ନୂତନ ବିଡିଓ

**ଖଣ୍ଡପଡ଼ା,୮।୧୦(ଅଜୟ କୁମାର ମହାରଣା):** ଖଣ୍ଡପଡ଼ା ବ୍ଲକ କାର୍ଯ୍ୟାଳୟରେ ନୂତନବିଡିଓ ଭାବେ କାର୍ଯ୍ୟରେ ଯୋଗଦେବେ ପ୍ରଶାସନିକ ଅଧିକାରୀ ଅଙ୍କୁର ଅଭିଳାଷ। ଏ ନେଇ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ପ୍ରକାଶିତ ନିର୍ଦ୍ଦେଶନାମା ପତ୍ରରୁ ଜଣାପଡିଛି। ନୂତନ ବିଡିଓ କାର୍ଯ୍ୟରେ ଯୋଗଦେବା ପରେ ଖଣ୍ଡପଡା ବ୍ଲକ କାର୍ଯ୍ୟାଳୟରେ ଦେଖା ଦେଇଥିବା ପ୍ରଶାସନିକ ସ୍ଥାଣୁତା ଦୁର ହେବ ବୋଲି ଆଶା କରାଯାଉଛି।

### କଂସାରି ସମାଜ ସଭାପତିଙ୍କ ସ୍ମୃତିସଭା

**ଖଣ୍ଡପଡା,୮।୧୦(ଅଜୟ କୁମାର ମହାରଣା):** ନିଖିଳ ଉତ୍କଳ କଂସାରୀ ସମାଜ କେନ୍ଦ୍ରାଞ୍ଚଳ ଶାଖା ଖଳିସାହୁ ଗ୍ରୁପର ସଭାପତି ରମା ବଲ୍ଲଭ ସାହୁଙ୍କ ପରଲୋକ ହୋଇଯାଇଛି। ଏଥିପାଇଁ ରବିବାର ଅପରାହ୍ନରେ ଖଣ୍ଡପଡ଼ା ବ୍ଲକ ଅଧୀନ ଖଳିସାହି ତୋଟା ହନୁମାନ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠାନର ସମ୍ପାଦକ ବିପିନ କୁମାର ସାହୁଙ୍କ ସଭାପତିତ୍ୱରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ସାହୁ ଯକୃତ ଜନିତ ରୋଗରେ ପ୍ରାୟ ୧ ମାସ ହେବ ପୀଡ଼ିତ ଥିଲେ। ଗତ ୬ ତାରିଖରେ ତାଙ୍କ ପରଲୋକ ହୋଇଥିଲା। ଆୟୋଜିତ ସ୍ମୃତିସଭାରେ ଅନୁଷ୍ଠାନର ପୂର୍ବତନ ସଭାପତି ଅଖିଳ କୁମାର ମହାରଣା, ପୂର୍ବତନ ସମ୍ପାଦକ ଶ୍ରୀପତି ମହାରଣା, ଦଣ୍ଡପାଣି ସାହୁ, ଚର୍ତୁଭୁଜ ମହାରଣା, ଚନ୍ଦନପୁର ନାରାୟଣ ମହାପାତ୍ର, ସୁରେଷ କୁମାର ମହାରଣା, ଦୁର୍ଯ୍ୟୋଧନ ମହାରଣା, ଅଞ୍ଜନ କୁମାର ମହାରଣା, ବିଜୟ କୁମାର ମହାରଣାଙ୍କ ସମେତ ଅନୁଷ୍ଠାନର ସମ୍ପାଦକ, କୋଷାଧକ୍ଷ ଓ ୨୪ ଥାନର ଜାତିଭାଇ ଉପସ୍ଥିତ ଥିଲେ।

### ଜାତୀୟ କାର୍ଯ୍ୟକାରିଣୀ ବୈଠକରେ ଓଡ଼ିଆ ଖବରଦାତା ସମ୍ମାନିତ

**ରଣପୁର,୮।୧୦(ସୁକାନ୍ତ କିଶୋର ଡାକୁଆ)**

କେରଳର ଆଲୁଭାସ୍ଥିତ ଆଏଲି ହିଲସ ଠାରେ କେରଳ ଜର୍ନାଲିଷ୍ଟି ୟୁନିୟନ ଏବଂ ଇଣ୍ଡିଆନ ଜର୍ନାଲିଷ୍ଟି ୟୁନିୟନର ମିଳିତ ସହଯୋଗରେ ଆୟୋଜିତ ୨ଦିନିଆ ଜାତୀୟ କାର୍ଯ୍ୟକାରିଣୀ ବୈଠକ ଉଦ୍‌ଯାପିତ ହୋଇଯାଇଛି । ଏହି ବୈଠକ ଅବସରରେ ରଣପୁର ବ୍ଲକ ସୁନାଖେଳାର ଖବରଦାତା ରାଜୀବ ଲୋଚନ ପ୍ରଧାନଙ୍କୁ ସମ୍ମାନିତ କରାଯାଇଛି। ଏହି ଆୟୋଜିତ କାର୍ଯ୍ୟକ୍ରମକୁ କେରଳର ଶିଳ୍ପ ଓ ଆଇନ ମନ୍ତ୍ରୀ ପି.ରାଜୀବ ଉଦଘାଟନ କରିଥିଲେ। ଏହି ଉତ୍ସବରେ ଏମ୍‌ପି ବେନି ବେହେନାନ,ଏମ୍‌ପି ଚାଲକୁଡି, ବିଧାୟକ ଅନୁୟର ସାଦଥ, କେରଳ ମିଡ଼ିଆ ଏକାଡେମୀର ଅଧକ୍ଷ ଆର.ପି.ବାବୁ, ତେଲେଙ୍ଗାନା ମିଡ଼ିଆ ଏକାଡେମୀର ଅଧକ୍ଷ ଆଲମ ନାରାୟଣ, ଆଇଜେୟୁର ରାଷ୍ଟ୍ରୀୟ ସଭାପତି ବିନୋଦ କୋହଲି, ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଏସ୍, ସବା ନାୟକନ, କେରଳ ଜର୍ନାଲିଷ୍ଟ ୟୁନିୟନର ସାଧାରଣ ସମ୍ପାଦକ କେ ସି ସ୍ମିଝାନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଖବରଦାତାମାନଙ୍କ ସମସ୍ୟାର ସମାଧାନ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ । ବୈଠକରେ ଓଡିଶା କର୍ମଜିବୀ ସାମ୍ବାଦିକ ସଂଘର ରାଜ୍ୟ ଉପସଭାପତି ଅମୂଲ୍ୟ କୁମାର ବାରିକଙ୍କ ନେତୃତ୍ୱରେ ରାଜ୍ୟ ସମ୍ପାଦକ ରାଜୀବ ଲୋଚନ ପ୍ରଧାନ, ରାଜ୍ୟ କୋଷାଧକ୍ଷ ନିରଞ୍ଜନ ପଟ୍ଟନାୟକ ଯୋଗ ଦେଇଥିଲେ। ସାମାଜିକ କାର୍ଯ୍ୟ ପାଇଁ ପ୍ରଧାନଙ୍କୁ ସମ୍ମାନୀତ କରାଯାଇଥିଲା।

# ସାଇବର ସୁରକ୍ଷା ଉପରେ ସଚେତନତା

**ଖଣ୍ଡପଡ଼ା,୮।୧୦(ଅଜୟ କୁମାର ମହାରଣା)**

ଦିନକୁ ଦିନ ସାରା ରାଜ୍ୟରେ ସାଇବର ଠକେଇ ଓ ଅପରାଧ ବୃଦ୍ଧି ପାଇବାରେ ଲାଗିଛି। ବିଭିନ୍ନ ସମୟରେ ସାମାନ୍ୟ ଅସାବଧାନତାରୁ ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ପୋଲିସ କର୍ମଚାରୀ ଓ ରାଜନେତା, ଲୋକ ପ୍ରତିନିଧି ଅବା ଛାତ୍ରୀଛାତ୍ର ଏହି ଠକେଇର ଶୀକାର ହେଉଛନ୍ତି। ଏହାକୁ ଦୂର କରିବା ତଥା ଲୋକ ମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ରାଜ୍ୟରେ ସାଇବର ସୁରକ୍ଷା ରଥ ପରିକ୍ରମା ଅଭିଯାନ ଚାଲୁ ରହିଛି। ଏହି ଅବସରରେ ଖଣ୍ଡପଡ଼ା ମଧୁବନ ନୋଡାଲ ବିଦ୍ୟାଳୟ ପ୍ରାଙ୍ଗଣରେ ପୋଲିସ ପକ୍ଷରୁ ସାଇବର ସୁରକ୍ଷା ଅଭିଯାନ ରବିବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ଗିରିଜା ଶଙ୍କର ତରାସିଆ, ଅତିରିକ୍ତ ବ୍ଲକ ଉନ୍ନୟନ ଅଧିକାରୀ ସୁବାସ ଚନ୍ଦ୍ର ସେଠୀ, ପଠାଣି ସାମନ୍ତ ନାଗରିକ ଫୋରମର ସଭାପତି ଅଖିଳ କୁମାର ମହାରଣା, ବ୍ଲକ ଅଧକ୍ଷା ଉପମା ବେହେରା, ଉପାଧକ୍ଷ ଶିଶିର କୁମାର ସାହୁ, ଓଡିଶା ଆଦର୍ଶ ବିଦ୍ୟାଳୟର ଅଧକ୍ଷ ମନୋଜ କୁମାର ବିଶ୍ୱାଳ, ଆଇନଜିବି ସଂଗ୍ରାମ କେଶରୀ ମିଶ୍ର, ପଣ୍ଡିତ ମନୋଜ ଦାଶ ପ୍ରମୁଖ ମିଳିତ ଭାବେ ଉକ୍ତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଖଣ୍ଡପଡା ଏସଡିପିଓ ପ୍ରଭାତ କୁମାର ମଲିକ ସଂଯୋଜନା କରିବା ସହ ସାଇବର ସୁରକ୍ଷା ଅଭିଯାନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସାଇବର ସୁରକ୍ଷା ରଥ ଖଣ୍ଡପଡ଼ାରେ ଆସି ପହଞ୍ଚିବା ପରେ ବିଦ୍ୟାଳୟର ଛାତ୍ରୀଛାତ୍ର, ଯୁବ ସଙ୍ଗଠନର ସଦସ୍ୟ ଓ ମାନ୍ୟଗଣ୍ୟ ବ୍ୟକ୍ତିମାନେ ରଥକୁ ସ୍ୱାଗତ କରିଥିଲେ। ଏହି ଅବସରରେ ଆୟୋଜିତ ବିଦ୍ୟାଳୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତାରେ କୃତୀତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ। ଅନୁଷ୍ଠାନର ଛାତ୍ରୀ ଛାତ୍ର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

ଅପରାହ୍ନରେ କଣ୍ଟିଲୋ ଫାଣ୍ଡି ଅଧିକାରୀ ରମେଶ ଚନ୍ଦ୍ର ଜେନାଙ୍କ ତତ୍ତ୍ୱାବଧାନରେ ନୀଳମାଧବ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅଧକ୍ଷ ରଞ୍ଜିତ କୁମାର ତ୍ରିପାଠୀଙ୍କ ଅଧକ୍ଷତାରେ ତଥା ଶିକ୍ଷା ବିଭାଗ ଅଧାପକ ରମେଶ କୁମାର ସାହୁଙ୍କ ସଂଯୋଜନାରେ ସାଇବର ସୁରକ୍ଷା ଅଭିଯାନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଖଣ୍ଡପଡା ଏସ୍‌ଡିପିଓ ପ୍ରଭାତ କୁମାର ମଲିକ ଯୋଗଦେଇ ସାଇବର ଠକେଇ କ'ଣ ଓ ଏହାକୁ କିପରି ଭାବେ ଦୂରେଇ ହେବ ସେ ସମ୍ପର୍କରେ ନିଜର ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ସମ୍ମାନୀତ ଅତିଥି ଭାବେ କଣ୍ଟିଲୋ ଓ ବାଣପୁର ସରପଞ୍ଚ ଯଥାକ୍ରମେ ଶ୍ରୀୟାରାଣୀ ବେହେରା ଓ ପ୍ରତିମା ପ୍ରଧାନ, ସାମାଜିକ କର୍ମୀ ଅଖିଳ କୁମାର ମହାରଣା, ସମବାୟବିତ୍ ଶରତ ଚନ୍ଦ୍ର ମହାରଣା, ଖବରଦାତା ପ୍ରଭାକର ଶିରୋମଣି, ଖଣ୍ଡପଡା ଥାନା ଅଧିକାରୀ ସ୍ୱାଇଁ ପ୍ରମୁଖ ଯୋଗଦେଇ ସାଇବର ଅପରାଧ ସମ୍ପର୍କରେ ଆଲୋକପାତ କରିଥିଲେ।



ସଚେତନତା କାର୍ଯ୍ୟକ୍ରମରେ ଜଣେ କୃତୀ ଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

# ଗଣଦୌଡ଼, ସାଇବର ସୁରକ୍ଷା ବାର୍ତ୍ତା

**ନୟାଗଡ଼,୮।୧୦(ଲୋକନାଥ ମିଶ୍ର)**

ଗଣ ଦୌଡ ଓ ସଚେତନତାରେ ସାଇବର ସୁରକ୍ଷା ବାର୍ତ୍ତା ଦେଇଛି ଜିଲା ପୋଲିସ। ସକାଳୁ ନୟାଗଡ଼ ପୋଲିସ ଟ୍ରେନିଂ ସ୍କୁଲ(ପିଟିଏସ୍ ) ପଡିଆଠାରୁ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ସାଇବର ସୁରକ୍ଷା ସଚେତନତା ଓ ଗଣଦୌଡ ଅନୁଷ୍ଠିତ ହୋଇଥିଲା । ଜଗନ୍ନାଥ ମନ୍ଦିର ସମ୍ମୁଖରେ ଛାତ୍ରୀଛାତ୍ରମାନଙ୍କୁ ନେଇ ସାଇବର ସୁରକ୍ଷା ଉପରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କଲେଜ ଛାତ୍ରୀଛାତ୍ର ପିଟିଏସ୍ କର୍ମଚାରୀ ଓ ନୟାଗଡ଼ରେ ଥିବା ବିଭିନ୍ନ ଏକାଡେମୀର ଯୁବତୀ,ଯୁବକମାନେ ଗଣଦୌଡରେ ସାମିଲ ହୋଇଥିଲେ । ରକ ଷ୍ଟାର୍ ଡ୍ୟାନ୍ସ ଗ୍ରୁପ ପକ୍ଷରୁ ସାଇବର ସୁରକ୍ଷା ଉପରେ ନାଟକ 'ସୁରଭି' ମଞ୍ଚସ୍ଥ କରାଯାଇଥିଲା। ଗଣଦୌଡ ପ୍ରତିଯୋଗୀତାରେ ଟିକନ ନାୟକ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ନିରଞ୍ଜନ ସାହୁ ଦ୍ୱିତୀୟ ଓ ଲକ୍ଷ୍ମଣ କେରାଇ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। କୃତି ପ୍ରତିଯୋଗୀଙ୍କୁ ଅତିଥି ସାର୍ଟିଫିକେଟ, ମେଡାଲ ଓ ଟ୍ରଫି ପ୍ରଦାନ କରିଥିଲେ। ସେହିପରି ମହିଳା ବର୍ଗରେ ସୁଚିତ୍ରା ମାଝି ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ତାଙ୍କୁ ମଧ୍ୟ ସାର୍ଟିଫିକେଟ, ମେଡାଲ ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଏଥିସହ ଗଣ ଦୌଡରେ ସାମିଲ ହୋଇଥିବା ୫୦ ଜଣଙ୍କୁ ସାନ୍ତ୍ୱନାମୂଳକ ଭାବେ ସାର୍ଟିଫିକେଟ ଓ ମେଡାଲ ପ୍ରଦାନ କରାଯାଇଥିଲା । ଜଗନ୍ନାଥ ମନ୍ଦିର ନିକଟରେ ନୟାଗଡ଼ ଜିଲା ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନ ସାଇବର ସୁରକ୍ଷା ଉପରେ ନିଜେ ସୁରକ୍ଷିତ ରହିବା ସହ ଅନ୍ୟମାନେ କିପରି ସୁରକ୍ଷିତ ରହିବେ ସେଥି ନିମନ୍ତେ ସମସ୍ତଙ୍କୁ ସଚେତନତା କରାଇବା ଆବଶ୍ୟକ ବୋଲି ଅଭିଭାଷଣ ରଖିଥିଲେ । କାର୍ଯ୍ୟକ୍ରମରେ ନୟାଗଡ଼ ପୌରାଞ୍ଚଳ ଅଧକ୍ଷା ନିରୁପମା ଖଟେଇ, ଉପାଧକ୍ଷ ଗୁରୁପ୍ରସାଦ ଜେନା, ଜିଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁଚାରୁ ବଳ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁବାସ ଚନ୍ଦ୍ର ପଣ୍ଡା, ଏସଡିପିଓ ସ୍ନେହାଶିଷ ସାହୁ, ଜିଲା ପୋଲିସର ବରିଷ୍ଠ ଅଧିକାରୀ, ଇଟାମାଟି, ଟାଉନ ଥାନା ଓ ସଦର ଥାନା ଆଇଆଇସି ମାନେ ଉପସ୍ଥିତ ରହିବା ସହ ସମସ୍ତ ଥାନାର କର୍ମଚାରୀମାନେ ସାମିଲ ହୋଇଥିଲେ ।



ଗଣ ଦୌଡ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ।

## ପୋଖରୀରେ ବୁଡ଼ି ନାବାଳିକାଙ୍କ ମୃତ୍ୟୁ

**ରାୟଗଡ଼,୮।୧୦(ଜ୍ୟୋତି ପ୍ରସାଦ ପାଣି)**

ରାୟଗଡ଼ ବ୍ଲକ ଗଣ୍ଡାହାତୀ ପଞ୍ଚାୟତ ତାମତରା ଗ୍ରାମର ଜଣେ ନାବାଳିକାଙ୍କ ପୋଖରୀରେ ବୁଡି ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ସେ ହେଲେ ଉକ୍ତ ଗ୍ରାମର ସୁଙ୍କୁ ମଣ୍ଡଳଙ୍କ ଝିଅ ସୁଜାତା (୯) । ଶନିବାର ଗ୍ରାମ ନିକଟ ଗଡ଼ାସିଂ ପୋଖରୀରକୁ ସୁଜାତା ଶୌଚ ପାଇଁ ଯାଇ ଆଉ ଘରକୁ ଫେରି ନ ଥିଲେ। ସନ୍ଧ୍ୟାରେ ପରିବାର ଲୋକେ ତାଙ୍କୁ ବହୁ ଖୋଜାଖୋଜି କରି ପୋଖରୀ ନିକଟକୁ ଯିବାରେ ତୁଠରେ ଚପଲ ଥିବା ଦେଖିଥିଲେ। ଗ୍ରାମର କେତେଜଣ ଲୋକ ପୋଖରି ଭିତରରେ ପଶି ବହୁ ସମୟ ଧରି ଖୋଜା ଖୋଜି କରି ସୁଜାତାଙ୍କୁ ଉଦ୍ଧାର କରି ତୁରନ୍ତ ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଗାରାବନ୍ଧ ଥାନାରେ ୪/୨୩ରେ ଏକ ଅପମୃତ୍ୟୁ ମାମଲା ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯିବ ବୋଲି ତଦନ୍ତକାରୀ ଅଧିକାରୀ ଏସ୍ ଆଇ ନାରାୟଣ ଦାସ କହିଛନ୍ତି। ଖବରପାଇ ଟିଡ଼ିସିସି ଡାଇରେକ୍ଟର ଅନ୍ତର୍ଯ୍ୟାମୀ ଗମାଙ୍ଗ ଓ ବରିଷ୍ଠ ବିଜେଡ଼ି ନେତା ଟି. ବିଶ୍ୱନାଥ ମେଡ଼କାଲରେ ପହଞ୍ଚି ପରିବାର ଲୋକଙ୍କୁ ସମବେଦନା ଜଣାଇଛନ୍ତି।

# ଶ୍ମଶାନକୁ ଯିବା ପୂର୍ବରୁ ମୃତଦେହ ଜବତ

**ଗୋପାଳପୁର ୮।୧୦ (ନବୀନ ରାଜ ଆଚାରୀ )**

ଗଞ୍ଜାମ ଜିଲା ଅନ୍ତର୍ଗତ ଆଲ୍ଲୀପୁର ଛକର ଜଣେ ଯୁବକଙ୍କ ସମ୍ବଲପୁରରେ ମୃତ୍ୟୁ ହୋଇଥିଲା। ଗ୍ରାମକୁ ଆଣି ଶ୍ମଶାନକୁ ଶେଷକୃତ୍ୟ ପାଇଁ ନେବା ବେଳେ ଗୋପାଳପୁର ଥାନା ପୋଲିସ ମୃତଦେହ ଜବତ କରିଛି । ସେ ହେଲେ ବଳରାମ ସାହୁ (୩୭)। ପୋଲିସ ସୂଚନା ଅନୁସାରେ, ଏହି ଥାନା ଅଧୀନ ମୃତକ ବଳରାମ ଗତ ୨୮ ତାରିଖରେ ସମ୍ବଲପୁରରେ ରହୁଥିବା ତାଙ୍କ ସାଙ୍ଗ ବୁଲୁଙ୍କ ନିକଟକୁ ଯାଇଥିଲେ। ସେଠାରେ ବଳରାମ ଶନିବାର ଶୌଚ ହେବାକୁ ଯାଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ସେ ଶୌଚାଳୟରୁ ନ ବାହାରିବାରୁ ବୁଲୁ କବାଟ ପିଟି ଥିଲେ। କିନ୍ତୁ ନ ଖୋଲିବାରୁ ପୋଡ଼ଶୀଙ୍କ ଉପସ୍ଥିତିରେ କବାଟ ଭାଙ୍ଗାଯାଇଥିଲା। ବଳରାମ ଶୌଚାଳୟ ପରିସରରେ ପଡିଥିବା ବେଳେ ନିଶ୍ୱାସ ପ୍ରଶ୍ୱାସ ଯାଉନଥିବା ଜାଣି ତାଙ୍କ ପରିବାରକୁ ଜଣାଇଥିଲେ। ପରିବାର ପକ୍ଷରୁ ବଳରାମଙ୍କ ମୃତ ଶରୀରକୁ ନିଜ ଗ୍ରାମ ଅଲ୍ଲିପୁର ଛକରେ ରହୁଥିବା ଘରକୁ ଆଣିବା ପାଇଁ କହିଥିଲେ। ଶନିବାର ସନ୍ଧ୍ୟାରେ ବୁଲୁଙ୍କ ପକ୍ଷରୁ ବଳରାମଙ୍କ ମୃତ ଶରୀରକୁ ବ୍ରହ୍ମପୁରଠାରେ ପରିବାରକୁ ହସ୍ତାନ୍ତର କରିଥିବା ବାପା ଅଭିରାମ ସାହୁ କହିଛନ୍ତି । ବଳରାମଙ୍କ ପରିବାର ଲୋକେ ମୃତଦେହକୁ ଶ୍ମଶାନକୁ ନେବା ପାଇଁ ପ୍ରସ୍ତୁତି ସରିଥିବା ବେଳେ ସ୍ତ୍ରୀ ଗୀତାଞ୍ଜଳି ବଳରାମର ମୃତ୍ୟୁକୁ ସନ୍ଦେହ କରି ଗୋପାଳପୁର ଥାନାରେ ଅଭିଯୋଗ କରିଥିଲେ । ପୋଲିସ ପହଞ୍ଚି ମୃତଦେହ ଜବତ କରି ନଂ.୧୯/୨୩ରେ ଅପମୃତ ମାମଲା ରୁଜୁ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ମେଡିକାଲ ପଠାଇଥିଲା। ରବିବାର ବ୍ୟବଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇ । ଏ ନେଇ ବଳରାମର ବାପାଙ୍କସହ ଯୋଗାଯୋଗ ବେଳେ ସେ କହିଛନ୍ତି ଯେ ତାଙ୍କ ପୁଅ ବଳରାମ ଜଣେ ହୃଦରୋଗୀ ଥିବା ସହ ମେଡିସିନ ଖାଉଥିଲେ। ଅନ୍ୟପଟେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ରହସ୍ୟ ଜଣାପଡିବ ବୋଲି ପୋଲିସ କହିଛି।

## ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ

**ଦିଗପହଣ୍ଡି,୮।୧୦(ଅଶେଷ ନାଥ ମିଶ୍ର)**

ଦିଗପହଣ୍ଡି ବ୍ଲକ ବି.ତୁରୁବୁଡ଼ି ପଞ୍ଚାୟତ ମରେଇବାଡ଼ି ଗ୍ରାମ ସ୍ଥିତ ମା' ଖେମୁଣ୍ଡି କାଲୁଆ ମନ୍ଦିର ପରିସରରୁ 'ମୋ ମାଟି ମୋ ଦେଶ' କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଭାଜପାର ପୂର୍ବତନ ରାଜ୍ୟ ସମ୍ପାଦକ ଶ୍ରୀକାନ୍ତ ପାଢ଼ୀ ଅତିଥି ଭାବେ ଯୋଗଦେଇଥିଲେ। କର୍ମୀମାନେ ଘରକୁ ଘର ବୁଲି ମାଟି ସଂଗ୍ରହ କରିଥିଲେ। ସିମାଞ୍ଚଳ ସାସମଲ, ବିକାଶ ରେଡ୍ଡୀ, ବେଣୁ ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଅଟୋରିକ୍ସା ସହ ୪୦ କେଜି ଗଞ୍ଜେଇ ଜବତ

**ନୟାଗଡ଼,୮।୧୦(ଲୋକନାଥ ମିଶ୍ର)**

**୨ଗଞ୍ଜେଇ ବ୍ୟବସାୟୀ ଗଲେ ଜେଲ**

ନୟାଗଡ଼ ଅବକାରୀ ବିଭାଗର ମୋବାଇଲ ସ୍କ୍ୱାଡ୍ ମହିପୁର ଛକ ନିକଟରୁ ଅଟୋରିକ୍ସା ସହ ୪୦ କେଜି ଗଞ୍ଜେଇ ଜବତ କରିଛି। ଜବତ ଗଞ୍ଜେଇର ଦାମ ପ୍ରାୟ ୪ ଲକ୍ଷ ଟଙ୍କା ହେବ। ଏହି ଘଟଣାରେ ଗିରଫ ହୋଇଥିବା ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ଡାବରଧୁଆପାଟଣା ଗାଁର ସୀତାକାନ୍ତ ରାଉତ(୩୭) ଓ ଭଦ୍ରକ ଜିଲା ଚାନ୍ଦବାଲି ଥାନା ଚାନ୍ଦବାଲିର ବିଦ୍ୟାସାଗର ମହାପାତ୍ର(୩୨)ଙ୍କ ଜାମିନ ନାମଞ୍ଜୁର ପରେ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି। କନ୍ଧମାଳରୁ ଭୁବନେଶ୍ୱର ଅଭିମୁଖେ ଏକ ଅଟୋରିକ୍ସା ଯାଉଥିଲା। ଖବର ପାଇ ଅବକାରୀ ବିଭାଗର ମୋବାଇଲ ସ୍କ୍ୱାଡ ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ.ଜାତୀୟ ରାଜପଥର ମହିପୁର ଛକଠାରେ ଉକ୍ତ ଅଟୋରିକ୍ସା(ନଂ.ଓଡି୨୫ ଏଫ ୯୬୯୯) ସହ ଗଞ୍ଜେଇ ଜବତ କରିଥିଲେ । ଏନେଇ ୨୦୭/୨୩ରେ ମାମଲା ରୁଜୁ ହୋଇଛି ।

# ବୋଲେରୋ ଜବତ, ୨ ପୋଢ଼ ଉଦ୍ଧାର

**ନୟାଗଡ଼,୮।୧୦(ଲୋକନାଥ ମିଶ୍ର):** ନୟାଗଡ଼ ସଦର ଥାନା ପୋଲିସ ଖଣ୍ଡୁଗାଁଠାରୁ ବୋଲେରୋ ଜବତ କରିବା ସହ ୨ପୋଢ଼ ଉଦ୍ଧାର କରିଛି । ଏହି ଘଟଣାରେ ଖେଡପଡା ଗାଁର ପ୍ରଦୀପ କୁମାର ଚୌଧୁରୀ ଓ ବୃନ୍ଦାବନପୁର ଧମଣେଇ ଗାଁର ପୀତବାସ ବେହେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ଉଭୟଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି। ବୋଲେରୋ ଯୋଗେ ଖଣ୍ଡୁଗାଁରୁ ୨ଟି ପୋଢ଼ ଓଡି୨୫ ସି ୭୩୦୫ ନଂ. ବୋଲୋରୋରେ ଚାଲାଣ ହେଉଥିଲା। ଖବର ପାଇ ପୋଲିସ ଚଢ଼ାଉ କରି ପୋଢ଼ ଉଦ୍ଧାର କରି ୧୮୪/୨୩ରେ ମାମଲା ରୁଜୁ କରିଛି ।

# ପିଇବା ସଫା ପାଣି ଉପରେ ସଚେତନତା




ଏନ୍‌ସିସି ପକ୍ଷରୁ ବାହାରିଥିବା ସଚେତନତା ଶୋଭାଯାତ୍ରା।

**ନୟାଗଡ଼,୮।୧୦(ଲୋକନାଥ ମିଶ୍ର)**

ଜଳର ସଦୁପଯୋଗ ଓ ପରିବେଶ ନିର୍ମଳ ରଖିବା ଉପରେ ପିଇବା ସଫା ପାଣି,'କହିବା ମିଠା ବାଣୀ 'ଉପରେ ସଚେତନତା ସୃଷ୍ଟି କରାଯାଇଛି । ନୟାଗଡ଼ ବ୍ରଜେନ୍ଦ୍ର ହାଇସ୍କୁଲର ୫୦ ଜଣ ଏନସିସି କ୍ୟାଡେଟ ଏନେଇ ସାଇକେଲ ରାଲିରେ ରବିବାର ସକାଳେ ନୟାଗଡ଼ ସହର ପରିକ୍ରମା କରିଥିଲେ। ବ୍ରଜେନ୍ଦ୍ର ହାଇସ୍କୁଲର ପ୍ରଧାନଶିକ୍ଷକ ଉମାକାନ୍ତ ସେଠୀ ଉକ୍ତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏନ୍‌ସିସି ଅଫିସର ଅଜୟ କୁମାର ମିଶ୍ର ସମସ୍ତ କାର୍ଯ୍ୟକ୍ରକୁ ପରିଚାଳନା କରିଥିଲେ।

# ଓଡ଼ିଶାବାସୀଙ୍କ ସ୍ୱାଭିମାନ ରକ୍ଷା ପାଇଁ ବିଜେଡିର ସଂଗ୍ରାମ ଜାରି

**ଚିକିଟି,୮।୧୦(ପ୍ରକାଶ ଚନ୍ଦ୍ର ସାହୁ)/ ଆସିକା(ସୁରେନ୍ଦ୍ରନାଥ ସାହୁ)**

ଚିକିଟି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନୂଆପଡା ଗ୍ରାମରେ ରବିବାର ବିଜେଡିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିଲାଗି ଆୟୋଜିତ ଏକ ସାଧାରଣ ସଭାରେ ସ୍ଥାନୀୟ ବିଧାୟିକା ତଥା ରାଜ୍ୟ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ ଯୋଗାଦଇ ଓଡିଶାବାସୀଙ୍କ ସ୍ୱାର୍ଥ ଓ ସ୍ୱାଭିମାନକୁ ରକ୍ଷା କରିବା ପାଇଁ ବିଜେଡି ଦଳ ସଂଗ୍ରାମ ଜାରି ରଖିଛି ବୋଲି କହିଥିଲେ। ପଦଯାତ୍ରାରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ବ୍ରହ୍ମପୁର ମହାନଗର ନିଗମର ମେୟର ସଂଘମିତ୍ରା ଦଳେଇ, ବିଜେଡି ଜିଲା ସଭାପତି ଡ଼ା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ରାଜ୍ୟ କାଜୁ ଉନ୍ନୟନ ନିଗମ ଅଧକ୍ଷ ସୁବାଷ ମହାରଣା, ଜିଲା ପରିଷଦ ଅଧକ୍ଷା ଅଞ୍ଜଳି ସ୍ୱାଇଁ, ଚିକିଟି ଏନଏସି ଅଧକ୍ଷା ଦୀପା କୁମାରୀ ସାହୁ, ଭବାନୀ ଶଙ୍କର ସାହୁ, ସଚ୍ଚିଦାନନ୍ଦ ରାଜଗୁରୁଙ୍କ ସମେତ ୫ ହଜାରରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧକ୍ଷ ଆପନା ସେଠୀ, ବ୍ଲକ ବିଜେଡି ସଭାପତି ହାରନ୍ଧ ରେଡ୍ଡୀ,ବରିଷ୍ଠ ନେତା ବି.କୃଷ୍ଣମୂର୍ତ୍ତି, ସୁରେନ୍ଦ୍ର ମଣ୍ଡଳ, ରାମନାଥ ପାଣିଗ୍ରାହୀ, ଭଗବାନ ଗନ୍ତାୟତ, ଏସ.ଧର୍ମାରାଜ, ଲାଲମେଣ୍ଟା ପଞ୍ଚାୟତର ପୂର୍ବତନ ସରପଞ୍ଚ ବାରିକ ପ୍ରଧାନ, ନୂଆପଡା ସରପଞ୍ଚ ବି. ସନମୁଖପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଆସିକା ବ୍ଲକର ବାଲିଛାଇ ପଞ୍ଚାୟତରେ ବିଧାୟିକା ମଞ୍ଜୁଳା ସ୍ୱାଇଁଙ୍କ ନେତୃତ୍ୱରେ ଜନସମ୍ପର୍କ ପଦଯାତ୍ରା ହୋଇଛି। ବିଧାୟିକାଙ୍କ ସମେତ ଗଞ୍ଜାମ ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ଯୁବନେତା ଭଗବାନ ସାହୁ, ବ୍ଲକ ଉପାଧକ୍ଷା ରେସମା ଦୋରା, ଏନଏସି ଉପାଧକ୍ଷା ଜୟନ୍ତୀ ବିଷୋୟୀ, ଦିଲୀପ ପାଣିଗ୍ରାହୀ, ସୂର୍ଯ୍ୟକାନ୍ତ ପରିଡା, ମନୋଜ କୁମାର ଦୋରାଙ୍କ ସମେତ ବହୁ ସରପଞ୍ଚ ଓ ସମିତିସଭ୍ୟ ବିଭିନ୍ନ ଗ୍ରାମକୁ ଯାଇ ବିଜେଡି ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ। ରାଜ୍ୟରେ ବିକାଶର ଧାରାକୁ ଅଧିକ ଗତିଶୀଳ କରିବା ଲାଗି ବିଜେଡି ସରକାରକୁ ଅଧିକ ଶକ୍ତିଶାଳୀ କରିବା ଲାଗି ଲୋକଙ୍କୁ ନିବେଦନ କରାଯାଇଥିଲା।

# ଯୁବଗୋଷ୍ଠୀ ସଚେତନ ହେଲେ ସାଇବର ଅପରାଧ କମିବ



ସଚେତନତା କାର୍ଯ୍ୟକ୍ରମରେ ଭାଗ ନେଇଥିବା ଛାତ୍ରୀଛାତ୍ର।

**ଭଞ୍ଜନଗର,୮।୧୦(ବାବୁଲା ପ୍ରଧାନ)**

ଭଞ୍ଜନଗର ଆମ ପୋଲିସ ସମିତି, ଗଞ୍ଜାମ ଜିଲା ପୋଲିସ ଏବଂ କ୍ରାଇମବ୍ରାଞ୍ଚ ଅପରାଧ ଶାଖା ପକ୍ଷରୁ ମିଳିତ ଭାବେ ରବିବାର ଭଞ୍ଜନଗର ସହରରେ ଏକ ସଚେତନତା ରାଲି ହୋଇଥିଲା। କେ ଏସ ୟୁ ବି କଲେଜ, ସାବିତ୍ରୀ ମହିଳା ମହାବିଦ୍ୟାଳୟ, ଘୁମୁସର ନର୍ସିଂ କଲେଜ, ବିଇଡି କଲେଜ ଛାତ୍ରୀଛାତ୍ରଙ୍କ ସମେତ 'ବିପଦର ବନ୍ଧୁ' କର୍ମକର୍ତ୍ତାମାନେ ଭାଗ ନେଇଥିଲେ। ଅନୁଷ୍ଠିତ ସଚେତନତା ସଭାରେ ଡିଏଫଓ ସୁଦର୍ଶନ ବେହେରା, ଭଞ୍ଜନଗର ଏଏସପି ପ୍ରଫୁଲ୍ଲ କୁମାର ବଡଜେନା, ଏସ୍‌ଡିପିଓ ବିଶ୍ୱାମିତ୍ର ହରପାଲ, ଥାନା ଅଧିକାରୀ ଭଗବାନ ପୂଜାରୀ, ନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବ କର, ଟାଟା ପାୱାର ସହକାରୀ ଯନ୍ତ୍ରୀ ବେହେରା, ଏସଡିଏମଓ ଡଃ ସିତାଂଶୁ ସତପଥୀ ପ୍ରମୁଖ ଯୋଗଦେଇ ଯୁବଗୋଷ୍ଠୀ ସଚେତନ ହେଲେ ସାଇବର ଅପରାଧ କମିବ ବୋଲି କହିଥିଲେ।

# ୧୭ରୁ ଆଇଆରଇଏଲ୍ କମ୍ପାନୀ ସମ୍ମୁଖରେ ଧାରଣା

**ଛତ୍ରପୁର,୮।୧୦ (ଦିଲ୍ଲୀପ ସାମଲ)**

**ମୃତ କର୍ମଚାରୀଙ୍କ ପରିବାର ସଦସ୍ୟଙ୍କୁ ନିଯୁକ୍ତି ଦାବି**

ସ୍ଥାନୀୟ ଆଇଆରଇଏଲ୍ କମ୍ପାନୀର ମୃତ କର୍ମଚାରୀ ପରିବାର ସଦସ୍ୟଙ୍କୁ ନିଯୁକ୍ତି ଦେବାରେ ଅହେତୁକ ବିଳମ୍ବ ଯୋଗୁଁ ମୃତକ ପରିବାର ସଦସ୍ୟମାନେ ପୁଣି ଆନ୍ଦୋଳନକୁ ଓହ୍ଲାଇବେ। ଆସନ୍ତା ୧୭ ତାରିଖରୁ ଦାବି ପୂରଣ ହେଲା ପର୍ଯ୍ୟନ୍ତ କମ୍ପାନୀ ମୁଖ୍ୟ ଫାଟକ ସମ୍ମୁଖରେ ଧାରଣା ଦେବେ ବୋଲି ମୃତକଙ୍କ ପରିବାର ସଦସ୍ୟମାନେ କହିଛନ୍ତି। ଏ ସମ୍ପନ୍ଧରେ ରବିବାର ଏ.ତୋଟାପଲ୍ଲୀସ୍ଥିତ ବ୍ୟାଘ୍ରଦେବୀ ମନ୍ଦିର ପ୍ରାଙ୍ଗଣରେ ଶ୍ରମିକ ନେତା ଅଜୟ କୁମାର ଚୌଧୁରୀଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଆଇନଜୀବୀ ରାମଚନ୍ଦ୍ର ବେହେରା, ନାରୀନେତ୍ରୀ ନିଳାଦ୍ରୀ ପ୍ରଧାନ ପ୍ରମୁଖ ଯୋଗଦେଇ ମୃତକଙ୍କ ପରିବାର ସଦସ୍ୟଙ୍କୁ କମ୍ପାନୀ ପକ୍ଷରୁ ତୁରନ୍ତ ନିଯୁକ୍ତି ପ୍ରଦାନ କରିବା ନିମନ୍ତେ ସେମାନେ ଦାବି କରିଥିଲେ। ନଚେତ ଆଗାମୀ ଦିନରେ ସେମାନଙ୍କ ହକ୍ ନିମନ୍ତେ ବଡ ଧରଣର ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଥିଲେ। ପୂର୍ବରୁ ବହୁବାର ଆନ୍ଦୋଳନ କରାଯିବ ସହିତ କମ୍ପାନୀ, ଜିଲା ପ୍ରଶାସନ ଠାରୁ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ଅବଗତ କାରଯାଇଥିଲେ ମଧ କମ୍ପାନୀ କର୍ତ୍ତୃପକ୍ଷ ଗୁରୁତ୍ୱ ଦେଉନାହାନ୍ତି। ଫଳରେ ମୃତକଙ୍କ ପରିବାରବର୍ଗ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେମାନଙ୍କୁ ନିଯୁକ୍ତି ପ୍ରଦାନ ଦେବା ନିମନ୍ତେ ବିଭିନ୍ନ ନିୟମାବଳୀ ରହିଥିଲେ ସୁଦ୍ଧା କମ୍ପାନୀ କର୍ତ୍ତୃପକ୍ଷ ସେମାନଙ୍କୁ ନିଯୁକ୍ତି ଦେବାରେ କାହିଁକି ବିଳମ୍ବ କରୁଛନ୍ତି ତାହା ସନ୍ଦେହଜନକ ବୋଲି ସେମାନେ କହିଛନ୍ତି। ଏହି ବୈଠକରେ ବାହିନୀପତି ବେହେରା, ସୁବ୍ରତ କୁମାର ରଥ, ତପନ କୁମାର ପାତ୍ର, ଜିତୁ ରଣସିଂହ, ରଞ୍ଜିତ କୁମାର ବେହେରା, ମହମ୍ମଦ ନାସିରମୁଦ୍ଦିନ ଓ ଅବନୀକାନ୍ତ ସାହୁଙ୍କ ସମେତ ବହୁ ମୃତକଙ୍କ ପରିବାରର ସଦସ୍ୟ ଉପସ୍ଥିତ ଥିଲେ ।




ବୈଠକରେ ଉପସ୍ଥିତ ଶ୍ରମିକ ନେତା ଓ ଅନ୍ୟମାନେ।

